# ଉତ୍କଳ ପ୍ରସଙ୍ଗ

୬୩୪୨
୨୨।୧।୯୩







## ଏକ ବଳିଷ୍ଠ ସମାଜ ଗଠନ ପାଇଁ ଶିଶୁ କଲ୍ୟାଣ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେବାକୁ ଗୋଷ୍ଠୀ ଉନ୍ନୟନ ମନ୍ତ୍ରୀଙ୍କ ପରାମର୍ଶ

୧୯୭୯ ଜୁନ ୧ ତାରିଖ ଦିନ ଭୁବନେଶ୍ୱରଠାରେ ୯ ଦିନିଆ ରାଜ୍ୟସ୍ତରୀୟ ଶିଶୁ ଅବସର ବିନୋଦନ ଶିବିର ତଥା ଶିଶୁମେଳା ଉଦ୍‌ଘାଟିତ ହୋଇଯାଇଛି । ଆନ୍ତର୍ଜାତିକ ଶିଶୁ ବର୍ଷ ଉପଲକ୍ଷେ ରାଜ୍ୟ ସମାଜ ମଙ୍ଗଳ ବୋର୍ଡ ଏବଂ ଗ୍ରାମଗୋଷ୍ଠୀ ଓ ସମାଜ କଲ୍ୟାଣ ବିଭାଗ ଉଦ୍ୟମରେ ଏହି ମେଳା ଆୟୋଜିତ ହୋଇଥିଲା । ରାଜ୍ୟର ୧୬୫ଟି ଶିକ୍ଷାନୁଷ୍ଠାନ ତଥା ସ୍ୱେଚ୍ଛାସେବୀ ଅନୁଷ୍ଠାନରୁ ୪ ହଜାର ୩୩୦ ଜଣ ଶିଶୁ ଏହି ଉତ୍ସବରେ ଯୋଗ ଦେଇଥିଲେ ।

ଗୋଷ୍ଠୀ ଉନ୍ନୟନ ଓ ସମାଜ କଲ୍ୟାଣ ମନ୍ତ୍ରୀ ଶ୍ରୀ ପ୍ରତାପଚନ୍ଦ୍ର ମହାନ୍ତି ଏହି ଉତ୍ସବ ଉଦ୍‌ଘାଟନ କରି କହିଲେ ଯେ ଓଡ଼ିଶାରେ ବହୁ ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିବାରୁ ପିତାମାତାମାନେ ଶିଶୁମାନଙ୍କର ଉପଯୁକ୍ତ ଯତ୍ନ ନେଇପାରୁ ନାହାନ୍ତି କିମ୍ବା ସେମାନଙ୍କର ଶାରୀରିକ ଓ ମାନସିକ ବିକାଶ ପାଇଁ ସୁବିଧା ସୃଷ୍ଟି କରିପାରୁ ନାହାନ୍ତି । ଶିଶୁମାନଙ୍କର କଲ୍ୟାଣ ଦିଗରେ ରାଷ୍ଟ୍ର, ସମାଜ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏବଂ ଅଭିଭାବକମାନଙ୍କ ମିଳିତ ଉଦ୍ୟମ ହେବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ । ସେ ପୁଣି କହିଲେ ଯେ ଦେଶର ସର୍ବମୋଟ୍ ଜନସଂଖ୍ୟାର ଶତକଡ଼ା ୪୦ ଭାଗ ହେଉଛନ୍ତି ୧୪ ବର୍ଷରୁ କମ୍ ବାଳକବାଳିକା । ସମାଜରେ ଏତେ ସଂଖ୍ୟକ ଶିଶୁମାନଙ୍କୁ କୌଣସି ପ୍ରକାରେ ଅବହେଳା କରିବା ଜାତି ପକ୍ଷରେ ବିଶେଷ କ୍ଷତିକାରକ ହେବ ବୋଲି ସେ ସୂଚାଇ ଥିଲେ ।

ଏହି ଉତ୍ସବରେ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ରାଷ୍ଟ୍ର ମନ୍ତ୍ରୀ ଶ୍ରୀ ବୀରଭଦ୍ର ସିଂ ଭାଷଣ ପ୍ରସଙ୍ଗରେ ଏପରି ଏକ ଶିଶୁ ସମାବେଶର ଆୟୋଜନ କରିଥିବାରୁ ସମାଜ ମଙ୍ଗଳ ବୋର୍ଡର ଉଦ୍ୟମ ପ୍ରଶଂସନୀୟ ବୋଲି କହିଥିଲେ ।

ରାଜ୍ୟ ସମାଜ ମଙ୍ଗଳ ବୋର୍ଡର ଅଧ୍ୟକ୍ଷା ଶ୍ରୀମତୀ କୁନ୍ତଳାକୁମାରୀ ଆଗ୍ରୱାଲ କହିଲେ ଯେ ଅତୀତରେ ବୋର୍ଡ ଏହିପରି ଶିଶୁମେଳା ପାଇଁ ବାର୍ଷିକ ପ୍ରାୟ ୭୦ ହଜାର ଟଙ୍କା ପାଇ ଆସୁଥିଲା । କିନ୍ତୁ ଚଳିତ ବର୍ଷ ଏ ବାବଦରେ ବୋର୍ଡ କେନ୍ଦ୍ର ସମାଜ ମଙ୍ଗଳ ବୋର୍ଡଠାରୁ ପ୍ରାୟ ୨ ଲକ୍ଷ ୫୦ ହଜାର ଟଙ୍କା ପାଇ ପାରିଛନ୍ତି । ଏହା ବ୍ୟତୀତ ରାଜ୍ୟର ଆଦିବାସୀବହୁଳ ଜିଲ୍ଲାମାନଙ୍କରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜରିଆରେ ଶିଶୁ କଲ୍ୟାଣ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରିବା ପାଇଁ ଆଦିବାସୀ ଓ ଗ୍ରାମମଙ୍ଗଳ ବିଭାଗ ୧ ଲକ୍ଷ ଟଙ୍କା ସାହାଯ୍ୟ କରିଛନ୍ତି ।

# ଉତ୍କଳ ପ୍ରସଙ୍ଗ

୧୯୭୯ ଜୁଲାଇ
ଆଷାଢ଼/ଶ୍ରାବଣ
୧୯୦୧ ଶକାବ୍ଦ
୩୫ ଭାଗ: ଦ୍ୱାଦଶ ସଂଖ୍ୟା


## ସୂଚୀପତ୍ର


ଶ୍ରୀ କୈଳାସ ଚନ୍ଦ୍ର ମିଶ୍ର
ମୁଖ୍ୟ ସମ୍ପାଦକ

ଶ୍ରୀ ବିପିନବିହାରୀ ପଟ୍ଟନାୟକ
ସମ୍ପାଦକ

ଚନ୍ଦ୍ରହରାଜ ଶ୍ରୀ ସତ୍ୟନାରାୟଣ ନନ୍ଦ
ସହକାରୀ ସମ୍ପାଦକ

ଶ୍ରୀ ବ୍ରଜମୋହନ ପଟ୍ଟନାୟକ
ଶ୍ରୀ କିଶୋର ଚନ୍ଦ୍ର ବେହେରା
ଶ୍ରୀ ସୁରେନ୍ଦ୍ର କୁମାର ପଟ୍ଟନାୟକ
ସହଯୋଗୀ ସମ୍ପାଦକ

ଶ୍ରୀ ଅସିତ୍ ମୁଖାର୍ଜୀ
ସଜ୍ଜା ଶିଳ୍ପୀ

ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ
ମୁଦ୍ରଣ

ବାର୍ଷିକ ଦେୟ—ଟ ୧୦'୦୦

ପ୍ରତିଖଣ୍ଡ—ଟ ୧'୦୦


* * *

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ସରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଗୁଡ଼ିକ ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠ ବୋଲି ଭାବିବା ଉଚିତ ନୁହେଁ ।

'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁକ୍ଷେତ୍ରରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବନାହିଁ ।


ଜନତାର ସେବାରେ ଦୁଇଟି ବର୍ଷ .. ୧

ଜୟପ୍ରକାଶଙ୍କ ଦୃଷ୍ଟିରେ ଗାନ୍ଧୀଜୀଙ୍କର "ବିକେନ୍ଦ୍ରୀକରଣ ରାଜନୀତି ।" ୫

ବନ ମହୋତ୍ସବ ଓ ପଞ୍ଚବନ ଯୋଜନାର ଭୂମିକା .. ୭

ଜୀବନ ଓ ବୃକ୍ଷ .. ୯

ଶ୍ରୀ ଶ୍ରୀ ଜଗନ୍ନାଥଙ୍କଠାରେ ବୃକ୍ଷଙ୍କ ଆଭାସ .. ୧୧

ଅନୁକମ୍ପା—ନା—ଦୁର୍ବଳତା .. ୧୫

ପୋଡୁ ଚାଷ .. ୧୯

ଆନ୍ତର୍ଜାତୀୟ ଶିଶୁ ବର୍ଷରେ ଆମର ଚିନ୍ତା ଓ ଚେତନା .. ୨୧

ଓଡ଼ିଶାର ତୀର୍ଥକ୍ଷେତ୍ର—ଆଖଣ୍ଡଳମଣି .. ୨୩

ସନ୍ନ୍ୟାସୀର ଘର ସଂସାର .. ୨୭

ଆମ ଜଙ୍ଗଲ ସମ୍ପଦ .. ୨୯

ଅଧିକାର ପାଟଣା ବିକାର ନାହିଁ ଯହିଁ .. ୩୧

ଓଡ଼ିଶାରେ ମତ୍ସ୍ୟ ଚାଷର ବିକାଶ .. ୩୩

ବନ ମହୋତ୍ସବ .. ୩୫

ବାତ୍ୟା ସମ୍ବନ୍ଧରେ ସାଧାରଣ ସୂଚନା .. ୩୮

ଜିଲ୍ଲା ପରିକ୍ରମା .. ୪୧

ଆମ ଗଳ୍ପ .. ୪୪



# ଜନତାର ସେବାରେ ଦୁଇଟି ବର୍ଷ

ଶ୍ରୀ ନୀଳମଣି ରାଉତରାୟ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଆଜିକୁ ଦୁଇବର୍ଷ ହେଲା, ଅକୁଣ୍ଠ ସଦିଚ୍ଛା, ସହଯୋଗ ଓ ଆଶୀର୍ବାଦ ଦେଇ, ଓଡ଼ିଶାରେ ଜନତା ଦଳ ସରକାରକୁ ରାଜ୍ୟ ଓ ରାଜ୍ୟବାସୀଙ୍କ ସେବା କରିବା ପାଇଁ ଆପଣମାନେ ସୁଯୋଗ ଦେଇଛନ୍ତି । ସେଥିପାଇଁ, ବ୍ୟକ୍ତିଗତ ଭାବରେ ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମୁଁ ଆପଣମାନଙ୍କୁ ମୋର ଆନ୍ତରିକ କୃତଜ୍ଞତା ଜଣାଉଛି ।

ରାଜ୍ୟର ଶାସନ ଦାୟିତ୍ୱ ବହନ କରିବା ପରଠାରୁ ଏ ରାଜ୍ୟରେ ଏକ ସୁସ୍ଥ ଗଣତାନ୍ତ୍ରିକ ଓ ପ୍ରଗତିବାଦୀ ସମାଜ ଗଠନର ଲକ୍ଷ୍ୟ ହାସଲ ଉଦ୍ଦେଶ୍ୟରେ ଆମେ ନିରବଚ୍ଛିନ୍ନ ଉଦ୍ୟମ କରି ଚାଲିଛୁ । ଗଣତନ୍ତ୍ର ଅନୁମୋଦିତ ପନ୍ଥାରେ, ବ୍ୟକ୍ତି ସ୍ୱାଧୀନତା ଓ ରାଜନୈତିକ ସ୍ୱାଧୀନତାର ଦୃଢ଼ ଭିତ୍ତିଭୂମି ଉପରେ, ରାଜ୍ୟର ସାମୁହିକ ଅର୍ଥନୈତିକ ବିକାଶ ଘଟାଇବା ହେଲା, ଆମ ଲକ୍ଷ୍ୟ ହାସଲର ପ୍ରଧାନ ଆଭିମୁଖ୍ୟ । ଗତବର୍ଷ ଏହି ଦିନଟିରେ, ଆମର ଲକ୍ଷ୍ୟ ହାସଲ ପାଇଁ, ଆମେ କ'ଣ କରିଥିଲୁ ଓ କି କି କାର୍ଯ୍ୟକ୍ରମ ହାତକୁ ନେଇଥିଲୁ, ତାର ଏକ ବିବରଣୀ ମୁଁ ଆପଣମାନଙ୍କୁ ଦେଇଥିଲି । ଏହା ମଧ୍ୟରେ ଆଉ ଗୋଟିଏ ବର୍ଷ ବିତି ଯାଇଛି । ଏ ବର୍ଷକ ମଧ୍ୟରେ, ଆମେ ଆମର ଲକ୍ଷ୍ୟ ହାସଲ ଦିଗରେ କେତେଦୂର ଅଗ୍ରସର ହୋଇ ପାରିଛୁ, ତାହାର କେତେକ ସୂଚନା ମୁଁ ଆପଣମାନଙ୍କୁ ଦେଉଛି ।

ରାଜ୍ୟର ଷଷ୍ଠ ପଞ୍ଚ ବାର୍ଷିକ ଯୋଜନାର ଚୂଡ଼ାନ୍ତ ରୂପ ନିର୍ଣ୍ଣୟ କାର୍ଯ୍ୟ ବର୍ତ୍ତମାନ ପ୍ରାୟ ସଂପନ୍ନ ହେବା ଅବସ୍ଥାରେ ପହଞ୍ଚିଛି । ଜାତୀୟ ଅର୍ଥନୈତିକ ବିକାଶ ଲକ୍ଷ୍ୟ ସହ ସାମଞ୍ଜସ୍ୟ ରଖି, ଓଡ଼ିଶା ପରି ଏକ ପ୍ରାକୃତିକ ସମ୍ବଳ ବହୁଳ ରାଜ୍ୟର ଦ୍ରୁତ ବିକାଶ ସାଧନ ଓ ଦାରିଦ୍ର୍ୟର ନିରାକରଣ ପାଇଁ ୧୯୭୮ରୁ ୧୯୮୩ ମସିହା ମଧ୍ୟରେ ପ୍ରାୟ ୨୫୦୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ କରାଯିବା ଆବଶ୍ୟକ । ଉକ୍ତ ମର୍ମରେ ଆମ ରାଜ୍ୟ ଯୋଜନାର ଖସଡ଼ା ପ୍ରସ୍ତୁତ କରାଯାଇ ଜାତୀୟ ସ୍ତରରେ ତାହାର ଆଲୋଚନା କରାଯାଇଥିଲା । କିନ୍ତୁ ରାଜ୍ୟମାନଙ୍କୁ କେନ୍ଦ୍ର ସାହାଯ୍ୟର ଯେଉଁ ନୀତି ଗୃହୀତ ହେଲା, ତା' ଫଳରେ ଆମର ପୁଞ୍ଜି ବିନିଯୋଗ ଲକ୍ଷ୍ୟ ପ୍ରାୟ ଶତକଡ଼ା ୫୦ ଭାଗ କମିଯାଇଥିଲେ ମଧ୍ୟ ୫ମ ଯୋଜନା ତୁଳନାରେ, ଚଳିତ ପଞ୍ଚବାର୍ଷିକ ଯୋଜନାରେ ପୁଞ୍ଜି ବିନିଯୋଗ ପରିମାଣ ପ୍ରାୟ ଦୁଇଗୁଣ ହେବ ଏବଂ ଏହାର ପ୍ରାୟ ଦୁଇ ତୃତୀୟାଂଶ ଜଳସେଚନ ବିକାଶ, ବିଦ୍ୟୁତ ଉତ୍ପାଦନ ଓ ସରବରାହ ବୃଦ୍ଧି ଓ କୃଷି ବିକାଶ ବ୍ୟବସ୍ଥାରେ ବିନିଯୋଗ କରାଯିବ ।

ଆମ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିର ଚାବିକାଠି ହେଲା କୃଷି ଓ ଗ୍ରାମ୍ୟ ଏବଂ କ୍ଷୁଦ୍ର ଶିଳ୍ପର ଦ୍ରୁତ ବିସ୍ତାର । କୃଷିର ବିକାଶ ନିର୍ଭର କରେ, ନିୟମିତ ଜଳସେଚନ ବ୍ୟବସ୍ଥାର ପ୍ରସାର ଓ କୃଷକମାନଙ୍କୁ ଯଥା ସମୟରେ ଆବଶ୍ୟକୀୟ ଋଣ, ବିହନ, ସାର, କୀଟନାଶକ ଔଷଧ ଓ ବୈଷୟିକ ଉପଦେଶ ଯୋଗାଣ କରିବା ପାଇଁ ଉପଯୁକ୍ତ ସାଙ୍ଗଠନିକ ବ୍ୟବସ୍ଥା ଉପରେ । ଏ ସମସ୍ତ କାର୍ଯ୍ୟକ୍ରମ ଉପରେ ରାଜ୍ୟ ସରକାର ସର୍ବାପେକ୍ଷା ଅଧିକ ଗୁରୁତ୍ୱ ଦେଇ ଆସୁଛନ୍ତି ।

ଗତ ୨ବର୍ଷ ମଧ୍ୟରେ, ରାଜ୍ୟରେ ପୂର୍ବାପେକ୍ଷା ପ୍ରାୟ ୫ଲକ୍ଷ ଏକର ଅଧିକ ଜମିରେ ଅଧିକ ଅମଳକ୍ଷମ ଧାନଚାଷର ବ୍ୟବସ୍ଥା କରାଯାଇଛି । ଏ ପ୍ରକାର ଧାନଚାଷ ବର୍ତ୍ତମାନ ପ୍ରାୟ ୨୦ ଲକ୍ଷ ଏକର ଜମିରେ କରାଗଲାଣି ଓ ଏହାର ବ୍ୟାପକ ବିସ୍ତାର ପାଇଁ ଯୋଜନା କରାଯାଉଛି । ସମବାୟସଂସ୍ଥାଗୁଡ଼ିକୁ ସୁଦୃଢ଼ କରାଯାଇ, ସେଗୁଡ଼ିକ ଜରିଆରେ ଚାଷୀମାନଙ୍କୁ ସ୍ୱଳ୍ପମିଆଦୀ କୃଷି ଋଣ ଯୋଗାଇ ଦିଆଯାଉଛି । ଗତବର୍ଷ ପ୍ରାୟ ଏକଷଠି କୋଟି ଟଙ୍କାରୁ ଊର୍ଦ୍ଧ୍ୱ କୃଷି ଋଣ ବଣ୍ଟନ କରାଯାଉଛି । ପୂର୍ବବର୍ଷ ତୁଳନାରେ ଏହା ପ୍ରାୟ ୨୫ କୋଟି ଟଙ୍କା ଅଧିକ । ଏ ପ୍ରକାର ଋଣର ସୁଧ ହାର ମଧ୍ୟ କମାଇ ଦିଆଯାଉଛି । ଟିକସ ରିହାତି କରାଯିବା ଦ୍ୱାରା, ରାସାୟନିକ ସାର ଓ କୀଟନାଶକ ଔଷଧର ମୂଲ୍ୟ ହ୍ରାସ ପାଇଛି । ଚାଷୀକୁ ଉପଯୁକ୍ତ ମୂଲ୍ୟ ଦେବା ପାଇଁ ଗତବର୍ଷ ଧାନ ଦର ବଢ଼ାଇ ଦିଆଯିବା ସତ୍ତ୍ୱେ, ଖୋଲା ବଜାରରେ ଧାନ ଚାଉଳର ଖାଉଟି ଦର ଯେପରି ଅଯଥା ବୃଦ୍ଧି ନପାଏ, ତାର ବ୍ୟବସ୍ଥା କରାଯାଇଛି । ବୈଷୟିକ ଉପଦେଶ ଯୋଗାଇ ଦେବା ପାଇଁ, ରାଜ୍ୟରେ ତିନିଗୋଟି ଆଞ୍ଚଳିକ କୃଷି ଗବେଷଣା କେନ୍ଦ୍ର ପ୍ରତିଷ୍ଠା କରାଗଲାଣି ।

ଗତବର୍ଷ ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନା ଦ୍ୱାରା ପୂର୍ବାପେକ୍ଷା ଅଧିକ ୪୫,୦୦୦ ଏକର ଜମିରେ ଖରିଫ୍ ଫସଲ ପାଇଁ ଓ ୯୫,୦୦୦ ଏକର ଜମିରେ ରବି ଫସଲ ପାଇଁ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି । ସାଳନ୍ଦୀ ନଦୀର ଦକ୍ଷିଣ ପାର୍ଶ୍ୱରେ କେନାଲ ଦ୍ୱାରା କେନ୍ଦୁଝର ଜିଲ୍ଲାର ଆନନ୍ଦପୁର ଅଞ୍ଚଳର ପ୍ରାୟ ତିରିଶ ହଜାର ଏକର ଜମିରେ ଜଳସେଚନ ବ୍ୟବସ୍ଥା କରାଯାଇଛି । କଟକ, ଢେଙ୍କାନାଳ, ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ପ୍ରାୟ ୧୦ ଲକ୍ଷ ଏକର ବ୍ୟାପୀ ଏକ ବୃହତ୍ ଅଞ୍ଚଳରେ, ଜଳସେଚନ ବ୍ୟବସ୍ଥା କରିବା ଉଦ୍ଦେଶ୍ୟରେ, ଢେଙ୍କାନାଳ ଜିଲ୍ଲାର ସାମଲଠାରେ ବ୍ରାହ୍ମଣୀ ନଦୀ ଉପରେ ଏକ ବ୍ୟାରେଜ ନିର୍ମାଣ ଓ ଆନୁସଙ୍ଗିକ କାର୍ଯ୍ୟ ଆରମ୍ଭ କରାଗଲାଣି । ନ'ଅଙ୍କ ଦୁର୍ଭିକ୍ଷ ପରେ ନିର୍ମିତ ମହାନଦୀ ଓ ବିରୂପା ଆନିକଟମାନଙ୍କର କାର୍ଯ୍ୟକାରିତା ହ୍ରାସ ପାଇ ଯାଉଥିବାରୁ କଟକ ଜିଲ୍ଲାର ପୁରାତନ ଜଳସେଚିତ ଅଞ୍ଚଳରେ ଜଳ ଯୋଗାଣ ବ୍ୟବସ୍ଥା ଅବ୍ୟାହତ ରଖିବା ପାଇଁ, ଉକ୍ତ ଦୁଇ ନଦୀ ଉପରେ ନୂତନ ବ୍ୟାରେଜ୍ ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉଛି । କଳାହାଣ୍ଡି ଜିଲ୍ଲାର ଇନ୍ଦ୍ରାବତୀ ନଦୀବନ୍ଧ ଯୋଜନା କାର୍ଯ୍ୟ ମଧ୍ୟ ଆରମ୍ଭ କରାଯାଇଛି । ରେଙ୍ଗାଲୀ, ଉପର କୋଲବ୍ ଓ ପଟେରୁ ଯୋଜନା ଏବଂ ଅନେକଗୁଡ଼ିଏ ମଧ୍ୟମ ଜଳସେଚନ ଯୋଜନାର କାର୍ଯ୍ୟ ଆଗେଇ ଚାଲିଛି । କେନ୍ଦୁଝର ଜିଲ୍ଲାର କାଳିଞ୍ଜରା, ବଲାଙ୍ଗୀର ଜିଲ୍ଲାର ହରିହର ଯୋର ଓ ସୁକତେଲ ଏବଂ ଗଞ୍ଜାମ ଜିଲ୍ଲାରେ ବାଘୁଆ ଓ ହରଭଙ୍ଗୀ, ଏପରି ୫ଟି ମଧ୍ୟମ ଧରଣର ଜଳସେଚନ ଯୋଜନା କାର୍ଯ୍ୟ ଆରମ୍ଭ କରାଯାଇଛି । ଏସବୁ ଯୋଜନା ଦ୍ୱାରା ପ୍ରାୟ ୭୩,୦୦୦ ଏକର ଜମିରେ ଜଳସେଚନ କରାଯାଇ ପାରିବ । ଗତବର୍ଷ ମଧ୍ୟରେ ସୁବର୍ଣ୍ଣରେଖା ଓ ଗୋଦାବରୀ ନଦୀ ଜଳବଣ୍ଟନ ସଂପର୍କୀୟ ଆନ୍ତଃରାଜ୍ୟ ବିବାଦର ସନ୍ତୋଷଜନକ ସମାଧାନ କରାଯାଇ ପାରିଛି । ସେହିପରି ନାଗାବଳୀ, ବଂଶଧାରା ଓ ବହୁଦା ଓ ଝଞ୍ଜାବତୀ ନଦୀର ଜଳବଣ୍ଟନ ବିଷୟରେ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଥିବା ବହୁ ବର୍ଷର ବିବାଦ ସମାଧାନ କରାଯାଇ ପାରିଛି ଓ ତାହା ଫଳରେ ଗଞ୍ଜାମ ଓ କୋରାପୁଟ ଜିଲ୍ଲାର ଅନେକ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା କରିବା ପାଇଁ ଆଉ କୌଣସି ପ୍ରତିବନ୍ଧକ ନାହିଁ ।

## ଭୂ-ସଂସ୍କାର ଓ ଚକବନ୍ଦୀ

କୃଷିର ବିକାଶ ଅନେକାଂଶରେ ଭୂ-ସଂସ୍କାର ବ୍ୟବସ୍ଥା ଉପରେ ନିର୍ଭର କରେ । ସେଥିପାଇଁ ସିଲିଂ ଉଦ୍ବୃତ୍ତ ଜମିର ପୁନର୍ବଣ୍ଟନ ତଥା ଚକବନ୍ଦୀ କାର୍ଯ୍ୟ ତ୍ୱରାନ୍ୱିତ କରାଯାଉଛି । ବିଗତ ଦୁଇ ବର୍ଷରେ ୬,୯୪୭ ଏକର ସିଲିଂ ଉଦ୍ବୃତ୍ତ ଜମି ୫,୪୬୪ ଭୂମିହୀନଙ୍କୁ ଦିଆଯାଇଛି ଏବଂ ନୂଆ କରି ଏହି ଜମି ପାଇଥିବା ଲୋକେ ଯେପରି ସୁବିଧାରେ ଚାଷବାସ କରି ପାରିବେ ସେ ବାବଦରେ ୨୦ ଲକ୍ଷ ୩୨ ହଜାର ଟଙ୍କା ଋଣ ଓ ମାଫି ସାହାଯ୍ୟ ଭାବରେ ଦିଆଯାଉଛି ।

## ବିଦ୍ୟୁତ ଉତ୍ପାଦନ ଓ ଗ୍ରାମ୍ୟ ବିଦ୍ୟୁତ କରଣ

ଆମ ରାଜ୍ୟର ବର୍ତ୍ତମାନ ବିଦ୍ୟୁତ୍ ଉତ୍ପାଦନ ୯୧୪ ମେଗାୱାଟ । ଆସନ୍ତା ୪ବର୍ଷ ମଧ୍ୟରେ ଅଧିକ ୫୬୦ ମେଗାୱାଟ ବିଜୁଳି ଶକ୍ତି ଉତ୍ପାଦନ ବୃଦ୍ଧି କରିବା ଆମର ଲକ୍ଷ୍ୟ । ଏ ଲକ୍ଷ୍ୟ ହାସଲ ପାଇଁ ଉପର କୋଲବ, ରେଙ୍ଗାଲୀ ଓ ତାଳଚେର ତାପଜ ବିଦ୍ୟୁତ୍ କେନ୍ଦ୍ର ନିର୍ମାଣ ଯୋଜନା ସବୁକୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରାଯାଉଛି । ଆଉ ଏକ ସୁଖର ବିଷୟ ଯେ ପ୍ରାୟ ୩୦ ବର୍ଷ ତଳେ ମାଛକୁଣ୍ଡ ବିଦ୍ୟୁତ୍ କେନ୍ଦ୍ରରେ ଉତ୍ପାଦିତ ଶକ୍ତିର ଓଡ଼ିଶାର ଅଧା ଭାଗରୁ ଯେଉଁ ୨୦ ଭାଗ

ଆନ୍ଧ୍ର ପ୍ରଦେଶକୁ ସ୍ୱଳ୍ପ ମୂଲ୍ୟରେ ଦେଇ ଦିଆଯାଇଥିଲା, ତାହା ଆନ୍ଧ୍ର ରାଜ୍ୟ ସହ ଆପୋଷ ରାଜିନାମା ସୂତ୍ରରେ ଆମେ ଫେରାଇ ଆଣି ପାରିଛୁ । ଗ୍ରାମାଞ୍ଚଳର ଅର୍ଥନୈତିକ ବିକାଶ ପାଇଁ ବିଦ୍ୟୁତ୍ ସରବରାହ ସଂପ୍ରସାରଣ କାର୍ଯ୍ୟ ତ୍ୱରାନ୍ୱିତ କରାଯାଇଛି । ଗତ ଦୁଇ ବର୍ଷରେ ରାଜ୍ୟର ୨,୭୨୨ଟି ଗ୍ରାମକୁ ବିଦ୍ୟୁତ୍ ସରବରାହ ସଂପ୍ରସାରଣ କରାଯାଇ ୩,୬୫୭ଟି ବିଦ୍ୟୁତ୍ ଚାଳିତ ପଂପ ସକ୍ରିୟ କରାଯାଇ ପାରିଛି ।

## ଶିଳ୍ପ ବିସ୍ତାର

ଆମ ନୂତନ ଶିଳ୍ପ ନୀତିର ପ୍ରଧାନ ଆଭିମୁଖ୍ୟ ହେଲା ଯେ ଜିଲ୍ଲା ସ୍ତରରେ, ଜିଲ୍ଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ ରାଜ୍ୟର ଅଭ୍ୟନ୍ତର ଅଞ୍ଚଳଗୁଡ଼ିକରେ କ୍ଷୁଦ୍ର ତଥା କୁଟୀର ଶିଳ୍ପ ସ୍ଥାପନକୁ ଉତ୍ସାହିତ କରିବା । ଗତ ଦୁଇବର୍ଷ ମଧ୍ୟରେ ପ୍ରାୟ ୧୫,୦୦୦ ଲୋକଙ୍କୁ କାମ ଯୋଗାଇବା ଭଳି ୧୪ କୋଟିରୁ ଅଧିକ ଟଙ୍କା ବିନିଯୋଗରେ ୨,୨୫୮ଟି କ୍ଷୁଦ୍ର ଶିଳ୍ପାନୁଷ୍ଠାନ ରାଜ୍ୟରେ ଗଢି ଉଠି ପାରିଛି । ଏହା ବ୍ୟତୀତ ୧୯୭୮-୭୯ ରେ କେବଳ ଏକ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କୁ ଶିଳ୍ପ ପ୍ରତିଷ୍ଠା ସଂପର୍କରେ ତାଲିମ ଦିଆଯାଇଛି ଏବଂ ସେମାନଙ୍କ ମଧ୍ୟରୁ ୨୧୪ ଜଣ ବର୍ତ୍ତମାନ ନିଜ ନିଜର ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କରିବା ଦିଗରେ ଆଗେଇ ଗଲେଣି ।

ଭାରତ ସରକାର ଓ ରାଜ୍ୟ ସରକାରଙ୍କ ଉଦ୍ୟମରେ ଯେପରି ଗୁଡ଼ିଏ ରାଷ୍ଟ୍ରାୟତ୍ତ ଓ ଘରୋଇ ଶିଳ୍ପ ଗଢି ଉଠେ, ସେଥିପାଇଁ ଧାରାବାହିକ ଉଦ୍ୟମ କରାଯାଉଛି । ତାହା ଫଳରେ ଭୁବନେଶ୍ୱର ନିକଟରେ ଗୋଟିଏ ଟେଲିଫୋନ୍ ଯନ୍ତ୍ରପାତି ତିଆରି କାରଖାନା ଓ ଗୋଟିଏ ଔଷଧ ତିଆରି କାରଖାନା ବସାଇବାକୁ କେନ୍ଦ୍ର ସରକାର ନିଷ୍ପତ୍ତି କରିଛନ୍ତି । ଗଲାବର୍ଷ ଧାନମଣ୍ଡଳଠାରେ ଝୋଟକଳ, ଢେଙ୍କାନାଳର ପ୍ରଶାନ୍ତି କାଗଜ କଳ, ପାରାଦୀପର ମତ୍ସ୍ୟ ସଂରକ୍ଷଣ ପ୍ଲାଣ୍ଟ ପ୍ରଭୃତି କାର୍ଯ୍ୟକାରୀ କରାଯାଇ ପାରିଛି । ଏହା ବ୍ୟତୀତ ତାଳଚେରଠାରେ ରିଫ୍ରାକ୍ଟରୀ କାରଖାନା, ସୁନାବେଡ଼ାର ଯନ୍ତ୍ରପାତି ତିଆରି କାରଖାନା, କଟଣୀଠାରେ ହାତଘଡ଼ି ତିଆରି କାରଖାନା, କେନ୍ଦୁଝରର ସ୍ପଞ୍ଜ-ଲୁହା କାରଖାନା, ବଡ଼ବିଲର ଲୁହା ପାଇପ କାରଖାନା ଓ ବାରିପଦାର କେବଲ୍ କାରଖାନା ପ୍ରଭୃତି ଶିଳ୍ପାନୁଷ୍ଠାନର କାମ ଆଗେଇ ଚାଲିଛି । ଆମ ରାଜ୍ୟର ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳରେ ପ୍ରାୟ ୪୮,୦୦୦ ଏକର ଜମି ଲବଣ ଉତ୍ପାଦନ ପାଇଁ ପ୍ରକୃଷ୍ଟ ବୋଲି ସର୍ଭେରୁ ଜଣା ପଡ଼ିବା ପରେ, ୬ଷ୍ଠ ଯୋଜନା କାଳରେ ସେଥି ମଧ୍ୟରୁ ୧୬,୦୦୦ ଏକର ଜମିରେ ଲବଣ ଉତ୍ପାଦନ ବ୍ୟବସ୍ଥା କରି, ପ୍ରାୟ ୩୨,୦୦୦ ଲୋକଙ୍କୁ କାମ ଯୋଗାଇ ଦେବାର ଏକ ଯୋଜନା କରାଯାଇଛି ।

ଆଦିବାସୀ ଓ ହରିଜନମାନଙ୍କର ସମୂହ କଲ୍ୟାଣ ସାଧନ ପାଇଁ ଓ ବିଶେଷତଃ ସେମାନଙ୍କୁ ଋଣ, କୁଟୀର ଶିଳ୍ପ, ପଶୁପାଳନ ପ୍ରଭୃତି ଆୟକାରୀ ବ୍ୟବସାୟ ଚଳାଇବା ପାଇଁ ସ୍ୱତନ୍ତ୍ର ଯୋଜନା ମାଧ୍ୟମରେ ବହୁଳ ଆର୍ଥିକ ସାହାଯ୍ୟ ବ୍ୟବସ୍ଥା କରାଯାଇଛି । ସେହିପରି ହରିଜନମାନଙ୍କୁ ସୁବିଧାରେ ଅର୍ଥ ଯୋଗାଇବା ଉଦ୍ଦେଶ୍ୟରେ ଏକ ସ୍ୱୟଂ ଶାସିତ କର୍ପୋରେସନ ଗଠନ କରାଗଲାଣି । ସେ କର୍ପୋରେସନ ଓଡ଼ିଶାର ୧୫୬ଟି ହରିଜନ ବହୁଳ ବ୍ଲକ୍‌ରେ ଅତିଶୀଘ୍ର କାର୍ଯ୍ୟ ଆରମ୍ଭ କରିବ । ଆଦିବାସୀ ଓ ହରିଜନ ଶିଶୁମାନଙ୍କ ଲାଗି ଗତ ୨ ବର୍ଷ ମଧ୍ୟରେ ୧,୮୫୫ଟି ନୂଆ ପ୍ରାକ୍-ପ୍ରାଇମେରୀ ସ୍କୁଲ ପ୍ରତିଷ୍ଠା କରାଯାଇ, ସେସବୁରେ ପ୍ରାୟ ୩୭,୦୦୦ ଶିଶୁଙ୍କୁ ଶିକ୍ଷା ଦେବା ବ୍ୟବସ୍ଥା କରାଯାଇଛି । ୧୨ଟି ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ଆଦିବାସୀ ଛାତ୍ରମାନଙ୍କ ପାଇଁ ବହୁ ଧନ୍ଦାମୂଳକ ଶିକ୍ଷା ପ୍ରବର୍ତ୍ତନ କରାଯାଇଛି । ଆଦିବାସୀ ଓ ହରିଜନ ଛାତ୍ରମାନଙ୍କ ପାଇଁ ଗତ ୨ ବର୍ଷରେ ୧୦୪ଟି ଛାତ୍ରାବାସ ନିର୍ମାଣ କରାଯାଇଛି ।

## ଶିକ୍ଷା ପ୍ରସାର

ଶିକ୍ଷାର ବ୍ୟାପକ ପ୍ରସାର ଲକ୍ଷ୍ୟ ହାସଲ ପାଇଁ ବିଗତ ଦୁଇବର୍ଷ ଭିତରେ ୪୦୬ଟି ନୂଆ ପ୍ରାଇମେରୀ ସ୍କୁଲ, ୪୫୬ଟି ଉଚ୍ଚ ପ୍ରାଥମିକ ସ୍କୁଲ ଏବଂ ୧୫୫ଟି ନୂଆ ମାଇନର ସ୍କୁଲ ଖୋଲାଯାଇଛି । ନିରକ୍ଷରତା ଦୂରୀକରଣ କରିବା ପାଇଁ ପ୍ରୌଢ଼ଶିକ୍ଷା କାର୍ଯ୍ୟକ୍ରମ କ୍ଷିପ୍ରତର କରାଯାଇଛି ।

## ବାସହୀନଙ୍କୁ ଗୃହଯୋଗାଣ

ବାସହୀନଙ୍କୁ ଗୃହ ଯୋଗାଇବା ପାଇଁ ପୂର୍ବ ପ୍ରଚଳିତ ଆର୍ଥିକ ସାହାଯ୍ୟ ଯଥେଷ୍ଟ ହେଉ-ନଥିବାରୁ ତାହା ସଂଶୋଧନ କରାଯାଇ ଗୃହ ନିର୍ମାଣ ପାଇଁ ମାଗଣା ସାହାଯ୍ୟ ଟ ୭୦୦ ଠାରୁ ୧,୫୦୦ ଟଙ୍କା ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି ।

### ପ୍ରାକୃତିକ ବିପର୍ଯ୍ୟୟରେ ସାହାଯ୍ୟ

ବନ୍ୟା, ମରୁଡ଼ି ଓ ଘୂର୍ଣ୍ଣିବାତ୍ୟା ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ଯେତେବେଳେ ପଡ଼ିଛି, ଏ ସରକାର ପ୍ରତିକାର ବ୍ୟବସ୍ଥା ଅବଲମ୍ବନ କରି ଉପଦ୍ରୁତ ଅଞ୍ଚଳରେ ସାହାଯ୍ୟ ତୁରନ୍ତ ପହଞ୍ଚାଇ ପାରିଛି । ସଂପୂର୍ଣ୍ଣ ଧ୍ୱଂସସ୍ତୂପରେ ପରିଣତ ଘୂର୍ଣ୍ଣିବାତ୍ୟା ବିଧ୍ୱସ୍ତ କେନ୍ଦୁଝର ଜିଲ୍ଲାର ପୁରୁଣା ବନ୍ଧଗୋଡ଼ା ଗାଁ ପୁନର୍ନିର୍ମିତ ହୋଇଗଲାଣି । ପ୍ରାକୃତିକ ବିପର୍ଯ୍ୟୟ ପ୍ରପୀଡ଼ିତ ବ୍ୟକ୍ତିମାନଙ୍କ ସାହାଯ୍ୟାର୍ଥେ ଗତ ଦୁଇ-ବର୍ଷରେ ପ୍ରାୟ ସାଢ଼େ ଆଠ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି ।

### ଖାଦ୍ୟ ବିନିମୟରେ କାର୍ଯ୍ୟ

ଜନତା ସରକାରର ମୌଳିକ ଲକ୍ଷ୍ୟ, ଗ୍ରାମାଞ୍ଚଳର ବିକାଶ ଓ ଶ୍ରମଜୀବୀମାନଙ୍କୁ କାର୍ଯ୍ୟ ଯୋଗାଣ । ଏ ଲକ୍ଷ୍ୟ ହାସଲ ପାଇଁ, ବିଗତ ଦୁଇବର୍ଷ ମଧ୍ୟରେ ଗହମ ମୂଲ ଦେଇ ପ୍ରାୟ ୨୪ କୋଟି ଟଙ୍କା ମୂଲ୍ୟରେ ଛୋଟ ଛୋଟ ରାସ୍ତା ଘାଟ, ସ୍କୁଲଘର ପ୍ରଭୃତି କାର୍ଯ୍ୟ କରାଯାଇଛି । ସେଥିମଧ୍ୟରୁ କେବଳ ଗତବର୍ଷ ୨୦ କୋଟି ଟଙ୍କା ମୂଲ୍ୟର କାମ କରାଯାଇଛି । ଏହାଛଡ଼ା, ସମନ୍ୱିତ ଗ୍ରାମ ଉନ୍ନୟନ ଯୋଜନା ବର୍ତ୍ତମାନ ରାଜ୍ୟର ୩୦୦ ବ୍ଲକ୍‌ରେ କାର୍ଯ୍ୟକାରୀ କରାଯିବା ନିମନ୍ତେ ସରକାର ଆବଶ୍ୟକୀୟ ପଦକ୍ଷେପ ନେଇଛନ୍ତି । ଆର୍ଥିକ ଦୃଷ୍ଟିରୁ ସମାଜର ସର୍ବନିମ୍ନ ସ୍ତରରେ ଗାଁ ଗହଳରେ ବାସ କରୁଥିବା ଲୋକମାନଙ୍କ ଉନ୍ନତି ବିଧାନ ନିମନ୍ତେ ଆମେ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମ ହାତକୁ ନେଇଛୁ । ଏ ଦିଗରେ ନିର୍ଦ୍ଦିଷ୍ଟ ଫଳପ୍ରଦ ଯୋଜନା ପ୍ରଣୟନ କରାଯାଇଛି ଏବଂ ଏହା ଅତିଶୀଘ୍ର କାର୍ଯ୍ୟକାରୀ ହେବ ।

### ପାନୀୟ ଜଳ ଯୋଗାଣ

୬ଷ୍ଠ ପଞ୍ଚବାର୍ଷିକ ଯୋଜନା କାଳ ମଧ୍ୟରେ ଆସନ୍ତା ୧୯୮୦ ମସିହା ଜୁନ୍‌ମାସ ଶେଷ ସୁଦ୍ଧା ରାଜ୍ୟର ସମସ୍ତ ଗ୍ରାମରେ ପାନୀୟ ଜଳଯୋଗାଣ ଲକ୍ଷ୍ୟ ରଖି ଏକ ବିଶେଷ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଗତ ଦୁଇବର୍ଷ ମଧ୍ୟରେ ୬,୮୬୦ଟି ନଳକୂପ ଓ ୫,୮୬୫ ଗୋଟି ସାଧାରଣ କୂପ ଖନନ କରାଯାଇଛି । ଚଳିତ ବର୍ଷ ଆହୁରି ୪,୨୦୦ ନଳକୂପ ଓ ୨,୦୯୧ ସାଧାରଣ କୂପ ଖନନ କରିବା ପାଇଁ ଅର୍ଥ ଓ ସାଂଗଠନିକ ବ୍ୟବସ୍ଥା କରାଯାଇଛି । ବଲାଙ୍ଗୀର, ଭବାନୀପାଟଣା, ଜୟପୁର, ବାରିପଦା, ଢେଙ୍କାନାଳ, ବାଲେଶ୍ୱର, ଭଦ୍ରଖ, ଭଞ୍ଜନଗର, ଖୋର୍ଦ୍ଧା, ନୟାଗଡ଼, ଝାରସୁଗୁଡ଼ା ଓ ରାଉରକେଲା ପ୍ରଭୃତି ସହରରେ ପାଇପ୍ ଦ୍ୱାରା ଜଳଯୋଗାଣ ଯୋଜନା ଦ୍ରୁତ ଗତିରେ କାର୍ଯ୍ୟକାରୀ କରାଯାଇଛି । କଟକ ସହରରେ ୧୯୭୯ ଡିସେମ୍ବର ସୁଦ୍ଧା ଓ ବ୍ରହ୍ମପୁରଠାରେ ୧୯୮୧ ଜୁନ୍ ସୁଦ୍ଧା ପାନୀୟ ଜଳ ଯୋଗାଣ ବୃଦ୍ଧି କରିବା ଉଦ୍ଦେଶ୍ୟରେ, ଯଥାକ୍ରମେ ୫୦ ଲକ୍ଷ ଓ ୫ କୋଟି ୩୧ ଲକ୍ଷ ଟଙ୍କା ବିନିଯୋଗର ବ୍ୟବସ୍ଥା କରାଯାଇଛି ଏବଂ ଦୁଇଟିଯାକ କାର୍ଯ୍ୟ ଯଥେଷ୍ଟ ଆଗେଇ ଗଲାଣି ।

### କର୍ମଚାରୀମାନଙ୍କ ମଧ୍ୟରେ ଶୃଂଖଳା

ଯୋଜନା ଅନୁମୋଦିତ କାର୍ଯ୍ୟକ୍ରମର ସୁଷ୍ଠୁ ସଂପାଦନ ଓ ରାଜ୍ୟର ପ୍ରାକୃତିକ ଓ ଆର୍ଥିକ ସମ୍ବଳର ଉପଯୁକ୍ତ ବିନିଯୋଗ, ରାଜ୍ୟର ସରକାରୀ ଓ ବେସରକାରୀ କର୍ମଚାରୀଙ୍କର ଶୃଂଖଳିତ ଓ ନିଷ୍ଠାପର ବ୍ୟବହାର, କର୍ମପ୍ରବଣତା ଓ ସହଯୋଗ ମନୋବୃତ୍ତି ଘନିଷ୍ଠ ଭାବରେ ସଂପୃକ୍ତ । କର୍ମଚାରୀ ଗୋଷ୍ଠୀ ପକ୍ଷରୁ ଯେଉଁ ସହଯୋଗ ଆମେ ପାଇଛୁଁ ତାହା ଆହୁରି ସକ୍ରିୟ ହେବା ଉଚିତ । ସେମାନଙ୍କ ଆଚରଣକୁ ଶୃଙ୍ଖଳିତ ରଖିବା ଓ ସେମାନଙ୍କର କର୍ମନିଷ୍ଠାରେ ବିଚ୍ୟୁତି ଦେଖା ଦେଲେ, ତା'ର ସମ୍ୟକ ପ୍ରତିକାର କରିବା ପାଇଁ ଆମେ ସମର୍ଥ ହେବୁ ଆପଣମାନଙ୍କ ସହଯୋଗ ବଳରେ । ସେ ସହଯୋଗ ଆମେ ପାଇଛୁ ଓ ଭବିଷ୍ୟତରେ ପାଇବୁ ବୋଲି ଆମର ଦୃଢ଼ ବିଶ୍ୱାସ ।

ଯେଉଁ ଆଶା ଓ ଆକାଂକ୍ଷା ନେଇ ଦୁଇବର୍ଷ ତଳେ ଆପଣମାନେ ଏ ସରକାରକୁ ପ୍ରତିଷ୍ଠିତ କରାଇଥିଲେ, ତାହା ପୂର୍ଣ୍ଣ କରିବା ଦିଗରେ ଆମେ ସଦାସର୍ବଦା ସଚେତନ ଓ ସଚେଷ୍ଟ ରହିଛୁ । ଆପଣମାନଙ୍କର ଆସ୍ଥା, ସହାନୁଭୂତି ଓ ସହଯୋଗହିଁ ହେବ ଲକ୍ଷ୍ୟ ହାସଲ ଦିଗରେ ଆମର ପାଥେୟ । ମୋର ବିଶ୍ୱାସ, ଆପଣମାନଙ୍କର ସରକାର ଆପଣମାନଙ୍କର ସଦିଚ୍ଛା ଓ ସହଯୋଗରୁ କେବେ ବଞ୍ଚିତ ହେବନାହିଁ ।

ଜୟହିନ୍ଦ୍

( ଜନତା ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରସାରିତ ବେତାର ଭାଷଣ )

# ଜୟପ୍ରକାଶଙ୍କ ଦୃଷ୍ଟିରେ ଗାନ୍ଧୀଜୀଙ୍କର "ବିକେନ୍ଦ୍ରୀକରଣ ରାଜନୀତି"

ଡକ୍ଟର ଭବଗ୍ରାହୀ ମିଶ୍ର

ଏକଦା ମାର୍କସ୍‌ବାଦୀ ଓ ସାମ୍ୟବାଦୀ ଚିନ୍ତାଧାରାର ପ୍ରବଳତ୍ର ସମର୍ଥକ ଜୟପ୍ରକାଶଜୀ ଏବେ ଜଣେ ଗାନ୍ଧୀ-ଧର୍ମୀ ଚିନ୍ତାଧାରାର ଉଦ୍‌ଗାତା । ଜୟପ୍ରକାଶଜୀଙ୍କର ଚିନ୍ତାକ୍ଷେତ୍ରରେ ଏଇ ଯେଉଁ ପରିବର୍ତ୍ତନ ସେ ପରିବର୍ତ୍ତନର ଧାରାକୁ ବିଶ୍ଳେଷଣ କଲେ ଜଣାଯାଏ ଯେ ଗାନ୍ଧୀଜୀଙ୍କ ସଂପର୍କରେ ଯେଉଁମାନେ ଆସିଥିଲେ, ସେମାନେ ବିଭିନ୍ନ ସମୟରେ ଗାନ୍ଧୀ ବିଚାର ଧାରାକୁ କେବଳ 'କ୍ଷମତା ଲୋଭ' ଉଦ୍ଦେଶ୍ୟରେ ବ୍ୟବହାର କରିଥିଲେ । ଭାରତବର୍ଷର ସାଂସ୍କୃତିକ ଓ ସାମାଜିକ ଇତିହାସକୁ ପ୍ରତ୍ୟକ୍ଷ ଭାବରେ ଅନୁଧ୍ୟାନ କରିବାକୁ ସେମାନେ ସମୟ ଦେଇ ପାରିନଥିଲେ । ତେଣୁ ଏହା ଅତ୍ୟନ୍ତ ସ୍ୱାଭାବିକ ଯେ ଭାରତବର୍ଷର ବହୁ ବିଜ୍ଞ ରାଜନୈତିକ ନେତା ଜୀବନର ଶେଷ ପର୍ଯ୍ୟାୟରେ ନିଜର ସଂଶୟ ଓ ଦ୍ୱନ୍ଦ୍ୱର ଅବସାନ ନିମିତ୍ତ ଗାନ୍ଧୀ ରଚନାବଳୀର ଗଭୀର ଅଧ୍ୟୟନ ଫଳରେ ନିଜର ମତ ପରିବର୍ତ୍ତନ କରିଛନ୍ତି । ଦୁଃଖର କଥା ଯେ ଗତ ୩୦ବର୍ଷ ଭିତରେ ଭାରତର ବିଶ୍ୱବିଦ୍ୟାଳୟଗୁଡ଼ିକର ଗବେଷକ ଓ ଅଧ୍ୟାପକମାନେ "ଭାରତୀୟ ରାଜନୀତିର" ଅନୁଶୀଳନ କଲାବେଳେ କେବଳ ପାଶ୍ଚାତ୍ୟ ବା ସାମ୍ୟବାଦୀ ରାଷ୍ଟ୍ରମାନଙ୍କର ଚିନ୍ତାଶୀଳ ନାୟକମାନଙ୍କର ଉକ୍ତିକୁ, ମାର୍ଗକୁ ଓ ଆଦର୍ଶକୁ 'ଶୁକବତ୍' ଘୋଷି ଗ୍ରହିଛନ୍ତି । ରାଜନୀତି କ୍ଷେତ୍ରରେ ଅଂଶ ଗ୍ରହଣ କରିଥିବା ନେତୃବର୍ଗ ବିଶ୍ୱବିଦ୍ୟାଳୟର ଗବେଷକ ବା ଅଧ୍ୟାପକମାନଙ୍କ ସହିତ ଯେପରି ସଂପର୍କ ପ୍ରତିଷ୍ଠା କରିବା ଉଚିତ୍ ତାହା କରି ପାରି ନାହାନ୍ତି ।

ପ୍ରତ୍ୟେକ ରାଷ୍ଟ୍ରରେ ବିଶ୍ୱବିଦ୍ୟାଳୟର ଗବେଷକ ଓ ଚିନ୍ତାନାୟକମାନେ ରାଷ୍ଟ୍ରର ରାଜନୀତିଜ୍ଞମାନଙ୍କୁ ପ୍ରଭାବିତ କରିଥାନ୍ତି । କିନ୍ତୁ ଭାରତବର୍ଷରେ ରାଜନୀତିଜ୍ଞମାନେ ବିଶ୍ୱବିଦ୍ୟାଳୟର ଗବେଷଣା ଲବ୍ଧ ତଥ୍ୟ ସହିତ ସଂପର୍କ ପ୍ରତିଷ୍ଠା କରି ପାରି ନାହାନ୍ତି । ଏହି ପରିପ୍ରେକ୍ଷୀରେ ବିଚାର କଲେ ଜୟପ୍ରକାଶଙ୍କ ଦୃଷ୍ଟିଭଙ୍ଗୀରେ ଯେଉଁ ପରିବର୍ତ୍ତନ ଘଟିଛି, ତାହା ସ୍ୱାଭାବିକ ପ୍ରକ୍ରିୟାରେ ହିଁ ଘଟିଛି । ରାଜନୈତିକ ଜୀବନରେ ଅଧ୍ୟୟନର ଅବକାଶ ସୀମିତ— ବିଶେଷଭାବରେ ଭାରତବର୍ଷର ରାଜନୈତିକ ପରିବେଶରେ ଏହା ଅତ୍ୟନ୍ତ ସଂକୁଚିତ ।

ଜୟପ୍ରକାଶ ଗାନ୍ଧୀଜୀଙ୍କର ଜୀବନ ଦର୍ଶନକୁ, ସମାଜ ଓ ସମାଜର ବିଭିନ୍ନ ଅନୁଷ୍ଠାନ ସହିତ ତାହାର ସଂପର୍କକୁ ବିଶ୍ଳେଷଣ କରି କହିଛନ୍ତି ଯେ ଏହା ଦୁଇଟି ଭାଗରେ ବିଭକ୍ତ କରାଯାଇପାରେ—(କ) ମାନବିକ ସୁଖ ସ୍ୱାଚ୍ଛନ୍ଦ୍ୟ ଓ ବିକାଶ (ଖ) ସମାଜରେ ମନୁଷ୍ୟର ସ୍ଥାନ ଓ ସମାଜ ଓ ମଣିଷ ମଧ୍ୟରେ ଥିବା ସଂପର୍କର ବିଶ୍ଳେଷଣ । ଏହି ଦୃଷ୍ଟିରୁ ଜୟପ୍ରକାଶଙ୍କ ଦୃଷ୍ଟିରେ ଗାନ୍ଧୀ ପ୍ରଦର୍ଶିତ "ଅହିଂସା ମାର୍ଗ" ଏକ ବୃହତ୍ତର "ଲକ୍ଷ୍ୟ" ସାଧନ କ୍ଷେତ୍ରରେ "ପନ୍ଥା" ରୂପେ ବିବେଚିତ ହୋଇଥିଲା । ମଣିଷର ସୁଖ ସ୍ୱାଚ୍ଛନ୍ଦ୍ୟ ଓ ବିକାଶ ହିଁ ଥିଲା ଗାନ୍ଧୀଜୀଙ୍କର "ଲକ୍ଷ୍ୟ" । ଏହି ଲକ୍ଷ୍ୟ ସାଧନ ପାଇଁ ଗାନ୍ଧୀଜୀ ମଣିଷର ଅର୍ଥନୈତିକ, ମାନସିକ ଓ ନୈତିକ ବିକାଶକୁ ବିଚାରକୁ ନେଇଥିଲେ । ବ୍ୟକ୍ତିର ଏହି ସୁଖ ସ୍ୱାଚ୍ଛନ୍ଦ୍ୟ ଓ ନୈତିକ ବିକାଶ ସାଧନ କ୍ଷେତ୍ରରେ ସମସ୍ତଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି କରିବା ଓ ବ୍ୟକ୍ତି ସ୍ୱାଧୀନତାକୁ ପ୍ରାଧାନ୍ୟ ଦେବା ଗାନ୍ଧୀଜୀଙ୍କର ଲକ୍ଷ୍ୟ ଥିଲା । ଏହି ଲକ୍ଷ୍ୟ ସାଧନ କ୍ଷେତ୍ରରେ "ଅହିଂସାର" ଆଦର୍ଶ ସର୍ବଦା ପ୍ରତିଷ୍ଠା କରିବା ସମ୍ଭବପର ହୋଇ ନ ପାରେ । କିନ୍ତୁ ଏଥିପାଇଁ ସମାଜ ଓ ବ୍ୟକ୍ତିମାନେ ସତତ ସଚେଷ୍ଟ ରହିଲେ, ମାନବିକ ସୁଖ ସ୍ୱାଚ୍ଛନ୍ଦ୍ୟ ତଥା ମାନସିକ ଓ ନୈତିକ ବିକାଶ ସମ୍ଭବ ହେବ ।

ତେଣୁ ଗାନ୍ଧୀଜୀଙ୍କ ଚିନ୍ତାରେ ସମାଜର କେନ୍ଦ୍ର ବିନ୍ଦୁ ହେଉଛି ବ୍ୟକ୍ତି । ଏ କ୍ଷେତ୍ରରେ ପାଶ୍ଚାତ୍ୟ ଦେଶର ବ୍ୟକ୍ତି ସ୍ୱାତନ୍ତ୍ର୍ୟ ବା ପ୍ରାଚ୍ୟର "ସଂଗଠିତ ନେତୃତ୍ୱ" ସମସ୍ୟାର ସମାଧାନ କରି ପାରି ନାହିଁ । ତେଣୁ ସମାଜ ଓ ବ୍ୟକ୍ତିର ସଂପର୍କକୁ ଅନୁଶୀଳନ କରି ଗାନ୍ଧୀଜୀ ଏହି ସଂପର୍କକୁ ଉପଯୁକ୍ତ ଭାବରେ ପ୍ରତିଷ୍ଠା କରିବା ପାଇଁ ନୈତିକତା ଉପରେ ଆସ୍ଥା ସ୍ଥାପନ କରିଥିଲେ । କେବଳ ନୈତିକତାର ପ୍ରତିଷ୍ଠା ଫଳରେ ହିଁ ସମାଜ ଓ ବ୍ୟକ୍ତି ସେମାନଙ୍କର ପାରସ୍ପରିକ ଦାୟିତ୍ୱବୋଧ ସଂପର୍କରେ ସଚେତନ ରହି

ପାରିବେ ବୋଲି ଗାନ୍ଧୀଜୀ ବିଶ୍ୱାସ କରୁଥିଲେ । ଅନ୍ୟ ଭାବରେ କହିଲେ ଗାନ୍ଧୀଜୀ ସମାଜର ଅଖଣ୍ଡ କ୍ଷମତା ଓ କର୍ତ୍ତୃତ୍ୱକୁ ଯେପରି ଅସ୍ୱୀକାର କରୁଥିଲେ, ବ୍ୟକ୍ତିର କ୍ଷମତା ଓ କର୍ତ୍ତୃତ୍ୱକୁ ମଧ୍ୟ ଅନୁରୂପ ଭାବରେ ପ୍ରତ୍ୟାଖ୍ୟାନ କରିଥିଲେ । "ଅନିୟନ୍ତ୍ରିତ ବ୍ୟକ୍ତି ସ୍ୱାତନ୍ତ୍ର୍ୟ"କୁ ଗାନ୍ଧୀଜୀ "ଜଙ୍ଗଲର ପଶୁମାନଙ୍କର ନିୟମ" ବୋଲି ବିଚାର କରିଥିଲେ । ସେହିଭଳି ଭାବରେ "ସମାଜର କ୍ଷମତା ପ୍ରସାର" ପାଇଁ ବ୍ୟକ୍ତିକୁ ହତ୍ୟା କରିବା, ତାହାର ମୁକ୍ତି ଚେତନାକୁ ଖର୍ବ କରିବା ବା ତାକୁ ଏକ ଖେଳନା ଭାବରେ ବ୍ୟବହାର କରିବାକୁ ଚେଷ୍ଟା କରିବା ଏକ ଅଯୌକ୍ତିକ ଓ ଅନୈତିକ ଭାବଧାରା ବୋଲି ସେ ବିଶ୍ୱାସ କରୁଥିଲେ ।

ତେଣୁ ବ୍ୟକ୍ତି ଓ ସମାଜ ମଧ୍ୟରେ ଯେଉଁ ସଂଘର୍ଷ ଦେଖା ଦିଏ ସେହି ସଂଘର୍ଷ ଜନିତ ସମସ୍ୟାର ସମାଧାନ ପାଇଁ ଗାନ୍ଧୀଜୀଙ୍କ ପ୍ରଦର୍ଶିତ "ନୈତିକତାର" ମାର୍ଗକୁ ପ୍ରତ୍ୟାଖ୍ୟାନ କଲେ ଅନ୍ୟ କୌଣସି ବିଚାରଧାରା ଦ୍ୱାରା ଏହି ସମସ୍ୟାର ସମାଧାନ ସମ୍ଭବ ହୋଇ ପାରିବ ନାହିଁ ।

ତେଣୁ ବ୍ୟକ୍ତି ଓ ସମାଜର କିପରି ନୈତିକ ବିକାଶ ସାଧିତ ହୋଇ ପାରିବ ତାହା ବିଚାର କରାଯିବା ଉଚିତ୍ । ଏହାରି ଉପରେ ହିଁ ସାମୂହିକ କଲ୍ୟାଣ ପ୍ରତିଷ୍ଠା କରିହେବ । ଗାନ୍ଧୀଜୀଙ୍କ ଚିନ୍ତାଧାରା ଅନୁଯାୟୀ କେବଳ 'ସତ୍ୟ' ଓ 'ଅହିଂସା ମାର୍ଗ' ଜରିଆରେ ହିଁ ସାମାଜିକ ପରିବର୍ତ୍ତନ ସମ୍ଭବ ।

ଏହି ଭିତ୍ତିଭୂମି ଉପରେ ଗାନ୍ଧୀଜୀଙ୍କର ରାଜନୈତିକ, ଅର୍ଥନୈତିକ ତଥା ସାମାଜିକ ଭାବଧାରାକୁ ବିଶ୍ଳେଷଣ କରିବା ଉଚିତ୍ । ଏହା ହିଁ "କ୍ଷମତାର ସ୍ୱରୂପ", "କାର୍ଯ୍ୟକ୍ରମର ସୁସଂହତ ବିକାଶ" ଓ "ଗୋଷ୍ଠୀ ଜୀବନର ଅଭ୍ୟୁଦୟ" ଆଣିବା ଦିଗରେ ସହାୟକ ହେବ । ତେଣୁ ତାଙ୍କ ପରିକଳ୍ପନାରେ ସେ ଏପରି ଏକ ସମାଜର ପ୍ରତିଷ୍ଠା କଥା ଚିନ୍ତା କରୁଥିଲେ , ଯେଉଁଠାରେ କ୍ଷମତା ବିକେନ୍ଦ୍ରୀକରଣର ଆବଶ୍ୟକତା ରହିଛି । ସେଇଭଳି ଏକ ସମାଜ ସମ୍ପତ୍ତିକୁ ନିୟନ୍ତ୍ରଣ କରିବାରେ ଓ ଉତ୍ପାଦନ ଅଭିବୃଦ୍ଧି ଦିଗରେ ଉପଯୁକ୍ତ ବାତାବରଣ ସୃଷ୍ଟି କରିପାରିବ । ଏହି ପରିକଳ୍ପନାନୁଯାୟୀ ବୃହତ୍ତର ସମାଜର ବିକାଶ କେବଳ କ୍ଷୁଦ୍ର କ୍ଷୁଦ୍ର ସ୍ୱୟଂ ସଂପୂର୍ଣ୍ଣ ସ୍ୱାୟତ୍ତ ଶାସିତ ଗୋଷ୍ଠୀ ଜୀବନର ବିକାଶ ଉପରେ ନିର୍ଭରଶୀଳ । ଏହି କ୍ଷୁଦ୍ର କ୍ଷୁଦ୍ର ଗୋଷ୍ଠୀଗୁଡ଼ିକ ଆପଣା ଛାଏଁ ପରସ୍ପର ସହିତ ସହଯୋଗ ପ୍ରତିଷ୍ଠା କରିପାରିବେ । ଗାନ୍ଧୀଜୀ କହିଥିଲେ ଯେ "ଏକ ଅହିଂସ ସମାଜ ଗଠନରେ କେନ୍ଦ୍ରୀଭୂତ କ୍ଷମତାକୁ ଗ୍ରହଣ କରାଯାଇ ପାରିବ ନାହିଁ ।"

ଗାନ୍ଧୀଜୀ "ରାଷ୍ଟ୍ରର" ସତ୍ତା ସଂପର୍କରେ ସଂଶୟ ପୋଷଣ କରୁଥିଲେ । "ରାଷ୍ଟ୍ର କେବଳ ହିଂସାକୁ ବହୁଗୁଣିତ କରେ ଓ ଏହାକୁ ଆନୁଷ୍ଠାନିକ ରୂପ ଦେଇଥାଏ ।" ବ୍ୟକ୍ତିର ଏକ ଆତ୍ମା ରହିଛି, କିନ୍ତୁ ରାଷ୍ଟ୍ର ଏକ ହୃଦୟହୀନ ଯନ୍ତ୍ର । ଏହା ହିଂସା ଉପରେ ପ୍ରତିଷ୍ଠିତ । ତେଣୁ ରାଷ୍ଟ୍ର ହିଂସା ବ୍ୟତିରେକେ ତିଷ୍ଠି ପାରିବ ନାହିଁ । ସେଥିପାଇଁ ସେ ଦରିଦ୍ର ଲୋକର ଅଭ୍ୟୁଦୟ ପାଇଁ "ଟ୍ରଷ୍ଟ" ଗଠନ କରିବାକୁ ପରାମର୍ଶ ଦେଇଥିଲେ । ତେଣୁ ଆଦର୍ଶ ଦୃଷ୍ଟିରୁ ବିଚାର କଲେ ଗାନ୍ଧୀଜୀ ଏକ ରାଷ୍ଟ୍ରବିହୀନ ଗଣତନ୍ତ୍ର ପ୍ରତିଷ୍ଠା କରିବାକୁ ପରିକଳ୍ପନା କରୁଥିଲେ । ଏଭଳି ଏକ ସମାଜରେ ସାମାଜିକ ଜୀବନ ଏପରି ବିକଶିତ ହେବ ଯେ ବ୍ୟକ୍ତି ନିଜକୁ ନିୟନ୍ତ୍ରିତ କରିପାରିବ । ତେଣୁ ଆଦର୍ଶ ସମାଜରେ କୌଣସି "ରାଜନୈତିକ କ୍ଷମତାର" ଆବଶ୍ୟକତା ନାହିଁ । କାରଣ ସେଠାରେ ରାଷ୍ଟ୍ରର କୌଣସି ସତ୍ତା ରହିବ ନାହିଁ । ଏହିଭଳି ଏକ ଆଦର୍ଶ ସମାଜରେ ଶାନ୍ତି ଶୃଂଖଳା ରକ୍ଷା କରିବା ପାଇଁ ଯେଉଁ ଲୋକେ ନିଯୁକ୍ତି ପାଇବେ ସେମାନେ ଅହିଂସା ମାର୍ଗରେ ବିଶ୍ୱାସ କରୁଥିବେ ।

ସେଥିପାଇଁ ଗାନ୍ଧୀଜୀ କହିଥିଲେ, "ତୁମ୍ଭେମାନେ ଦିଲ୍ଲୀକୁ କିମ୍ବା କଲିକତା ବା ବମ୍ବେକୁ କ୍ଷମତାର କେନ୍ଦ୍ର ବିନ୍ଦୁ ଭାବରେ ଦେଖୁଛ । ମୁଁ ଏହି କ୍ଷମତାକୁ ସାତ ଲକ୍ଷ ଗ୍ରାମରେ ବାଣ୍ଟିଦେବାକୁ ଚାହେଁ" । କହିବା ବାହୁଲ୍ୟ ଯେ ଜୟପ୍ରକାଶଙ୍କର ଦୃଷ୍ଟିରେ ଗାନ୍ଧୀଜୀଙ୍କର ଏହି ଚିନ୍ତାଧାରା ନୂତନ ରୂପ ନେଇଛି ।

ସି/୫, ୟୁନିଟ–୩
ଖାରବେଳ ନଗର
ଭୁବନେଶ୍ୱର–୭୫୧୦୦୧

# ବନ ମହୋତ୍ସବ ଓ ପଞ୍ଚବନ ଯୋଜନାର ଭୂମିକା

ଶ୍ରୀ ମହେଶ ଚନ୍ଦ୍ର ଦାସ

ଜଙ୍ଗଲ ଦେଶର ଗୋଟିଏ ଅତି ଅମୂଲ୍ୟ ସମ୍ପଦ ଓ ଏହାକୁ ଅବିଚାରିତ ଭାବରେ ନଷ୍ଟ କରିଦେଲେ ଦେଶର ଧ୍ୱଂସର ପଥ ଉନ୍ମୁକ୍ତ ହୋଇଯାଏ ବୋଲି ସମସ୍ତେ ସ୍ୱୀକାର କରୁଥିଲେ ମଧ୍ୟ କାର୍ଯ୍ୟତଃ ଆମ ଦେଶରେ ଅରଣ୍ୟ ସମ୍ପଦ ଯେପରି ଉଜୁଡ଼ି ଯାଉଛି ତାହା ଭବିଷ୍ୟତ ବଂଶଧରମାନଙ୍କ ପାଇଁ ଯେ ଏକ ଅତି ବିଷମ ପରିସ୍ଥିତି ସୃଷ୍ଟି କରିବ ଏହା ନିଃସନ୍ଦେହ । ପ୍ରତି ବର୍ଷ ଜୁଲାଇ ମାସ ପ୍ରଥମ ସପ୍ତାହରେ ବନମହୋତ୍ସବ ପାଳନ କରାଯାଉଛି । ସଭା ସମିତିରେ ଏ ସଂପର୍କରେ ଅନେକ ଆଲୋଚନା ମଧ୍ୟ ହେଉଛି । ବିଗତ ୨୯ ବର୍ଷରେ କୋଟି କୋଟି ବୃକ୍ଷ ବନ ମହୋତ୍ସବ ବେଳେ ଲଗା ଯାଇଥିବା ସ୍ଥଳେ ରକ୍ଷଣାବେକ୍ଷଣର ଅଭାବ ତଥା ଜନସାଧାରଣଙ୍କ ଅବହେଳାରୁ ସେ ମଧ୍ୟରୁ ବହୁ ସଂଖ୍ୟକ ଗଛ ଲୀନ ହୋଇ ଯାଉଛି । ଏପରିକି ଗୋଟିଏ ଗୋଟିଏ ସ୍ଥାନରେ ବହୁଥର ବନମହୋତ୍ସବ ସପ୍ତାହରେ ବୃକ୍ଷରୋପଣ କରାଯିବାର ଦୃଷ୍ଟାନ୍ତ ରହିଛି । କିପରି ଉପାୟରେ ଜଙ୍ଗଲ ବିନାଶ କ୍ରିୟାକୁ ପ୍ରତିରୋଧ କରାଯାଇ ପାରିବ ଓ ବୃକ୍ଷରୋପଣ ତଥା ନୂତନ ଅରଣ୍ୟ ସୃଷ୍ଟି ପ୍ରଭୃତି ଯୋଜନାମାନ ବହୁଳ ଭାବେ ଗାଁ ଗାଁରେ ଜନସାଧାରଣଙ୍କ ସକ୍ରିୟ ସହଯୋଗରେ ପ୍ରସାର ଲାଭକରି ପାରିବ ସେ ବିଷୟରେ ବିଭିନ୍ନ ରାଜ୍ୟରେ ବନ ବିଭାଗ ଆବଶ୍ୟକୀୟ ପଦକ୍ଷେପ ନେବାପାଇଁ ଯତ୍ନଶୀଳ ହେଲେଣି । ଅରଣ୍ୟର ଯଦୃଚ୍ଛା ଧ୍ୱଂସ ସାଧନ ବନ୍ଦ ହୋଇ ନୂତନ ଅରଣ୍ୟ ସୃଷ୍ଟି ନିମନ୍ତେ ଯେପରି ଆନ୍ତରିକ ଉଦ୍ୟମ ହୁଏ, ସେହି ଲକ୍ଷରଖି ଏକ ନୂତନ ଜାତୀୟ ଅରଣ୍ୟ ନୀତି ପ୍ରସ୍ତୁତ କରାଗଲାଣି । ଅରଣ୍ୟ ସଂରକ୍ଷଣ ରାଜ୍ୟ ସରକାର ମାନଙ୍କ ବିଗ୍ରାଧୀନ ବିଷୟ । ମନୁଷ୍ୟର କଲ୍ୟାଣ ଲାଗି ଜଙ୍ଗଲ କିପରି ଅପରିହାର୍ଯ୍ୟ ଓ ଏଥିରୁ କି ଉପକାର ମିଳେ, ସେ ସବୁ ପ୍ରତ୍ୟେକ ରାଜ୍ୟର ଲୋକମାନେ ଭଲଭାବେ ଜାଣନ୍ତି । କିନ୍ତୁ ଏହା ତାଙ୍କର କାର୍ଯ୍ୟରେ ପ୍ରତିଫଳିତ ହେଉ ନାହିଁ । ଜଳ-ବିଦ୍ୟୁତ୍ ଯୋଜନା, ଅଧିକ କୃଷି ଜମି ଯୋଗାଣ, ଗୃହହୀନ ଲୋକମାନଙ୍କ ପାଇଁ ନୂତନ ବସ୍ତି ନିର୍ମାଣ ଓ ନୂତନ ଶିଳ୍ପ ଓ ଖଣି ଉଦ୍ୟୋଗଗୁଡ଼ିକ ପାଇଁ ଜମିର ଆବଶ୍ୟକତା ପୂରଣ ନିମନ୍ତେ ବିପୁଳ ଅରଣ୍ୟ ସଂପଦ ନଷ୍ଟ ହୋଇ ଯାଉଛି ।

ପୃଥିବୀରେ ପେଟ୍ରୋଲ ଜାତୀୟ ଖଣିଜ ତୈଳର ଦର ଅତ୍ୟଧିକ ବଢ଼ିଯିବା ହେତୁ ଜାଳେଣି ସମସ୍ୟା ଯେପରି ଗୁରୁତର ହେଲାଣି, ସେଥିରେ ଭାରତ ଭଳି ଗ୍ରାମ ବହୁଳ ଦେଶରେ ଜଙ୍ଗଲର ସଂରକ୍ଷଣ ଓ ପ୍ରସାର ତଥା ନୂତନ ବନୀ-କରଣ ଓ ବୃକ୍ଷ ରୋପଣ ଅଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଆମ ଦେଶରେ ଯେତେ ଜାଳେଣି ବ୍ୟବହାର କରାଯାଏ, ସେଥି ମଧ୍ୟରୁ ଶତକଡ଼ା ୯୦ ଭାଗ ଗାଁ ଆଖ-ପାଖ ଜଙ୍ଗଲରୁ କାଠ କାଟି ମେଣ୍ଟାଯାଇ ଥାଏ । ଲୋକସଂଖ୍ୟା ବୃଦ୍ଧି, ଅବିଚାରିତ ଭାବେ ଜଙ୍ଗଲ କଟା ଓ 'ନିସ୍ତାର' ସୁବିଧାରେ ଅତ୍ୟଧିକ ଉପଯୋଗ ଫଳରେ ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲ ସବୁ ଉଜୁଡ଼ି ଗଲାଣି । ଉପଯୁକ୍ତ ସମୟରେ ପୁଣି ନୂଆଗଛ ଲଗାଇବା ଲାଗି ନିଷ୍ଠାର ସହିତ ଉଦ୍ୟମ କରାଗଲେ ଏହି ଜଙ୍ଗଲର ସୁରକ୍ଷା ତଥା ଜାଳେଣି ସମସ୍ୟାର ସମାଧାନ ଅନେକ ପରିମାଣରେ ସମ୍ଭବ ହେବ । ଏହାଛଡ଼ା କୃଷି ଉତ୍ପାଦନ ବୃଦ୍ଧି ଲାଗି ରାସାୟନିକ ସାର ଅପେକ୍ଷା ଜୈବିକ ସାରର ଉପଯୋଗିତା ଅଧିକ ବୋଲି କୃଷି ବିଶାରଦମାନେ ଏକମତ । ରାସାୟନିକ ସାର କେବଳ ମାଟିରେ ଫସଲ ଉତ୍ପାଦିକା ଶକ୍ତି ବୃଦ୍ଧିକରେ କିନ୍ତୁ ଜୈବିକ ସାର ମାଟିର ଗଠନ, ସଂଯୋଗ ଓ ପ୍ରସ୍ତୁତିକରଣ ସହିତ ତାହାର ଉତ୍ପାଦିକା ଶକ୍ତି ବୃଦ୍ଧିରେ ସାହାଯ୍ୟ କରେ । ସେ ଦୃଷ୍ଟିରୁ ଗୋବରକୁ ଘସିରୂପେ ଜାଳେଣି କାର୍ଯ୍ୟରେ ବ୍ୟବହାର ପରିବର୍ତ୍ତେ ଜମିରେ ସାର ଆକାରରେ ଓ ଗୋବର ଗ୍ୟାସ ତିଆରି ଉଦ୍ଦେଶ୍ୟରେ ବ୍ୟବହାର ଲାଗି ପରାମର୍ଶ ଦିଆଯାଉଛି । ଏକ ଟନ୍ ଗୋବର ଖତରେ ପ୍ରାୟ ୫୦ କେ. ଜି. ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ କରାଇବା ଶକ୍ତି ନିହିତ ଅଛି । ଆମ ଦେଶରେ ଜାଳେଣି ଉଦ୍ଦେଶ୍ୟରେ ବ୍ୟବହୃତ ହେଉଥିବା ଗୋବର ଆନୁମାନିକ ୬୦ ଲକ୍ଷ ଟନ୍ ରାସାୟନିକ ସାରର ସମତୁଲ । ଉକ୍ତ ଗୋବରକୁ ଜାଳେଣି ପରିବର୍ତ୍ତେ ସାର ରୂପେ ବ୍ୟବହାର କରିବାକୁ ହେଲେ ସମଗ୍ର ଭାରତରେ ତଥା ଆମ ନିଜ ରାଜ୍ୟରେ କାଠର ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ । ଗାଁ ପାଖରେ ଏହି ଉଦ୍ଦେଶ୍ୟରେ ବହୁ ପରିମାଣ-ରେ ଦ୍ରୁତ ବର୍ଦ୍ଧମାନ ବୃକ୍ଷ ରୋପଣ ଦ୍ୱାରା ଜଙ୍ଗଲ ସଂପଦର ପ୍ରସାର ବର୍ତ୍ତମାନ ଗୋଟିଏ ଜରୁରୀ ଜାତୀୟ ସେବା କାର୍ଯ୍ୟ

ରୂପେ ପରିଗଣିତ ହେଲାଣି । ଆମ ଦେଶର ଲୋକ ସଂଖ୍ୟା ବୃଦ୍ଧି ସଙ୍ଗେ ସଙ୍ଗେ ଜଙ୍ଗଲ ସଂପଦର କ୍ଷୟ ହେଉଥିବାରୁ ବୃଷ୍ଟି ପରିମାଣ ଊଣା ହୋଇ ପୂର୍ବ ତୁଳନାରେ ବଢ଼ି, ମରୁଡ଼ିର ବିଭୀଷିକା ବଢ଼ିଲାଣି । ଯଦୃଚ୍ଛା ଜଙ୍ଗଲ କଟା ବନ୍ଦକରି ତା ପରିବର୍ତ୍ତେ ନୂତନ ଜଙ୍ଗଲ ସୃଷ୍ଟିଲାଗି ଠିକଣା ସମୟରେ ଆବଶ୍ୟକ ଉଦ୍ୟମ ନ ହେବାରୁ ନଦୀର ଅବବାହିକା ଅଞ୍ଚଳରୁ ଦ୍ରୁତ ଗତିରେ ମୃତ୍ତିକା କ୍ଷୟ ହୋଇ ନଈ ନାଳ ପୋତି ହୋଇ ପଡ଼ୁଛି ଏବଂ ଏଥିଯୋଗୁ ବନ୍ୟା ଜନିତ କ୍ଷୟ କ୍ଷତି ପୂର୍ବାପେକ୍ଷା ଅତ୍ୟଧିକ ହେଉଛି । ଫଳରେ ଜଳ ଭଣ୍ଡାରଗୁଡ଼ିକର ଆୟୁଷ ଅନେକ କମିଯାଉଛି ।

ଝଡ଼ ବତାସ ବେଳେ ଜଙ୍ଗଲ ଏହାର ପ୍ରଧାନ ମାଡ଼ ସଂଭାଳି ନେଇଥାଏ । ଫଳରେ ଗାଁ ଗଣ୍ଡାରେ କ୍ଷୟ କ୍ଷତି ଅପେକ୍ଷାକୃତ କମ୍ ହୋଇଥାଏ । କିନ୍ତୁ ସମୁଦ୍ର ବେଳାରୁ ଓ ଅନ୍ୟତ୍ର ଜଙ୍ଗଲ ସଫା ହୋଇ ଯାଉଥିବାରୁ ଓ ତା' ସ୍ଥାନରେ ନୂତନ ଗଛ ଲଗାଇବା ପାଇଁ ଯଥେଷ୍ଟ ଉଦ୍ୟମ ହେଉ ନଥିବାରୁ ଝଡ଼ତୋଫାନରେ ପୂର୍ବାପେକ୍ଷା ଗାଁ ଗଣ୍ଡାରେ ଅଧିକ କ୍ଷୟ କ୍ଷତି ହେଉଛି । ଜଙ୍ଗଲରେ ବହୁ ପରିମାଣରେ ପତ୍ର ତଳେ ପଡ଼ି ପଚି ଅତି ଉତ୍କୃଷ୍ଟ ସାରର କାମ ଦେଇଥାଏ । ପାଣିର ବେଗ ମଧ୍ୟ ଏହାଦ୍ୱାରା ଅନେକ ପରିମାଣରେ ନିୟନ୍ତ୍ରିତ ହୁଏ । ଓଡ଼ିଶା ଭଳି ରାଜ୍ୟରେ ଆଦିବାସୀ ମାନଙ୍କର ସଂଖ୍ୟା କିଛି କମ୍ ନୁହେ । ଆଦିବାସୀ ସଭ୍ୟତା ଓ ଚଳଣି ସହିତ ଜଙ୍ଗଲ ଓତଃପ୍ରୋତ ଭାବେରେ ସଂପୃକ୍ତ । ଏହି ଦରିଦ୍ର ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ କଲ୍ୟାଣ ଦୃଷ୍ଟିରୁ ଜଙ୍ଗଲର ସଂରକ୍ଷଣ ଓ ପରିବର୍ଦ୍ଧନ ଯେ ଅତି ଗୁରୁତ୍ୱ-ପୂର୍ଣ୍ଣ ଏଥିରେ ସନ୍ଦେହ ନାହିଁ । ଚଳିତ ବର୍ଷ ଜୁଲାଇ ମାସରେ ୩୦ ତମ ବନ ମହୋତ୍ସବ ଉପଲକ୍ଷେ ଜଙ୍ଗଲ ବିଭାଗ ତରଫରୁ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇଅଛି । ରାଜ୍ୟ ସାରା ଲୋକମାନଙ୍କୁ ବ୍ୟାପକ ଭାବେ ବୃକ୍ଷ ରୋପଣ କରିବା ପାଇଁ ନିବେଦନ କରିବା ସଙ୍ଗେ ସଙ୍ଗେ ଜଙ୍ଗଲ ଚାରା ବଣ୍ଟନ ନିମନ୍ତେ ଅନେକ ଗୁଡ଼ିଏ ନର୍ସରୀ ବା ଚାରାକ୍ଷେତ୍ର ପ୍ରସ୍ତୁତ କରାଯାଇଛି । ଗ୍ରାମ୍ୟ ସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ସମସ୍ତ ବନ ବିଭାଗୀୟ କର୍ମଚାରୀ ଗୋଟିଏ ଗୋଟିଏ ଗାଁ ବାଛି ନେଇଛନ୍ତି, ଯେଉଁଠାରେ କି ସେମାନେ ଗ୍ରାମବାସୀମାନଙ୍କର ସହଯୋଗରେ ବୃକ୍ଷ ରୋପଣ କରାଇବେ । ଗ୍ରାମ ନିକଟ-ବର୍ତ୍ତୀ ପଡ଼ିଆ ଜମି, ହିଡ଼ ବନ୍ଧ, ରାସ୍ତାକଡ଼, ପୋଖରୀ ବନ୍ଧ ଓ ବାଡ଼ି ବଗିଚମାନଙ୍କରେ ବୃକ୍ଷରୋପଣ ପ୍ରତି ଏବର୍ଷ ଅଧିକ ଗୁରୁତ୍ୱ ଦିଆଯାଇଛି । ଦ୍ରୁତ ବର୍ଦ୍ଧମାନ ବୃକ୍ଷମାନଙ୍କ ମଧ୍ୟରେ ଶିଶୁ, ବିଲାତି ବାବୁଲ, ଇଉକାଲିପଟାସ୍, ଗମ୍ଭାରୀ, ବାବୁଲ, ମହାନିମ୍, ଶିମିଳି ଓ ପଶୁଖାଦ୍ୟପୋଯୋଗୀ ସୁବାବୁଲ ଏବଂ ଅଗସ୍ତି ଚାରା ବହୁଳ ଭାବେ ରୋପଣ ପାଇଁ ଏବର୍ଷ କାର୍ଯ୍ୟକ୍ରମ ରଖାଯାଇଛି । ଏକ ହେକ୍ଟର କ୍ଷେତ୍ରରେ ଉପରୋକ୍ତ ଦ୍ରୁତ ବର୍ଦ୍ଧନଶୀଳ ବୃକ୍ଷ ରୋପଣ କରାଗଲେ ସେଥିରୁ ପ୍ରାୟ ୧୫–୨୦ ଲୋକ ନିଜର ଜାଳେଣି କାଠର ଆବଶ୍ୟକତା ମେଣ୍ଟାଇ ପାରିବେ । ଉପରୋକ୍ତ ଚାରା ବଣ୍ଟନ ବ୍ୟତୀତ ଅନ୍ୟ ବହୁ କିସମର ବୃକ୍ଷରୋପଣ ନିମନ୍ତେ ମଧ୍ୟ ଚାରା ପ୍ରସ୍ତୁତ କରାଯାଇଛି । ଯଥା—ସାଗୁଆନ୍, କାଜୁବାଦାମ୍, ଓ ଅନ୍ୟାନ୍ୟ ଫଳ ଫୁଲ ଚାରା । ଗାଁ ଗାଁରେ ଅଧିକ ବାଉଁଶ ଜଙ୍ଗଲ ସୃଷ୍ଟି ନିମନ୍ତେ ଆବଶ୍ୟକୀୟ ଚାରା ଯୋଗାଇ ଦେବା ପାଇଁ ପ୍ରତ୍ୟେକ ବନ ବିଭାଗୀୟ କର୍ମ-କର୍ତ୍ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି, ଏବଂ ଏଥି ନିମନ୍ତେ ବନରକ୍ଷୀ ଓ ବନପାଳମାନେ ମଧ୍ୟ ପ୍ରସ୍ତୁତ ହୋଇ ରହିଛନ୍ତି ।

ବନ ମହୋତ୍ସବ ବ୍ୟତୀତ, ଷଷ୍ଠ ଯୋଜନା କାଳରେ "ସାମାଜିକ ବନ" ତଥା "ପଞ୍ଚବନ" କାର୍ଯ୍ୟକ୍ରମର ବହୁଳ ପ୍ରସାର କରିବା ପାଇଁ ଯୋଜନା ସ୍ଥିରୀକୃତ ହୋଇଛି । "କାର୍ଯ୍ୟ ପାଇଁ ଖାଦ୍ୟ" ଯୋଜନା ମାଧ୍ୟମରେ ବିସ୍ତୃତ କ୍ଷେତ୍ରରେ ବନୀକରଣ ରାଜ୍ୟର ବିଭିନ୍ନ କ୍ଷେତ୍ରରେ ବର୍ତ୍ତମାନ ଚାଲୁ ରହିଛି । ସମନ୍ୱିତ ଗ୍ରାମ ଉନ୍ନୟନ ପରିକଳ୍ପନାରେ ଓଡ଼ିଶାରେ ୧୨୭ ବ୍ଲକ୍‌ରେ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି, ବାଡ଼ି ବଗିଚରେ ବୃକ୍ଷରୋପଣ, ଚରାଉ ବ୍ୟବସ୍ଥାର ସୁଧାର ଓ ଗ୍ରାମ୍ୟ ଶିଳ୍ପର ଅଭିବୃଦ୍ଧି ନିମନ୍ତେ ଉପଯୁକ୍ତ ଜଙ୍ଗଲ ବୃକ୍ଷ, ବାଉଁଶ, ପଶୁ ଖାଦ୍ୟୋପଯୋଗୀ ଗଛ, ଘାସ ଇତ୍ୟାଦିର ଚାରାକ୍ଷେତ୍ର ପ୍ରସ୍ତୁତ କରିବା ପାଇଁ ବ୍ଲକ୍ ସ୍ତରୀୟ ଯୋଜନାମାନ ପ୍ରସ୍ତୁତ କରିବାର ବ୍ୟବସ୍ଥା ହୋଇଛି । ବିଗତ ଦଶନ୍ଧିରେ ବହୁତ ଫଳଗଛ କାଟି ବ୍ୟବସାୟିକ ଓ ଘରୋଇ କାର୍ଯ୍ୟରେ ନିୟୋଜିତ ହେବା ଦ୍ୱାରା ଆମ ରାଜ୍ୟରେ ବିଶେଷତଃ ଆଦିବାସୀ ଇଲାକା ମାନଙ୍କରେ ଅନେକ ତୋଟା, ବଗିଚ ଓ ଘରୋଇ ଜମିରୁ ଫଳଗଛ ସଂଖ୍ୟା ଦ୍ରୁତ ହ୍ରାସ ପାଇବାରେ ଲାଗିଛି । ନୂତନ ଫଳଗଛ ଓ ଉଦ୍ୟାନ ପ୍ରସ୍ତୁତି ସଙ୍ଗେ ସଙ୍ଗେ ରାଜ୍ୟ ସରକାର କେତେକ ବିଶେଷ ଫଳଗଛ ଯଥା ଆମ୍ବ, ପଣସ, ତାଳ, ମହୁଲ, ତେନ୍ତୁଳି, ଅସନ ଇତ୍ୟାଦି ଗଛ ବ୍ୟାପକ ଭାବେ କଟା ନ ଯିବା ଉଦ୍ଦେଶ୍ୟରେ କଟକଣା କରି ନିର୍ଦ୍ଦେଶନାମା ଜାରି କଲେଣି । ଜଙ୍ଗଲ ସଂପ୍ରସାରଣ ସଂସ୍ଥା ମାଧ୍ୟମରେ ପଞ୍ଚବନ ସୃଷ୍ଟି ଓ ପତିତ ଜଙ୍ଗଲର ସୁଧାର ଯୋଜନାକୁ ଏକ ସଫଳ ରୂପରେଖ ଦେବାପାଇଁ ପ୍ରତି ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ବ୍ଲକ୍‌ରେ ଜଣେ ଲେଖାଏଁ ବନ ସଂପ୍ରସାରଣ ଅଧିକାରୀ ନିଯୁକ୍ତ କରିବାର ବ୍ୟବସ୍ଥା ରାଜ୍ୟ ସରକାର ଅନୁମୋଦନ କରିଛନ୍ତି ଏବଂ ଜଙ୍ଗଲ ବିଭାଗ ତରଫରୁ ଏଥିନିମନ୍ତେ ଉପଯୁକ୍ତ ପଦକ୍ଷେପ ନିଆ ଯାଉଛି । ସାଧାରଣ ଲୋକଙ୍କ ମନରେ ଜଙ୍ଗଲ ସଂରକ୍ଷଣ କରିବା ଏବଂ ଏହାକୁ ଅଧିକ କ୍ଷୟ ନ କରି ରକ୍ଷା କରିବା ଦିଗରେ ସଚେତନ ଜାଗ୍ରତ କରାଇବା ପାଇଁ ଏହି ସଂସ୍ଥା ମାଧ୍ୟମରେ ବ୍ୟବସ୍ଥା ହୋଇଛି । ଜନ ସାଧାରଣ, ଯୁବକ ସଂଘ ଓ ଗ୍ରାମ୍ୟ ସଂସ୍ଥା ଜରିଆରେ ପଡ଼ିଆ ଜମି, ନିଜ ବାଡ଼ି ବଗିଚ, କ୍ଷେତରେ ହିଡ଼ ବନ୍ଧ ମାନଙ୍କରେ ବୃକ୍ଷରୋପଣ ଓ ତାହାର ପରବର୍ତ୍ତୀ ରକ୍ଷଣାବେକ୍ଷଣ ତଥା ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲ ସୁରକ୍ଷା କରିବା ପାଇଁ ଜନ ସାଧାରଣଙ୍କୁ ଉତ୍ସାହିତ କରିବା ନିମନ୍ତେ ରାଜ୍ୟ ସରକାର ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଦୁଇଟି ଲେଖାଏଁ ବାର୍ଷିକ ପୁରସ୍କାର ଦେବାର ଏକ ନିୟମାବଳୀ ପ୍ରସ୍ତୁତ କରୁଛନ୍ତି ।

[୧୪ ପୃଷ୍ଠା ଦେଖନ୍ତୁ]

# ଜୀବନ ଓ ବୃକ୍ଷ

ଶ୍ରୀ ପୂର୍ଣ୍ଣଚନ୍ଦ୍ର ଷଡ଼ଙ୍ଗୀ

ଭାରତୀୟ ସଂସ୍କୃତିର ଆରମ୍ଭ ଅରଣ୍ୟ ମଧ୍ୟସ୍ଥ ଗୁରୁକୁଳ ଆଶ୍ରମ ମଧ୍ୟରୁ । ସମୟର ଗତି ମଣିଷର ଆଧ୍ୟାତ୍ମିକ ମୂଲ୍ୟବୋଧକୁ ବସ୍ତୁବାଦରେ ରୂପାନ୍ତରିତ କରିବା ପରେ ସମସ୍ତେ କହି ଥାଆନ୍ତି ଯେ, ବୃକ୍ଷର ଉପକାରିତା କାଠ, ପତ୍ର, ଫୁଲ, ଫଳ ଇତ୍ୟାଦି ଦେବାରେ ହିଁ ସୀମିତ । ସଭ୍ୟତାର ଅଭିବୃଦ୍ଧି ପାଇଁ ଓ ଆଧୁନିକ ପୋଷାକ ପ୍ରସ୍ତୁତ ପାଇଁ ରେୟନ, ନାଇଲନ୍ ବା ପ୍ଲାଷ୍ଟିକ ତଥା କାଗଜ ଇତ୍ୟାଦି ବୃକ୍ଷଜାତ ପଦାର୍ଥରୁ ନିର୍ମିତ ହୁଏ । ଔଷଧ, ଖାଦ୍ୟ ବା ରବର ପାଇଁ ମଧ୍ୟ ଆମେମାନେ ବୃକ୍ଷ ଉପରେ ନିର୍ଭର କରିଥାଉଁ । ବୃକ୍ଷର ପତ୍ରରୁ ଆମ୍ଭମାନଙ୍କୁ ଖତସାର ମିଳେ । ଏହିପରି ଭାବରେ ବୃକ୍ଷର ଦାନ ଅତୁଳନୀୟ । ଅର୍ଥନୈତିକ ଦୃଷ୍ଟିକୋଣରୁ ଅନବଦ୍ୟ । ମାତ୍ର ବୃକ୍ଷରାଜିର ଅମୂଲ୍ୟ ଦାନକୁ ଆମେ କେବେହେଲେ ହିସାବକୁ ନେଉ ନାହିଁ ।

ସୃଷ୍ଟିର କୌଣସି ପ୍ରାଣୀ, ବାୟୁ, ଜଳ ଓ ଖାଦ୍ୟ ବିନା ବଞ୍ଚିବା ସମ୍ଭବ କି ? ପୃଥିବୀର କେଉଁ କାରଖାନା ଆମ୍ଭମାନଙ୍କୁ ଏତେ ପରିମାଣର ବାୟୁ ଯୋଗାଏ ? ଏ ବିଷୟରେ ଆମେ କେବେହେଲେ ଚିନ୍ତା କରୁନା । ବାୟୁମଣ୍ଡଳର ଅମ୍ଳଜାନ ଉପାଦାନଟି କେବଳ ବୃକ୍ଷମାନେହିଁ ଦାନ କରିଥାଆନ୍ତି । ପରୀକ୍ଷାକରି ଦେଖାଯାଇଛି ଯେ ଜଣେ ପ୍ରାପ୍ତବୟସ୍କ ମଣିଷ ଦିନକୁ ୭୫ରୁ ୮୫ ଲକ୍ଷ ଘନ ସେଣ୍ଟିମିଟର ଅମ୍ଳଜାନ ଦରକାର କରେ । ପୃଥିବୀ ପୃଷ୍ଠରେ ଥିବା ସମସ୍ତ ପ୍ରାଣୀ ଦିନକୁ କେତେ ପରିମାଣରେ ଅମ୍ଳଜାନ ଆବଶ୍ୟକ କରନ୍ତି ତାହାର ସଠିକ ହିସାବ ଦେବା ସମ୍ଭବ ନୁହେଁ । ଏସବୁର ମୂଲ୍ୟ କେତେ ଓ କାହାର ଦୈନିକ ଖର୍ଚ୍ଚ କେତେ ତାହା ମଧ୍ୟ କହିବା ଅସମ୍ଭବ ।

ଖାଦ୍ୟ ପ୍ରସ୍ତୁତି ପାଇଁ ଜୀବକୋଷ ମଧ୍ୟରେ ଯେଉଁ ନୀଳ ପଦାର୍ଥ (ସବୁଜକଣା) ଆବଶ୍ୟକ ହୁଏ ତାହା କେବଳ ବୃକ୍ଷମାନଙ୍କର ଜୀବକୋଷରେ ଥାଏ । ବାୟୁର ଅଙ୍ଗାରକାମ୍ଳ ଓ ଜଳ ସହିତ ବିଭିନ୍ନ ପ୍ରକାର ଲବଣ ଗ୍ରହଣ କରି ସୂର୍ଯ୍ୟ କିରଣର ଉପସ୍ଥିତିରେ ପତ୍ର ସମୂହ ଯେଉଁ ଖାଦ୍ୟ ପ୍ରସ୍ତୁତ କରନ୍ତି ତାହା ଗଛର ବିଭିନ୍ନ ଅଂଶରେ ବିଭିନ୍ନ ପ୍ରକାରରେ ସଂଚିତ ହୋଇ ରହେ । ଏହାକୁ ଆମେ ଖାଦ୍ୟ ହିସାବରେ ଗ୍ରହଣ କରୁ । ଅନ୍ୟାନ୍ୟ ଜୀବମାନେ ଆମକୁ ଖାଦ୍ୟୋପଯୋଗୀ ମାଂସ ବା ଦୁଧ ଏହି ବୃକ୍ଷଜାତ ଖାଦ୍ୟ ଖାଇଲା ପରେ ହିଁ ଦେଇ ଥାଆନ୍ତି । ଆମେ ଯେ କୌଣସି ପ୍ରକାରର ଖାଦ୍ୟ ଖାଉନା କାହିଁକି ସେ ସବୁର ମୌଳିକ ଉତ୍ସ ଯେ ବୃକ୍ଷ ତାହା ଉପଲବ୍ଧି କରିବା ସାଧାରଣ ମଣିଷ ପକ୍ଷରେ ସମ୍ଭବ ନୁହେଁ । ଏହି ମୂଲ୍ୟକୁ ଅର୍ଥନୈତିକ ଦୃଷ୍ଟିକୋଣରୁ ସ୍ଥିର କରିବା ବିଜ୍ଞ ଅର୍ଥନୀତିଜ୍ଞମାନଙ୍କ ପକ୍ଷରେ ମଧ୍ୟ ସମ୍ଭବ ନୁହେଁ ।

ସାମାନ୍ୟ ବର୍ଷା ହେଲେ ବଦଳ ପାଣିରେ ଯେ କେତେ ମାଟି ଭାସିଯାଏ ତାହା ସେହି ପାଣିକୁ ଲକ୍ଷ୍ୟକଲେ ଜଣାଯାଏ । ଶୂନ୍ୟରେ ଗୋଟିଏ ପାତ୍ରରଖି ବର୍ଷାପାଣିକୁ ସଂଗ୍ରହ କଲେ ତାହାର ରଙ୍ଗ ଆମେ ଯେପରି ଦେଖୁ ମାଟି ଉପରେ ପ୍ରବାହିତ ହେଲେ ତାର ରଙ୍ଗରେ ଏତେ ପରିବର୍ତ୍ତନ ଆସେ କିପରି ? ଯଦି ଏହି ମାଟି ଯାଇ ଆମର ଶସ୍ୟ କ୍ଷେତ୍ରରେ ଜମା ହୁଏ ସେ ଶସ୍ୟକ୍ଷେତ୍ର ଉତ୍ପାଦିକା ଶକ୍ତି ହରାଏ । ରାସ୍ତା ଉପରେ ଜମାହେଲେ ରାସ୍ତା ଅବରୁଦ୍ଧ ହୁଏ କିମ୍ବା ଜଳ ଭଣ୍ଡାରରେ ଜମାହେଲେ ଜଳ ଭଣ୍ଡାରର ଜଳଧାରଣ ଶକ୍ତି ହ୍ରାସ ପାଇଥାଏ । ଏହି ମାଟିକୁ ବାନ୍ଧିରଖିବା ପାଇଁ ଗଛର କାମ କ'ଣ ଓ ତାହାର ମୂଲ୍ୟ କେତେ ଏ ପ୍ରଶ୍ନର ଉତ୍ତର ପାଇବା କଷ୍ଟକର ।

ଖରାଦିନ ଦିପହରିଆ ଖରାରେ ଯାଉଥିବା ବାଟୋଇ ନିଜର ଥକା ମେଣ୍ଟାଇବା ପାଇଁ ଗଛ ଛାଇତଳେ ଦଣ୍ଡେ ବସିଯାଏ । ଗଛଟିଏ ଥିଲେ ତା' ତଳେ ଛାଇଥାଏ । ଗୋଟିଏ ଘରର ଛାତ ତଳେ ମଧ୍ୟ ଛାଇ ଥାଏ । ମାତ୍ର ଛାତ ତଳର ଛାଇର ଦାମ୍ ଘରର ଦାମ୍‌ର ଆନୁପାତିକ ଓ ଏହାର ଅଟକଳ ସମ୍ଭବ । ମାତ୍ର ଗଛଟିର ଛାଇର ଦାମ୍ କେତେ ?

ଦୁଃଖୀ ମନର ଦୁଃଖ ଦୂର କରିବା ପାଇଁ, କବିର କବିତ୍ୱକୁ ପ୍ରସ୍ଫୁଟିତ କରିବା ପାଇଁ, କଳାକାରର ତୁଳୀକୁ ଜୀବନ୍ତ କରିବା ପାଇଁ, ନଗର ଓ ସୌଧରାଜିର ଶୋଭାକୁ ପରିପୁଷ୍ଟ କରିବା ପାଇଁ, ଅନୁସନ୍ଧିତ୍ସୁ ଛାତ୍ର ଓ ଗବେଷକକୁ ଅନୁସନ୍ଧାନର ସବୁଜ ସଂକେତ ଦେବା ପାଇଁ ବୃକ୍ଷରାଜିର ସବୁଜପତ୍ର, ରଙ୍ଗୀନ ଫୁଲ ଓ ସୌରଭର ଅବଦାନ କ'ଣ ? ତାହାର ଅର୍ଥନୈତିକ ଅଟକଳ ସମ୍ଭବ କି ?

ଆଜିର ମଣିଷ ତ କାଗଜ, ନାଇଲନ୍, ରବର, ପେଟ୍ରୋଲ, ରନ୍ଧନ ଆସବାବପତ୍ର, ଔଷଧ, ସାର, ଖତ, ମୃତ୍ତିକା ସଂରକ୍ଷଣ, ଖାଦ୍ୟ ଇତ୍ୟାଦି ପାଇଁ ଅଧିକରୁ ଅଧିକ ବୃକ୍ଷ ଉପରେ ନିର୍ଭର କରୁଛି ।

ପୃଥିବୀରେ ବର୍ଷାହୁଏ କିପରି ? ରାଜପୁତନାର ମରୁଭୂମିରେ ବର୍ଷା ଏତେ କମ୍ କାହିଁକି ? କାଶ୍ମୀରରେ ଏତେ ଅଧିକ ବର୍ଷା କାହିଁକି ହୁଏ ? ରାଜପୁତନାର ମରୁଭୂମି ଦିଲ୍ଲୀ ଆଡ଼କୁ କିପରି ଆଗେଇ ଆସୁଛି । କ'ଣ କଲେ ଆଉ ଆସି ପାରିବ ନାହିଁ । ଏହିପରି ଅନେକ ସମସ୍ୟା ସହିତ ବୃକ୍ଷମାନଙ୍କର ସଂପର୍କ କ'ଣ ଏହାର ଗବେଷଣା ଅଧିକରୁ ଅଧିକ ପରିମାଣରେ ଚାଲିଛି ।

କିନ୍ତୁ ଆମର ମୁନିଋଷିମାନେ ଜଂଗଲ ବା ବୃକ୍ଷ ଉପରେ ଆମ୍ଭମାନଙ୍କ ପରି କାଗଜ, ନାଇଲନ୍, ରବର, ପେଟ୍ରୋଲ ବା ଗୃହୋପକରଣ ପାଇଁ ନିର୍ଭର କରୁ ନ ଥିଲେ । ତଥାପି କାହିଁକି ତାଙ୍କର ମନ୍ତ୍ର, ବେଦ, ପୂଜା ବିଧିରେ ବୃକ୍ଷକୁ ଏତେ ମହନୀୟ ସ୍ଥାନ ଦେଇଥିଲେ ? ବୃକ୍ଷକୁ ଓ ବଣରାଜିକୁ କାହିଁକି ଦେବତୁଲ୍ୟ ମନେ କରିଥିଲେ ?

ଯଥା :—୧-ନମୋ ବୃକ୍ଷେଭ୍ୟୋ ହରିକେଶେଭ୍ୟଃ
ପଶୁନାଂପତୟେ ନମଃ

(ଅର୍ଥାତ୍ ହରିକେଶ ବୃକ୍ଷରୂପୀ ରୁଦ୍ରଙ୍କୁ ନମସ୍କାର
ଶତ ରୁଦ୍ରାଭିଷେକଃ)

ନମୋ ବୃକ୍ଷେଭ୍ୟୋ ହରିକେଶ ଭ୍ୟୋ ନମସ୍କାରାୟ

(ଅର୍ଥାତ୍ ହରିତ୍ର ବର୍ଣ୍ଣ ପତ୍ରଯୁକ୍ତ ବୃକ୍ଷଙ୍କୁ ନମସ୍କାର)
(ଶତ ରୁଦ୍ରାଭିଷେକଃ)

୨—ନମଃ ପର୍ଣ୍ଣାୟଚ ପର୍ଣ୍ଣଶ ଦାୟଚ

(ଅର୍ଥାତ୍ ପତ୍ରରୂପୀକୁ ମୋର ନମସ୍କାର, ପଡ଼ିଥିବା ପତ୍ରଙ୍କୁ ମଧ୍ୟ ମୋର ନମସ୍କାର)
(ଶତ ରୁଦ୍ରାଭିଷେକଃ)

୩—ଓଁ ବନସ୍ପତୟେ ସ୍ତୃପ୍ୟନ୍ତାଂ

(ଅର୍ଥାତ୍ ବଣରାଜି ମୋ ଦ୍ୱାରା ଦତ୍ତ ଜଳ ପାଇ ଆନନ୍ଦ ଲାଭକରନ୍ତୁ—
—ତର୍ପଣ ବିଧିଃ)

୪—ପୁଣ୍ୟ ବୃକ୍ଷ ମହାଭାଗ ମାଲୁର ଶ୍ରୀଫଳ ପ୍ରଭୋ
ମହେଶ ପୂଜନାର୍ଥାୟ ତ୍ୱତ୍ପତ୍ରାଣି ଚିନୋମ୍ୟହମ୍ ।

(ଅର୍ଥାତ୍ ହେ ପୁଣ୍ୟଦାତା ମହାନ୍ ବେଲଗଛ କେବଳ ଶିବଙ୍କ ପୂଜାପାଇଁ ମୁଁ ତୁମର ପତ୍ର ତୋଳୁଅଛି—ବିଲ୍ୱପତ୍ର ଚୟନ ବିଧିଃ ।)

୫—ମୂଳତୋ ବ୍ରହ୍ମରୂପାୟ ମଧ୍ୟତୋ ବିଷ୍ଣୁରୂପୀଣେ
ଅଗ୍ରତଃ ଶିବରୂପାୟ ବୃକ୍ଷରାଜ ନମୋସ୍ତୁତେ ।

(ଅର୍ଥାତ୍ ହେ ପୁଣ୍ୟବୃକ୍ଷ ଅଶ୍ୱତ୍ଥ—ତୁମର ମୂଳ ସୃଷ୍ଟିକର୍ତ୍ତା ବ୍ରହ୍ମାଙ୍କପରି, ମଧ୍ୟଭାଗ ପାଳନ କର୍ତ୍ତା ବିଷ୍ଣୁଙ୍କ ପରି ଓ ଅଗ୍ରଭାଗ ମଙ୍ଗଳମୟ ଶିବଙ୍କ ପରି—ଏଣୁ ଆପଣଙ୍କୁ ନମସ୍କାର କରୁଅଛି—ଅଶ୍ୱତ୍ଥ ପ୍ରଣାମ ମନ୍ତ୍ର)

୬—ଓଁ କଳ୍ପବୃକ୍ଷାୟ ନମଃ (ପୀଠ ପୂଜା) ଇତ୍ୟାଦି

[୧୪ ପୃଷ୍ଠା ଦେଖନ୍ତୁ]

# ଶ୍ରୀ ଶ୍ରୀ ଜଗନ୍ନାଥ ହିଁ ବ୍ରହ୍ମଙ୍କ ଆଭାସ

**ଶ୍ରୀ ଗୋପାଳ ଚନ୍ଦ୍ର ମିଶ୍ର**

କଦାଚିତ୍ କାଳନ୍ଦୀତଟ ବିପିନ ସଂଗୀତକ–ରବୋ । ମୁଦାଭୀରୀ–ନାରୀ ବଦନ କମଳା ସ୍ୱାଦ-ମଧୁପଃ
ରମାଶମ୍ଭୁର୍ବ୍ରହ୍ମା ସୁରପତି ଗଣେଶାର୍ଚ୍ଚିତ ପଦୋ । ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ।।

(ଶଙ୍କର)

ଅନାଦିର ଆଦି ପରମେଶ୍ୱର ନିତ୍ୟ ଶୁଦ୍ଧ, ନିରାଭାସ, ନିରଂଜନ ସତ୍ତାରେ ସତତ ବିଦ୍ୟମାନ ହେଲେ ମଧ୍ୟ ସେ ବିଶ୍ୱର ସମସ୍ତ ସୃଷ୍ଟିର ମାଧ୍ୟମ ଦେଇ ନିତ୍ୟ ବୋଧଗମ୍ୟ ଓ ଚିଦାନନ୍ଦ ଭାବେ ପ୍ରତ୍ୟେକ ଜୀବର ପ୍ରାଣରେ ସୁନ୍ଦରଭାବେ ଝଙ୍କାରିତ । ଯେଉଁ ଲୋକ ଯେତିକି ପରିମାଣରେ ଚେତନଶୀଳ ସେ ସେତିକି ପରିମାଣରେ ବିଶ୍ୱର ସର୍ବ ପଦାର୍ଥ ସଂପର୍କରେ ବିଶ୍ଳେଷଣ କରିବାରେ କ୍ଷମତାବାନ ହୁଅନ୍ତି । ପଞ୍ଚଭୂତର ସମ୍ମିଳନରେ ବ୍ରାହ୍ମୀ ଚେତନସତ୍ତା ସର୍ବଦା ସର୍ବତ୍ର ଲୀଳାୟିତ ଓ ସୁନିନାଦିତ । ଧ୍ୱନୀ, ତେଜ, ରସ, ରୂପ ଓ ଗନ୍ଧହିଁ ଅଦ୍ୱୈତ ବ୍ରହ୍ମଙ୍କ ଲୀଳା ବିଳାସର ସାମଗ୍ରୀ । ଏହି ପଞ୍ଚ ସାମଗ୍ରୀକୁ ପ୍ରତ୍ୟେକ ଜୀବ ଧାରଣ କରି “ସୋଽହଂ” ଭାବନାରେ ନିତ୍ୟ ପ୍ରତିଷ୍ଠିତ । ଏକଥାର ତତ୍ତ୍ୱଟି ସ୍ଥାବର ଜଙ୍ଗମ ସର୍ବତ୍ର ପରିପ୍ଲାବିତ । ତେଣୁ ପ୍ରାର୍ଥନା କରାଯାଏ “ସ୍ଥାବରଂ ଜଙ୍ଗମ–ଚୈବ ପ୍ରଣମାମି ଜଗନ୍ମୟଂ” । ବ୍ରହ୍ମ ଜୀବ ରୂପରେ ନିଶ୍ଚିତଭାବେ ବିକଶିତ, ତଥାପି ଏ ଜଗତରେ ଲୋକଶିକ୍ଷା ନିମିତ୍ତ ନିଛକ ଜଡ଼ବାଦକୁ ଆଶ୍ରୟକରି ପ୍ରମାଣ ସହ ସୂଚେଇ ଦେଇ କହନ୍ତି ଯେ “ମୁଁ ସର୍ବତ୍ର ବିରାଜିତ । ଏଠାରେ ସ୍ମରଣ କରାଯାଇ ପାରେ ବୃହତ ସ୍ତମ୍ଭ ଭିତରୁ ପ୍ରହ୍ଲାଦଙ୍କ ଐକାନ୍ତିକ ଭକ୍ତି ଯୋଗୁ ସ୍ୱୟଂ ନିରାକାର ପ୍ରଭୁ ସଗୁଣ ଲୀଳାର ବଶବର୍ତ୍ତୀ ହୋଇ ନୃସିଂହ ମୂର୍ତ୍ତି ଧାରଣ କରିଥିଲେ । ଭାରତରେ ପିତୁଳା ପୂଜାର ଉଦ୍ଭବ ଏହିପରି ଯାହାକି ଅନ୍ୟତ୍ର ପ୍ରାୟ ଦେଖାଯାଏ ନାହିଁ । ଭାରତର ମୁନିଋଷି-ମାନେ ଏକତରଫା ଭାବରେ କିଛି ଦେଖୁ ନ ଥିଲେ । ଯାହାହିଁ ନିର୍ଦ୍ଧାରିତ ସତ୍ୟ ଓ ଭାବର ବାସ୍ତବ ସ୍ୱରୂପ ତାହାହିଁ ଆଦର୍ଶରେ ଅନୁସରଣ କରୁଥିଲେ । ଭରତର ଧୂଳିକଣାଠାରୁ ଆରମ୍ଭକରି ବିରାଟ ହିମାଳୟ ପର୍ଯ୍ୟନ୍ତ ସମସ୍ତ ଜଡ଼ ବସ୍ତୁ ଭିତରେ ବ୍ରହ୍ମଙ୍କର ବିକାଶକୁ ସେମାନେ ଉପଲବ୍ଧି କରିଯାଇ ଅଛନ୍ତି ଓ ତଦ୍ ଅନୁରୂପ ଜୀବ ଜଗତକୁ ସୁଶୃଙ୍ଖଳିତ କରିବା ପାଇଁ ବିଧି ବିଧାନସବୁ ନିର୍ଦ୍ଦେଶ କରିଯାଇ ଅଛନ୍ତି । ଭାରତବାସୀ ଜାଣେ ପ୍ରତ୍ୟେକ ଗତିଶୀଳ ଜୀବ ଭଗବାନଙ୍କର ଜୀବନ୍ତ ପ୍ରତିମା ଓ ଚଳନ୍ତା ମନ୍ଦିର, ତେଣୁ ସେ ନିଜେ ସର୍ବକ୍ଷେତ୍ରରେ ସାଧନା ଅନୁଷ୍ଠାନକରି ଆତ୍ମ ତତ୍ତ୍ୱରେ ଅବଗାହନକରି ଅନୁଭବର ଚରମ ଅବସ୍ଥାରେ ବିଶ୍ୱର ସମସ୍ତ ରହସ୍ୟ ଉପଲବ୍ଧି କରିପାରେ । ତନ୍ତ୍ର ଶାସ୍ତ୍ରର ଶିରୋମଣି ମହା ନିର୍ବାଣ ତନ୍ତ୍ରରେ ବ୍ୟକ୍ତ ଅଛି:

ଉତ୍ତମୋ ବ୍ରହ୍ମସଭାବୋ ଧ୍ୟାନ ଭାବସ୍ତୁ ମଧ୍ୟମଃ ।
ସ୍ତୁତିର୍ଜ୍ଜପୋହ ଧମୋ ଭାବୋ, ବହିଃ ପୂଜାହଧମାଧମାଃ ।।

ଅର୍ଥ–ଉତ୍ତମ ଉଚ୍ଚାଧିକାରୀ ଗଣ ବ୍ରହ୍ମ ଚିନ୍ତନ ଓ ବହ୍ମୋପାସନା କରିବେ । ମଧ୍ୟମ ଅଧିକାରୀଗଣ ସ୍ଥୂଳ, ସୂକ୍ଷ୍ମ ଭୂତାଦି ବା ଜ୍ୟୋତିର୍ଧ୍ୟାନ କରିବେ । ଅଧମ ଅଧିକାରୀଗଣ ସ୍ତବ ଜପାଦି କରିବେ । ଅତ୍ୟାଧମ ଅଧିକାରୀଗଣ ବାହ୍ୟପୂଜାର ଅନୁଷ୍ଠାନ କରିବେ । ଏଠାରେ ଉଦାହରଣ ଦେଲେ ଯଥେଷ୍ଟ ହେବ ଯେ ଗୋଟିଏ ତିନିତାଲା ବା ଚାରିତାଲା ପକା ଘର ତିଆରି କରିବାକୁ ହେଲେ ସର୍ବ ପ୍ରଥମେ ସୁଦୃଢ଼ କଂକ୍ରିଟର ମୂଳଦୁଆ ଆବଶ୍ୟକ ହୋଇଥାଏ ଏବଂ ଘର ତିଆରି ଶେଷହେବା ପରେ ମୂଳଦୁଆକୁ ବାହାର କରାଯାଏ କି ? ଯଦି ବାହାର କରାଯିବ ତାହାହେଲେ ସମଗ୍ର ଘରଟି ନଷ୍ଟହୋଇ ଯିବ । ସେହିପରି ମୂଳଦୁଆ ରୂପକ ମୂର୍ତ୍ତିପୂଜାରୁ ଜୀବନ ଯାତ୍ରା ଆରମ୍ଭ କରି ବ୍ରହ୍ମାଭ୍ୟାସରେ ପହଞ୍ଚି “ଅହଂ ବ୍ରହ୍ମାସ୍ମି” ତତ୍ତ୍ୱରେ ପ୍ରତିଷ୍ଠିତ ହୋଇଥାନ୍ତି । ସେ ବୋଲି ନିଜର ଉତ୍ତର ଦାୟାଦ ସ୍ୱରୂପ ଇତର ବ୍ୟକ୍ତିଙ୍କ ପାଇଁ ଆଦର୍ଶ ଦୃଷ୍ଟିରୁ ମୂର୍ତ୍ତିପୂଜାକୁ ବେଖାତିରି କରି ତ୍ୟାଗ କରି ନାହାନ୍ତି ।

ସେହିପରି ଯେକ ବ୍ରହ୍ମାଭ୍ୟାସ ତଥା ବେଦାନ୍ତାନୁଭବରେ ସିଦ୍ଧି ଲାଭ କଲେ ମଧ୍ୟ ମୁକ୍ତବୁଆ ସ୍ୱରୂପ ସଗୁଣ ଲୀଳାର ଘନ ବିଗ୍ରହ ପୂଜାକୁ ଛାଡ଼ି ଦେଇ ପାରେ ନାହିଁ । ସେହି ମହାନ୍ ବ୍ରହ୍ମ ମହାନ୍ ବ୍ରହ୍ମ—ତତ୍ତ୍ୱର ନିଦର୍ଶନ ହେଉଛି ପୁରୁଷୋତ୍ତମ ପରମ ପ୍ରେମମୟ ଭଗବାନ ଜଗତର ନାଥ ଶ୍ରୀ ଶ୍ରୀ ଜଗନ୍ନାଥ ଦେବ । ବେଦରେ, ଉପନିଷଦ୍ ତଥା ବେଦାନ୍ତ ଦର୍ଶନରେ ଅଛି ସ୍ୱୟଂ ବ୍ରହ୍ମ ତେଜ ରୂପରେ ପ୍ରତ୍ୟେକ ଜୀବ ମଧ୍ୟରେ ବିଦ୍ୟମାନ, ଯଥା:—

"ପ୍ରଜାପତିଶ୍ଚ ରତି ଗର୍ଭେ ଅନ୍ତଃ (ଯଜୁଃବେଦ) ପ୍ରଜା ପାଳକ ସର୍ବବ୍ୟାପି ପ୍ରଭୁ ଗର୍ଭସ୍ଥ ଜୀବାତ୍ମା ଠାରେ ମଧ୍ୟ ବିଚରଣ କରନ୍ତି ।

"ବିଶଂ ବିଶଂ ମଘବା ପର୍ଯ୍ୟଶାୟତ, (ଋ—ବେଦ)
"ଘଟ ଘଟରେ ପ୍ରଭୁଙ୍କ ନିବାସ
"ସ ପର୍ଯ୍ୟଗାତ୍" (ଯଜୁଃ ବେଦ)
"ସେ ପ୍ରଭୁ ସର୍ବତ୍ର ବ୍ୟାପି ରହି ଅଛନ୍ତି ।"

"ଶବ୍ଦାଦେବ ପ୍ରମିତଃ "(ବେଦାନ୍ତ ଦର୍ଶନ, ବ୍ୟାସ ୧,୩,୨୪) ସେ ଅଙ୍ଗୁଷ୍ଠ ପରିମାଣ ବୋଲି ଶ୍ରୁତି ପ୍ରମାଣ ଦ୍ୱାରା ଜଣାଯାଏ ।

"ଅଙ୍ଗୁଷ୍ଠ ମାତ୍ରଃ ପୁରୁଷୋ ମଧ୍ୟ ଆତ୍ମନି ତିଷ୍ଠତି (କଠ, ଉପ ୨, ୧, ୨୩) ଆତ୍ମା ମଧ୍ୟରେ ଅଙ୍ଗୁଷ୍ଠ ପରିମାଣରେ ସେ ପୁରୁଷ ସଦା ବିଦ୍ୟମାନ । ଏଥିରୁ ସ୍ପଷ୍ଟ ନିର୍ଦ୍ଧାରିତ ହେଲା ଯେ ପରମେଶ୍ୱର ଯେହେତୁ ସ୍ଥାବର, ଜଙ୍ଗମ, ବିଶ୍ୱର ପ୍ରତି କୋଣ, ଅଣୁ ପରମାଣୁରେ ବିରାଜିତ । ସେହି ଭାବ ସମ୍ବଳିତ ତଥ୍ୟ ଆମେ ଅନାଦି ଅନନ୍ତ ଜଗଦାଧାର ଶ୍ରୀ ଶ୍ରୀ ଜଗନ୍ନାଥଙ୍କଠାରେ ଦେଖିବାକୁ ପାଉବା ।

ବ୍ରହ୍ମଙ୍କର ଶକ୍ତି ହେଉଛନ୍ତି ବ୍ରହ୍ମ ଶକ୍ତି ବରଦା ବେଦମାତା ଗାୟତ୍ରୀ । ଗାୟତ୍ରୀ ବ୍ରହ୍ମମୟୀ ଓ ବ୍ରହ୍ମ ଅଭିନ୍ନ ବୋଲି ଜାଣିବା ଉଚିତ, ଶକ୍ତି ଓ ଶକ୍ତିମାନ ଯେପରି ଅଭିନ୍ନ । ଗାୟତ୍ରୀ ମାତାଙ୍କ ତ୍ରିବିଧା ଶକ୍ତି ଜଗତକୁ ପରିଚାଳନା କରେ ଯଥା—ହ୍ରୀଂ ସରସ୍ୱତୀ, ଶ୍ରୀଂ ଲକ୍ଷ୍ମୀ ଓ କ୍ଲୀଂ କାଳୀ ଯଥାକ୍ରମେ ସତ୍ତ୍ୱ, ରଜ ତମୋଗୁଣର ପରିଚାୟକ । ଯେହେତୁ ଲକ୍ଷ୍ମୀ ସରସ୍ୱତୀ ଜଗନ୍ନାଥଙ୍କର ଶକ୍ତି ଭାବେ ପୂଜିତା ତେଣୁ ଜଗନ୍ନାଥ ଦେବ ବ୍ରହ୍ମଙ୍କର ଆଭାସ ନହୋଇ ଆଉ କଣ ହୋଇ ପାରନ୍ତି ? ଏହା ସୁପ୍ରମାଣିତ । ଏଠାରେ ବିଶଦ୍ ଆଲୋଚନା ସମ୍ଭବ ନୁହେଁ । ଏହି ଜଗନ୍ନାଥଙ୍କୁ ପ୍ରାର୍ଥନା କରିବାକୁ ଯାଇ ଶିବରୂପୀ ଶଙ୍କରାଚାର୍ଯ୍ୟ ଲେଖିଛନ୍ତି :

କୃପା ପାରାବାରଃ ସଜଳ ଜଳଦ ଶ୍ରେଣି ରୁଚିରୋ
ରମାବାଣୀ ରମଃ ସ୍ଫୁରଦମଳ ପଦ୍ମେକ୍ଷଣ ମୁଖଃ ।
ସୁରେନ୍ଦ୍ରୈରାରାଧ୍ୟଃ ଶ୍ରୁତିଗଣ ଶିଖା ଗୀତ ଚରିତୋ
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ।

ଯିଏ ଦୟାର ସାଗର, ଯାହାଙ୍କର କାନ୍ତି ସଜଳ ଜଳଦ ପଟଳ ପରି ଯିଏ ଲକ୍ଷ୍ମୀ ସରସ୍ୱତୀଙ୍କର ପ୍ରେମାସ୍ପଦ, ବିକଶିତ ନିର୍ମଳ ପଦ୍ମପରି ଯାହାଙ୍କର ନୟନ ଓ ମୁଖ ଶୋଭିତ, ଇନ୍ଦ୍ରାଦି ଦେବଗଣଙ୍କ ଦ୍ୱାରା ଯିଏ ଆରାଧ୍ୟ, ଶ୍ରୁତିମାନଙ୍କ ଦ୍ୱାରା ଯାହାଙ୍କର ଚରିତ୍ର କୀର୍ତ୍ତିତ ହୋଇଅଛି ସେହି ପ୍ରଭୁ ଜଗନ୍ନାଥ ମୋର ନୟନ ପଥବର୍ତ୍ତୀ ହୁଅନ୍ତୁ ।

ବ୍ରହ୍ମ ଯେପରି ସକଳଠାରେ ନିର୍ଦ୍ଦିଷ୍ଟ ରୂପରେ ବିରାଜିତ ସେହିପରି ବ୍ରହ୍ମ ଦାରୁରେ ବିରାଜିତ । ନବକଳେବରରୁ ଅନୁଧ୍ୟାନ କଲେ ଜଣାଯାଏ ଯେ ବ୍ରହ୍ମଙ୍କୁ ଯେପରି ପୁରୁଣା ମୂର୍ତ୍ତିରୁ ନୂତନ ମୂର୍ତ୍ତିକୁ ସ୍ଥାନାନ୍ତର କରାଯାଏ ତାହାହିଁ ଲୋକ-ଜଗତରେ ଅଲୌକିକ ବ୍ୟାପାର । ଏଠାରେ ସୁନ୍ଦର ଭାବେ ସୂଚନା ଦେଇ କୁହାଯାଇଛି "ମୋର ବାହ୍ୟ ରୂପ ଜଗନ୍ନାଥ ନୁହେଁ ମୋର ଅନ୍ତଃସ୍ଥିତ ବ୍ରହ୍ମହିଁ ଜଗନ୍ନାଥ । ସେ ଅନ୍ତଃସ୍ଥିତ ମୂର୍ତ୍ତି କିପରି ? ସେ ନିରାକାର, ଯଜୁଃବେଦ ମତରେ "ନ ତସ୍ୟ ପ୍ରତିମାଃ—ଅସ୍ତି" ଅର୍ଥ— "ତାହାଙ୍କର (ପ୍ରଭୁଙ୍କର) ମାପକ ପରିମାଣ ବା ପ୍ରତିକୃତି ନାହିଁ", ନିରଞ୍ଜନ, ରୂପ ବର୍ଜ୍ଜିତ ତଥା ଗୁଣାତୀତ । ସେ ଗୁଣାତୀତ ଓ ରୂପ ବର୍ଜ୍ଜିତ ହୋଇଥିବାରୁ ସର୍ବ ସୃଷ୍ଟିର ଗୁରୁ ବା ଜଗଦଗୁରୁ (ଗୁ— ଗୁଣାତୀତ, ରୁ— ରୂପବର୍ଜିତ) । ଏ କଥାର ଯଥାର୍ଥତା ବୁଝାଇବାକୁ ଯାଇ ଶ୍ରୀ ଶ୍ରୀ ନିଗମାନନ୍ଦ ପରମହଂସ ଦେବ କହିଛନ୍ତି ବାହାର ରୂପ ବ୍ରହ୍ମ ଚେତନାକୁ ଆଶ୍ରୟ କରିଛି ବୋଲି ବାହ୍ୟ ରୂପଟି କ୍ରିୟାଶୀଳ ବୋଲି ଜଣାଯାଏ । ରାମକୃଷ୍ଣ ପରମହଂସ ଠିକ ସେହିପରି କହିଛନ୍ତି, "ପଞ୍ଚଭୂତର ଫାନ୍ଦେ, ବ୍ରହ୍ମ ପଡ଼ିୟା କାନ୍ଦେ ।" ମନୁଷ୍ୟ ଭିତରୁ ସେହି ଆତ୍ମାରାମ ବ୍ରହ୍ମ ଚାଲିଗଲେ ସେ ଯେତେ ସୁନ୍ଦର ତେଜିୟାନ ହୋଇଥାଉନା କାହିଁକି ତାହା କ୍ଷଣକ ମଧ୍ୟରେ ମଉଳି ଯାଏ । ଯେପର୍ଯ୍ୟନ୍ତ ଆତ୍ମାରାମ ଅଛନ୍ତି ସେ ପର୍ଯ୍ୟନ୍ତ ସବୁ ଠିକ ଥାଏ । ଯେଉଁ ଦେହକୁ ଏତେ ଆଦର ଅଭ୍ୟର୍ଥନା କରାଯାଏ ସେହି ଦେହରୁ ଆତ୍ମଦେବ ଅର୍ଥାତ୍ ବ୍ରହ୍ମ ଚାଲିଗଲେ ତାକୁ ମୃତ ବୋଲି କହି ପୋଡ଼ି ବା ପୋତି ପକାନ୍ତି । ଏହି ନିତ୍ୟ ଲୀଳାର ସୂଚନା ହେଲା ଜଗନ୍ନାଥ ମହାପ୍ରଭୁଙ୍କ ନବକଳେବରରେ ବ୍ରହ୍ମଙ୍କୁ ସ୍ଥାନାନ୍ତର କରି ନୂତନ ଦାରୁରେ ରଖିବା । ତତ୍ପରେ ପୁରୁଣା ମୂର୍ତ୍ତିକୁ କୋଇଲି ବୈକୁଣ୍ଠରେ ସମାଧି ଦିଆଯାଏ । ଏକଥାରୁ ଆହୁରି ଗୋଟିଏ ସୁପ୍ରମାଣ ମିଳେ ଯେ ବିବର୍ତ୍ତନ ବାଦ ଦେଇ ଜନ୍ମାନ୍ତର ବାଦ ସ୍ୱୀକୃତ ହୁଏ । ଏଠାରେ ଏହି ବ୍ରହ୍ମ ଭାବର ସୂଚକ ଶ୍ରୀ ଶ୍ରୀ ଜଗନ୍ନାଥ ତତ୍‌ଭାବକୁ ଆଶ୍ରୟ କରିଥିବାଯୋଗୁଁ ଏ ଲୀଳା ଚାଲିଆସୁଅଛି । ଜଗନ୍ନାଥ ପ୍ରସାଦର ମହିମା ବର୍ଣ୍ଣନ କରିବାକୁ ଯାଇ ସାଧନ ସିଦ୍ଧ ରାମକୃଷ୍ଣ ପରମହଂସ ଦେବ କହିଛନ୍ତି "ଜଗନ୍ନାଥଙ୍କ ପ୍ରସାଦ ଅନ୍ନ ନୁହେଁ ତାହା ସ୍ୱୟଂ ବ୍ରହ୍ମ" । କିମ୍ବଦନ୍ତୀଠାରୁ ଏ ଯାବତ୍ ଘଟୁଥିବା ନିତ୍ୟ ଘଟଣାରୁ ସୁପ୍ରମାଣିତ ଯେ ଯେତେ ମହାପୁରୁଷ ଜନ୍ମ ନେଇଛନ୍ତି ସମସ୍ତେ ପୁରୀସ୍ଥିତ ଏହି ଦାରୁ-ବ୍ରହ୍ମଙ୍କୁ ନଦେଖି ରହି ପାରିନାହାନ୍ତି । ସେମାନେ ଏହାଙ୍କୁ ଏତେ ପ୍ରାଧାନ୍ୟ ଦେଲେ କିପରି ? ଖାଲି ଅନ୍ଧ ବିଶ୍ୱାସରେ ନା ପ୍ରକୃତ ବିଧି ବିଧାନଗତ ଭାବଭରା ଅନୁଭବର ପ୍ରାବଲ୍ୟ ମାଧ୍ୟମରେ । ଜଗନ୍ନାଥ ଯେ ସ୍ୱୟଂ ବ୍ରହ୍ମଙ୍କ ବିକାଶ ତାହା କେବଳ ପ୍ରାଣରେ ଅନୁଭବ ହୋଇପାରେ, ପରନ୍ତୁ ହଇଚଇ ଯୁକ୍ତି ତତ୍ତ୍ୱ ପ୍ରଖ୍ୟାପନ ମାଧ୍ୟମରେ ନୁହେଁ, କାର୍ଯ୍ୟକାରୀ କ୍ଷେତ୍ରରେ ।

# ଜଗନ୍ନାଥ କ୍ଷେତ୍ରରେ ବୈଦିକ ପ୍ରମାଣ

ଋକ ବେଦରେ ପରମେଶ୍ୱର କହିଛନ୍ତି

ଯଥା–

"ସମାନୋ ମନ୍ତ୍ରଃ ସମିତିଃ ସମାନୀ
ସମାନଂ ମନଃ ସହ ଚିତ୍ତ ମେଷାମ୍ ।

ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ
ସମାନେନ ବୋ ହବିଷା ଜୁହୋମି ।।

(ଋକ୍ ୧୦.୧୯୧.୩.)

ହେ ମାନବ ! ତୁମ୍ଭମାନଙ୍କର ବିଚାର ସମାନ ହେଉ, ପରସ୍ପର ସଂହତି ସମାନ ହେଉ, ଅନ୍ତଃକରଣ ସମାନ ହେଉ, ତୁମ୍ଭମାନଙ୍କ ପାଇଁ ସମାନ ବିଚାର ଅଥବା ବେଦବାଣୀ ମନ୍ତ୍ର ଦାନ କରୁଅଛି । ତୁମ୍ଭମାନଙ୍କୁ ଏକପ୍ରକାର ଅନ୍ନାଦିର ସୁଯୋଗ ପ୍ରଦାନ କରିଅଛି ।

ପୁନରାୟ ପରମେଶ୍ୱର ଠିକ୍ ଏହିପରି ଅଥର୍ବ ବେଦରେ କହିଅଛନ୍ତି: "ସମାନୀ ପ୍ରପା ସହ ବୋନ୍ନ ଭାଗଃ"

(ଅ. ବେ. ୩.୩୦.୬)

"ତୁମ୍ଭମାନଙ୍କର ଜଳପାନର ସ୍ଥଳ ସମାନ ହେଉ ଓ ଅନ୍ନଭାଗ ସମାନ ହେଉ" । ଏହିପରି ଅନୁଶାସନ ବିନା ବିଚାରରେ ଅଦ୍ୟାବଧି ପୁରୀ ଜଗନ୍ନାଥଙ୍କ ମନ୍ଦିରରେ ଚଳିଆସୁଅଛି । ଆବ୍ରାହ୍ମଣ ଚଣ୍ଡାଳ ପର୍ଯ୍ୟନ୍ତ ଯଥାବିଧି ସମ୍ମାନ ସହକାରେ ବିନା ଦ୍ୱିଧାରେ ଆଚାର ରକ୍ଷାକରି ଏକ ସ୍ଥାନରେ ଏକତ୍ର ବସି ମହାପ୍ରସାଦ ଗ୍ରହଣ କରନ୍ତି । ଏଥି ସହିତ ସୁନିର୍ଦ୍ଦିଷ୍ଟ ବୈଦିକ ଆଚାର ବିଚାର ମଧ୍ୟ ସୁପରିଚାଳିତ । ଭ୍ରଷ୍ଟାଚାର ଦେଇ ଭିଡ଼ରେ ହରିବୋଲ ଦେବା କଥାଟି ଜଗନ୍ନାଥଙ୍କ ମନ୍ଦିରରେ ନାହିଁ । ଆଚାର, ନିଷ୍ଠା ତଥା ଅଧିକାର ଅନୁଯାୟୀ ଭିନ୍ନ ଭିନ୍ନ କର୍ମଚାରୀଙ୍କ ଦ୍ୱାରା ଜଗନ୍ନାଥଙ୍କ କାର୍ଯ୍ୟ ସଂପାଦନ ହେବା ଫଳରେ ତାହା ପ୍ରତ୍ୟେକ ଅନ୍ତଃକରଣକୁ ପ୍ରଭାବିତ କରିଥାଏ । ଏହି ସୃଷ୍ଟିରେ କଦାପି କୌଣସି ବସ୍ତୁ ସମାନ ନୁହେଁ । ବୈଷମ୍ୟହିଁ ସୃଷ୍ଟିର ଅସଲ ମୌଳିକ ବସ୍ତୁ । ଏ ବିଷୟରେ ଋକ ବେଦରେ ପ୍ରଭୁ କହୁଛନ୍ତି :

ସମୌ ଚିଦ୍ଧସ୍ତୌ ନ ସମଂ ବିବଷ୍ଟଃ
ସ ମାତରା ଚିନ୍ନ ସମଂ ଦୁହାତେ ।

ଯମୟୋ ଶ୍ଚିନ୍ନ ସମଂ ବୀର୍ଯ୍ୟାଣି
ଜ୍ଞାତୀ ଚିତ୍ ସନ୍ତୌ ନ ସମଂ ପୃଣୀତ ।।

(ଋଗ୍ ୧୦.୧୧୭.୯)

ଦୁଇହାତ ସମାନ ହୋଇ ସୁଦ୍ଧା ସମାନ ଭାବରେ କାର୍ଯ୍ୟ କରିପାରନ୍ତି ନାହିଁ । ଗୋଟିଏ ଗାଈର ୨ଟି ବାଛୁରୀ ସମାନ ଦୁଧ ଦିଅନ୍ତି ନାହିଁ । ଏକାଠି ଜାତ ହୋଇଥିବା ଯାଆଁଳା ପୁଅଙ୍କର ବଳ ମଧ୍ୟ ସମାନ ହୁଏନାହିଁ । ଦୁଇଜଣ ଆତ୍ମୀୟ ସ୍ୱଜନ ହୋଇ ସୁଦ୍ଧା ସମାନ ଭାବରେ ଦାନଶୀଳ ନୁହନ୍ତି । ସୃଷ୍ଟିରେ ବୈଷମ୍ୟ ଥିଲେମଧ୍ୟ ଜଗନ୍ନାଥ ବ୍ରହ୍ମଙ୍କ କ୍ଷେତ୍ରରେ ଆଦୌ ଅସୁବିଧା ପରିଲକ୍ଷିତ ହୁଏନାହିଁ । ଏଠାରେ ଥିବା ପୂଜା ପଦ୍ଧତି ତଥା ଅର୍ଚ୍ଚନାର ନିଖୁଣ ଚିତ୍ରାଙ୍କନ, ଭିନ୍ନ ଭିନ୍ନ ଜାତିର ଲୋକଙ୍କ ଦ୍ୱାରା ଅଧିକାର ଭେଦରେ ମନ୍ଦିରର ନିତ୍ୟ ନୈମିତିକ କର୍ମର ସୁସଂପାଦନ, ଭକ୍ତ, ଜ୍ଞାନୀ, ମାନୀ, ଧନୀ ଓ ଦରିଦ୍ରମାନଙ୍କର ବିଭିନ୍ନ ଭାବର ଅପୂର୍ବ ସୁଶୃଂଖଳିତ ସମାବେଶ ପରିସରକୁ କିପରି ଭାବ ଗାମ୍ଭୀର୍ଯ୍ୟରେ ପର୍ଯ୍ୟବସିତ କରୁଥାଏ ତାହାହିଁ ଅନୁଭବୀ ମାତ୍ର ଜାଣନ୍ତି । ପ୍ରତ୍ୟେକ ବର୍ଷ ପ୍ରଭୁଙ୍କ ରଥଯାତ୍ରା ଯେପରି ସର୍ବ ସାଧାରଣଙ୍କ ପ୍ରାଣରେ ଆନନ୍ଦ ସଞ୍ଚାର କରିଥାଏ ତାହା ଭାଷାରେ ବର୍ଣ୍ଣନା କରିହେବ ନାହିଁ । ଜଗନ୍ନାଥଙ୍କ ମହତ୍ୱ ଉପଲବ୍ଧି କରି ପୃଥିବୀର ଭିନ୍ନ ଭିନ୍ନ ଦେଶରେ ଦାରୁବ୍ରହ୍ମ ପ୍ରତିଷ୍ଠା କରାଯାଇ ରଥଯାତ୍ରା ପରି ଉତ୍ସବ ଅନୁଷ୍ଠିତ ହେଲାଣି । କିଏ କହିବ ଆସନ୍ତା ଶତାବ୍ଦୀକୁ ସାରା ପୃଥିବୀରେ ଏହି ଦାରୁବ୍ରହ୍ମଙ୍କୁ ଘରେ ଘରେ ପୂଜା ନକରିବେ ? ଏ ମୂର୍ତ୍ତି ଏପରିଯେ ଯିଏ ଯେପରି ଭାବିବ ସେ ସେପରି ଉପଲବ୍ଧି କରିବ । ଏ ଧାରାର କ୍ରିୟା କେବଳ ବ୍ରହ୍ମଙ୍କ ପାଖେ ସମ୍ଭବ । ନଚେତ୍ ଶାସ୍ତ୍ର ଅନୁସାରେ ଭିନ୍ନ ଭିନ୍ନ ଐଶ୍ୱର୍ଯ୍ୟ ତଥା ଫଳ ପାଇବା ପାଇଁ ତଦ ଅନୁରୂପ ଦେବତାଙ୍କର ପୂଜା ପ୍ରାର୍ଥନା କରିବାକୁ ପଡ଼ିଥାଏ । ଉଦାହରଣ ସ୍ୱରୂପ ଗଣେଶଙ୍କୁ ପୂଜାକଲେ ବିଦ୍ୟା, ଦୁର୍ଗାଙ୍କୁ ପୂଜାକଲେ ସମଗ୍ର ଐଶ୍ୱର୍ଯ୍ୟ, ଲକ୍ଷ୍ମୀଙ୍କୁ ପୂଜାକଲେ ଧନ ଇତ୍ୟାଦି ପ୍ରାପ୍ତି ହୋଇଥାଏ ।

ଜଗନ୍ନାଥଙ୍କ ମନ୍ଦିରରେ ସବୁ ପ୍ରକାର ଲୋକ ଭିନ୍ନ ଭିନ୍ନ ଅଧିକାରରେ ପରମେଶ୍ୱରଙ୍କ ସେବକ ଭାବେ ଆନନ୍ଦସହ କର୍ତ୍ତବ୍ୟ ସଂପାଦନ କରିଥାନ୍ତି । ଏହା ମଧ୍ୟ ରାଷ୍ଟ୍ରର ଅଭ୍ୟୁଦୟ ସଂଗଠିତ ଚେତନାକୁ ଆଣିବାରେ ସାର୍ବଭୌମ ସର୍ତ୍ତ ଦାନ କରୁଅଛି । ତେଣୁ ରାଷ୍ଟ୍ରରେ ସମସ୍ତେ ସମସ୍ତଙ୍କ ଅଧିକାର ଭେଦରେ ରାଷ୍ଟ୍ରପାଇଁ ପରମପିତାଙ୍କ ସେବକ ହିସାବରେ କାର୍ଯ୍ୟ ସଂପାଦନ କରି ମଣିଷ ଜୀବନକୁ ସାର୍ଥକ କରିବା ବାଞ୍ଛନୀୟ । ରଥରେ ଶ୍ରୀ ଶ୍ରୀ ଜଗନ୍ନାଥଙ୍କୁ ଦେଖି ଯେପରି ପୂର୍ଣ୍ଣାନନ୍ଦ ଅନୁଭବ କରାଯାଏ ସେହିପରି ଦେହ ରୂପକ ରଥରେ ସେହି ବାମନଙ୍କୁ ଦେଖି "ଅହଂ ବ୍ରହ୍ମୋସ୍ମି" ଭାବରେ ସାଯୁଜ୍ୟ ମୁକ୍ତି ଲାଭ କରାଯାଏ । "ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମଂ ନ ବିଦ୍ୟତେ" ।

ରଥାରୂଢ଼ୋ ଗଚ୍ଛନ୍ ପଥି ମିଳିତ ଭୂଦେବ ପଟଳୈ
ସ୍ତୁତି ପ୍ରାଦୁର୍ଭାବଂ ପ୍ରତିପଦ ମୁପାକର୍ଣ୍ଣ୍ୟ ସଦୟଃ ।

ଦୟାସିନ୍ଧୁ ର୍ବନ୍ଧୁଃ ସକଳ ଜଗତାଂ ସିନ୍ଧୁ ସୁତୟା
ଜଗନ୍ନାଥଃ ସ୍ୱାମୀ ନୟନ ପଥଗାମୀ ଭବତୁ ମେ ।।

(ଶଙ୍କର)


ଯିଏ ରଥ ଆରୋହଣ କରି ଗମନ କଲାବେଳେ ପଥ ମଧ୍ୟରେ ସମବେତ ଦର୍ଶକମାନେ ପ୍ରତି ପଦେ ପଦେ ସ୍ତୁତି କରୁଥିବାରୁ ସେହି ସ୍ତୁତି ଶ୍ରବଣ କରି ସେମାନଙ୍କ ପ୍ରତି ଦୟା ପରବଶ

ହୁଅନ୍ତି, ସେହି କୃପାସିନ୍ଧୁ ଓ ସମସ୍ତ ଜଗତର ବନ୍ଧୁ ଜଗନ୍ନାଥ ସିନ୍ଧୁ ନନ୍ଦିନୀ କମଳାଙ୍କ ସହିତ ମୋର ନୟନ ପଥଗାମୀ ହୁଅନ୍ତୁ । ବୈଦିକ ବିନୟରେ ଆଜି ଜଗତରେ ବ୍ୟଷ୍ଟିଠାରୁ ଆରମ୍ଭ କରି ସମଷ୍ଟି ଯାବତ୍ କିପରି ସୁଖରେ କାଳାତିପାତ କରିବେ ସେଥିନିମିତ୍ତ ପ୍ରାର୍ଥନା କରିବା–

"ଅସତୋ ମା ସଦ୍‌ଗମୟ
ତମସୋ ମା ଜ୍ୟୋତିର୍ଗମୟ
ମୃତ୍ୟୋ ର୍ମାଂ ମୃତଂ ଗମୟ ।

ଜୟ ଜଗନ୍ନାଥ ସ୍ୱାମୀ, ଜୟ
ନୀଳାଦ୍ରିନାଥ ପରମେଶ୍ୱର ।।

ଦୁଗଲ,
ବ୍ରାହ୍ମଣପଡ଼ା,
ସାକ୍ଷୀଗୋପାଳ, ପୁରୀ ।



[ ୮ମ ପୃଷ୍ଠାର ଅବଶିଷ୍ଟାଂଶ ]

ଜୀବନର ମାନ ଉନ୍ନତ କରିବା, ପ୍ରାକୃତିକ ପରିବେଶ ଅକ୍ଷୁର୍ଣ୍ଣ ରଖିବା ଏବଂ ଦୈନନ୍ଦିନ ଚାହିଦା ମେଣ୍ଟାଇବାରେ ଜଙ୍ଗଲ ଯେଉଁ ଅପରିହାର୍ଯ୍ୟ ଭୂମିକା ନେଇଥାଏ, ସେହି ଦୃଷ୍ଟିରୁ ବିଭିନ୍ନ ଜଳବାୟୁ ପ୍ରାନ୍ତୀୟ ମଣ୍ଡଳରେ ଉପଯୁକ୍ତ ଅମଳକ୍ଷମ ବୃକ୍ଷାରୋପଣ କରି ସ୍ଥାୟୀ ସବୁଜ ଆଚ୍ଛାଦନ ସୃଷ୍ଟି କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବା ଦେଶ ଓ ଜାତି ପକ୍ଷରେ ଏକ ପ୍ରଧାନ କର୍ତ୍ତବ୍ୟ । ଜଙ୍ଗଲ ଉନ୍ନୟନ କାର୍ଯ୍ୟକ୍ରମର ସଫଳତା ସେହି ଅଞ୍ଚଳର ବନସ୍ପତି ଆବରଣର ସ୍ଥାୟୀତ୍ୱ ଉପରେ ପ୍ରଧାନତଃ ନିର୍ଭରଯୋଗ୍ୟ ହେବା ଉଚିତ । ଅଧିକ ଫଳପ୍ରଦ କର୍ମ ସଂସ୍ଥାନ ଜଙ୍ଗଲ କାର୍ଯ୍ୟକ୍ରମଗୁଡ଼ିକ ଜରିଆରେ ମଧ୍ୟ ହୋଇପାରିବ । ବାର୍ଷିକ ବନ ମହୋତ୍ସବ ପାଳନ ଓ ପଞ୍ଚବନ ଯୋଜନା ଜଙ୍ଗଲକୁ ଧ୍ୱଂସ ମୁଖରୁ ରକ୍ଷା କରିବା ଓ ନୂତନ ଜଙ୍ଗଲ ସୃଷ୍ଟି କରିବା ଦିଗରେ ନାଗରିକମାନଙ୍କ ଉପରେ ଯଥେଷ୍ଟ ପ୍ରଭାବ ପକାଇବ ଏଥିରେ ସନ୍ଦେହ ନାହିଁ ।

ବନ ସଂରକ୍ଷକ,
ମୁଖ୍ୟ ବନ ସଂରକ୍ଷକଙ୍କ କାର୍ଯ୍ୟାଳୟ, କଟକ


[ ୧୦ ପୃଷ୍ଠାର ଅବଶିଷ୍ଟାଂଶ ]

ଏ ସବୁ ପ୍ରକାରର ମନ୍ତ୍ରବିଧି ଓ ପୂଜାବିଧି ମଧ୍ୟରେ ଗଛକୁ ଏତେ ଗୁରୁତ୍ୱ ଦିଆଯିବାର କାରଣ କ'ଣ ? କେବଳ ଏତିକି (ପୁରାଣକାରମାନଙ୍କ ମତରେ) ଯେ ଗଛର ଉପକାର କ'ଣ ସେ ସୃଷ୍ଟିର ସ୍ଥିତିପାଇଁ, ଜୀବନର ସୃଷ୍ଟି, ସ୍ଥିତି, ଅଭିବୃଦ୍ଧି ଓ ଲୟପାଇଁ କ'ଣ କରିଥାଏ ତାହାର ବାସ୍ତବ ମୂଲ୍ୟାଙ୍କନ ମୋଟେ ସମ୍ଭବ ନୁହେଁ । ଏଣୁ ବୃକ୍ଷ ଯେ ଦେବତା ସ୍ୱରୂପ–ଏଥିରେ ଅତିରଂଜନ ନାହିଁ ।

ବୈଦିକ ସଂସ୍କୃତିର ଆରମ୍ଭରୁ ଆମର ପରଂପରା ଦୃଷ୍ଟିରୁ ହେଉ, ମନ୍ତ୍ରବିଧି ହେତୁ ବା ଆଜିର ଜଡ଼ବାଦ ମୂଲ୍ୟବୋଧ ଦୃଷ୍ଟିରୁ ହେଉ ଆମେ ଗଛଦ୍ୱାରା ବିଭିନ୍ନ ଉପାୟରେ ସବୁଦିନେ ଉପକୃତ । ଚନ୍ଦନ ଗଛକୁ କାଟୁଥିବା ଟାଙ୍ଗିଆକୁ ଯେ ସୁବାସ ଦାନର କୁଣ୍ଠା ନାହିଁ ଏକଥା କ'ଣ କେହି ଅସ୍ୱୀକାର କରିବେ ?

ଯଦି ପ୍ରତ୍ୟକ୍ଷ ବା ପରୋକ୍ଷରେ ଆମେ ଗଛଠାରୁ ଏତେ ଅମୂଲ୍ୟ ଉପକାର ପାଉ ତେବେ ବୃକ୍ଷରୋପଣ ସପ୍ତାହରେ ଗୋଟିଏ ଗଛ ଲଗାଇବା ଆମର ମୌଳିକ ଓ ନୈତିକ କର୍ତ୍ତବ୍ୟ ନୁହେଁ କି ?

ବନୀକରଣ ବିଭାଗ
ଚିତ୍ରକୋଣ୍ଡା, କୋରାପୁଟ



# ଅନୁକମ୍ପା--ନା--ଦୁର୍ବଳତା

ଶ୍ରୀ ଚୈତନ୍ୟ ଚନ୍ଦ୍ର ମିଶ୍ର

ମହାଭାରତ ଯୁଦ୍ଧର ତ୍ରୟୋଦଶ ଦିବସ । ଦଶଦିନ ଯୁଦ୍ଧକରି ମହାରଥି ଭୀଷ୍ମ ଶରଶଯ୍ୟାଗତ । ସେନାପତିତ୍ୱ ଗ୍ରହଣ କରିଥାଆନ୍ତି-କୌରବ ଓ ପାଣ୍ଡବମାନଙ୍କର ଶିକ୍ଷାଦାତା ଶସ୍ତ୍ରବେତ୍ତା, ଦୁର୍ଗମ ମହାବ୍ୟୂହ ସର୍ଜ୍ଜନା-ନିପୁଣ ଦ୍ରୋଣାଚାର୍ଯ୍ୟ । ଗୁରୁଦେବଙ୍କର ସେନାପତିତ୍ୱରେ କୌରବ ପକ୍ଷର ଜୟର ସମ୍ଭାବନା ବହୁତ ହ୍ରାସ ପାଇବାହେତୁ ଅତ୍ୟନ୍ତ ବିଷଣ୍ଣ ହୋଇ ଦୁର୍ଯ୍ୟୋଧନ ଆଚାର୍ଯ୍ୟଙ୍କୁ ଅନୁରୋଧ କଲେ:

ଗୁରୁଦେବ!
କରି ବହୁ ଆଶା
ଆଶ୍ରାକରି ତୁମର ବିକ୍ରମ
ଆଶାଥିଲା ତରିଯିବି ଏଯୁଦ୍ଧ ବାରିଧି ॥
କିନ୍ତୁ ଗୁରୁଦେବ!
ହତାଶା ଗ୍ଳାନିରେ ଆଜି
ଜର୍ଜ୍ଜରିତ ମୁହିଁ
ବେଳୁ ବେଳ କୁରୁବଳ ହୁଅନ୍ତି ଦୁର୍ବଳ
ବିଜୟ ଉଲ୍ଲାସେ ମତ୍ତ
ପାଣ୍ଡବ ବାହିନୀ ॥
କରେ ଅନୁନୟ
ରକ୍ଷାକର ଗୁରୁଦେବ କୁରୁକୁଳ ମାନ
ମାନେଜ୍ଞବର୍ତ୍ତୀମାନ ନହେଉ ନିଭନ ॥

କିଛିକ୍ଷଣ ଚିନ୍ତାକରି ଉତ୍ତରଦେଲେ ଗୁରୁଦେବ:—

ଦୁର୍ଯ୍ୟୋଧନ !
ଛୁଇଁ ତବ ଶିର ମୁହିଁ କରୁଛି ଶପଥ
ସର୍ଜ୍ଜନା କରିବି ଆଜି ଏହିପରିବ୍ୟୂହ
ବଜ୍ରହସ୍ତେ ଦେବରାଜ ନପାରିବେ ଭେଦି ॥
ଆଉ ସେହି ବ୍ୟୂହ ଅନ୍ତରାଳେ
ଅନାୟାସେ କରିବି ବିନାଶ
ଜଣେହେଲେ ମହାଯୋଦ୍ଧା ପାଣ୍ଡବ ପକ୍ଷର ॥

ନିଜର ପ୍ରତିଶ୍ରୁତି ରକ୍ଷାକରିବାପାଇଁ ସର୍ଜ୍ଜନା କରିଥିଲେ—ଅମର ଅଭେଦ୍ୟ ଚକ୍ରବ୍ୟୂହ ॥ ଯଥାସମୟରେ ଏହି ସମ୍ବାଦ ଧର୍ମରାଜଙ୍କର କର୍ଣ୍ଣଗୋଚର ହେଲା । ସେ ବିଷଣ୍ଣହୋଇ ପ୍ରଶ୍ନକଲେ:—

ଚକ୍ରବ୍ୟୂହ ॥
କେଉଁପରି ଦୁର୍ଭେଦ୍ୟ ସେ ବ୍ୟୂହ
କହ କେଉଁ ମହାରଥି
ପାରିବେ ତା ଭେଦି ?

ଚାଲିଲା ଆଲୋଚନା । ଏହି ମନ୍ତ୍ରଣାରେ ଯୋଗ-ଦେଇଥିଲେ ମହାରଥି ଧୃଷ୍ଟଦ୍ୟୁମ୍ନ, ସାତ୍ୟକି, ଭୀମସେନ ଓ ଆହୁରି ଅନେକ ମହାଯୋଦ୍ଧା । ଯୁଧିଷ୍ଠିରଙ୍କ ପ୍ରଶ୍ନର ଉତ୍ତରରେ କହିଲେ ଧୃଷ୍ଟଦ୍ୟୁମ୍ନ:—

ଧର୍ମରାଜ
ଚକ୍ରବ୍ୟୂହ ଭେଦ ବିଧି ଅଜ୍ଞାତ ମୋହର ॥

ପାଣ୍ଡବ ବାହିନୀର ସେନାପତି ଧୃଷ୍ଟଦ୍ୟୁମ୍ନଙ୍କର ଏହି ଦୁର୍ବଳୋକ୍ତି ଶୁଣି ମଧ୍ୟ ବହୁ ଆଶାନ୍ୱିତ ହୋଇ ପଚାରିଲେ ଧର୍ମରାଜ ସାତ୍ୟକିଙ୍କୁ:—

ହେ ଯଦୁକୁଳ ପ୍ରବର
ଧାନୁଷ୍କି ସାତ୍ୟକି
ଶ୍ରୀକୃଷ୍ଣ ଅନୁଜ
ଅରଜୁନ ପ୍ରିୟ ଶିଷ୍ୟ
ତିନିପୁର ମଧ୍ୟେ ଜଣେ
ମହାଯୋଦ୍ଧା ତୁମେ ॥
କହିବନି ଚକ୍ରବ୍ୟୂହ ଭେଦିବାର ବିଧି ?

ଉତ୍ତର ଦେଲେ ସାତ୍ୟକି:—

ଧର୍ମରାଜ !
ଚକ୍ରବ୍ୟୂହ ଭେଦ ବିଧି ଅତ୍ୟନ୍ତ ବିଷମ
ଆଉ କେ ମର୍ତ୍ତ୍ୟର ଯୋଦ୍ଧା
ସ୍ୱୟଂ ଦେବରାଜ ବଜ୍ରହସ୍ତେ
ନ ପାରିବେ କରି ଭେଦ ଚକ୍ରବ୍ୟୂହ ଦ୍ୱାର ॥

ମନେ ମୋ ସନ୍ଦେହ
ସ୍ରଷ୍ଟା ଦ୍ରୋଣାଚାର୍ଯ୍ୟ ମଧ୍ୟ
ନ ଜାଣନ୍ତି ତାହା ॥

ଆଶ୍ଚର୍ଯ୍ୟ ହେଲେ ଧର୍ମରାଜ । ବୃଦ୍ଧିପାଇଲା ବିସ୍ମୟର ମାତ୍ରା ତଥାପି ସାହସ ବାନ୍ଧି ପଚାରିଲେ:—

ମହାଯୋଦ୍ଧା ସବ୍ୟସାଚୀ ?

ଉତ୍ତର ଦେଲେ ସାତ୍ୟକି:—

ନିମିଷେ ଯେ ପାରେ ଜିଣି ଚଉଦ ବ୍ରହ୍ମାଣ୍ଡ
ନାଗ, ନର, ଅମରରେ ଅଟେ ଯେ ଅଧୃଷ୍ୟ,
ତାଙ୍କ ପକ୍ଷେ ଚକ୍ରବ୍ୟୂହ ଭେଦ
ଅଟେ ଅତି ସାଧାରଣ କଥା ॥

ଧର୍ମରାଜ:—ତେବେ ଚିନ୍ତା କାହିଁ ପାଇଁ ?

ସହଦେବ:—ଯାଉଛନ୍ତି ସବ୍ୟସାଚୀ ସଂଶପ୍ତ ମାରଣେ । ଶୁଣୁଥିଲେ ଭୀମସେନ ଏହିସବୁ ମନ୍ତ୍ରଣା । ଅସହ୍ୟ ହେଲା ତାଙ୍କର ସବୁ ମହାଯୋଦ୍ଧାଙ୍କର ହୀନ ଦୁର୍ବଳୋକ୍ତି । ଦୃଢ଼ ଗଦା ଉପରକୁ ଟିଆଇଁ କହିଲେ ଭୀମସେନ:—

ରଖ ତୁମ ଦୁର୍ବଳ ପଣିଆ ।
ମୁଁ ଯାଉଛି ହୋଇ ଗଦାହସ୍ତ ।
ନିମିଷେ ସେ ଚକ୍ରବ୍ୟୂହ କରିବି ବିଧ୍ୱସ୍ତ

ଭୀମଙ୍କର ଦମ୍ଭୋକ୍ତିର ଉତ୍ତର ଦେଲେ ସାତ୍ୟକି:—

ବୀର ବୃକୋଦର !
ଏ ନୁହଇ ବାଲ୍ୟ ଚପଳତା ।
ନାରାୟଣ ପକ୍ଷେ ଅଟେ ଅସମ୍ଭବ ଯାହା
ତୁମେ କାହୁଁ ସେହି କଥା କରିବ ସମାଧା
ହୋଇପାରେ କରି ଚେଷ୍ଟା
ପ୍ରଥମ ଦ୍ୱାରକୁ ଏବା ଯିବ ଅତିକ୍ରମି
କିନ୍ତୁ ?

ଭୀମସେନ ବ୍ୟଗ୍ର ହୋଇ ଚାହିଁ ରହିଲେ, କହି ଚାଲିଥାନ୍ତି ସାତ୍ୟକି:—

ଦ୍ୱିତୀୟ ଦ୍ୱାର ଜଗିଛି
ସିନ୍ଧୁରାଜ ଦୁଷ୍ଟ ଜୟଦ୍ରଥ
ତାହାକୁ ଅତିକ୍ରମିବା ଦୁଃସାଧ୍ୟ ତୁମର ॥

ବ୍ୟଙ୍ଗୋକ୍ତି ପ୍ରକାଶ କରି କହିଲେ ଭୀମସେନ:—

ଦୁଷ୍ଟ ଜୟଦ୍ରଥ
ସେଦିନ କାମ୍ୟକ ବନେ
ସେ ମହା ଭୀରୁକୁ ପରା
ସାତ ବେଣ୍ଟିଆ କରି ମୁଁ
ଦେଇଥିଲି ଛାଡ଼ି ।
ତାକୁ ପୁଣି କର ତୁମେ ଏଡ଼ିକି ଆଶଙ୍କା ?
ଏହିପରି ଦୀନ ଉକ୍ତି
ସାତ୍ୟକିଙ୍କ ମୁଖେ ଟିକେ ପାଉନାହିଁ ଶୋଭା ॥

ଏ ପର୍ଯ୍ୟନ୍ତ ନୀରବ ରହିଥିଲେ ସହଦେବ । ଭୂତ ଭବିଷ୍ୟତଜ୍ଞାତା ବୋଲି ତାଙ୍କର ଖ୍ୟାତି । ସେ କହିଲେ:—

ସେଦିନ ଆଜିର ମଧ୍ୟେ ଅନେକ ପ୍ରଭେଦ ।
ଅନେକ ପାର୍ଥକ୍ୟ ।
ସେ ଦିନର ଜୟଦ୍ରଥ ଲଭିଅଛି ବର—

ଭୀମସେନ:—କାହାଠାରୁ ବର ?

ସହଦେବ:—ସଦାଶିବ ପ୍ରୀତ ହୋଇ ଦେଇଛନ୍ତି ବର
ଦିନେ ମାତ୍ର ସେହି ଦୁଷ୍ଟ କରିବ ବିଜୟ
ଅର୍ଜୁନଙ୍କ ଭିନ୍ନ
ଏକାଥରେ ଚାରି ପାଣ୍ଡବଙ୍କୁ ॥

ଆଶ୍ଚର୍ଯ୍ୟ ହୋଇ

ପଚାରିଲେ ଦେବ ଧର୍ମରାଜ:—

ସଦାଶିବ ବରେ ଦୁଷ୍ଟ
ଏଡ଼େ ବଳୀୟାନ ?
କହ ସହଦେବ

କେବେ ସଦାଶିବ ବର ଲଭିଲା ସେ ଦୁଷ୍ଟ ?
କରାଇ ଦେଲେ ସ୍ମରଣ କାମ୍ୟକ ବନର କଥା ॥
ସବୁରି ମନରେ ଜାଗ୍ରତ ହେଲା ସେ ଦିନର ଘଟଣାବଳୀ ।

ଅନେକ ଦିନରୁ ପାଣ୍ଡବମାନେ କାମ୍ୟକ ବନରେ ବିଚରଣ କରୁଥାଆନ୍ତି । ପ୍ରାକୃତିକ ଶୋଭା ସମ୍ପଦରେ ଭରପୂର କାମ୍ୟକ ବନ । ସବୁରି ମନରେ ଅପୂର୍ବ ଶାନ୍ତି ମୃଗୟା ନିମିତ୍ତ ମୃଗାଦି ଜୀବଜନ୍ତୁଙ୍କର ଅଭାବ ମଧ୍ୟ ନଥାଏ । ଦିନେ ଭାଇମାନେ ବାହାରିଲେ ମୃଗୟାକୁ । କେବଳ ରହିଲେ ଦ୍ରୌପଦୀ । ଧୌମ୍ୟ ପୁରୋହିତ ଓ ଆଉ କେତେକ ବିଶ୍ୱସ୍ତ ଅନୁଚର ଦ୍ରୌପଦୀଙ୍କୁ ଜଗି ଥାଆନ୍ତି ।

ବହୁ ରାଜକୁମାର ପରିବୃତ ହୋଇ ସିନ୍ଧୁରାଜ କୁମାର ଜୟଦ୍ରଥ ସେହି ମାର୍ଗରେ ଯାଉଥିବାବେଳେ ଦେଖିଲେ ଜଣେ ଅପରୂପ ସୁନ୍ଦରୀ ଗୋଟିଏ କଦମ୍ବ ଡାଳକୁ ଧରି ଦଣ୍ଡାୟମାନା । ତାଙ୍କ ରୂପରେ ଜୟଦ୍ରଥ ବିମୁଗ୍ଧ । ମନରେ ବିଶ୍ୱାସ ହେଲାନାହିଁ ଯେ ଏ ଜଣେ ନାରୀ । ସନ୍ଦେହ ହେଲା କୌଣସି ଦେବୀ ଅବା କିନ୍ନରୀ ସେଠାରେ ବିଚରଣ କରୁଅଛନ୍ତି । ରୂପରେ ମୁଗ୍ଧ ହୋଇ ତାଙ୍କର ପାଣି ଗ୍ରହଣ ଲାଳସା ଜାଗ୍ରତ ହେଲା ଜୟଦ୍ରଥ ମନରେ । ଏଣୁ ତାଙ୍କର ପରିଚୟ ଜାଣିବା ପାଇଁ କୋଟିକାସ୍ୟ ନାମକ ଜଣେ ରାଜକୁମାରଙ୍କୁ ପ୍ରେରଣ କଲେ ।

ମନରେ ଆଶଙ୍କା—
କିଏ ଏହି ଚିର ଯଉବନା
ତ୍ରିପୁର ମୋହିନୀ ଦେବୀ
ରମା, ଉମା, ଅବା ଶଚୀ ଇନ୍ଦ୍ରଙ୍କ ମୋହିନୀ ?

ଆଜ୍ଞାନସାରୀ କୋଟିକାସ୍ୟ
କୁଟୀର ସନ୍ନିକଟକୁ ଆସି ଦ୍ରୌପଦୀଙ୍କୁ ପ୍ରଶ୍ନ କଲେ

କିଏ ତୁମେ ଦେବୀ
ଯକ୍ଷ ଦାନବ ଅପ୍‌ସରା ନାଗରାଜ ପୁତ୍ରୀ ?
ବରୁଣ ନନ୍ଦିନୀରମା ଅଥବା ବ୍ରାହ୍ମଣୀ
ତ୍ରିପୁରାରି ବିମୋହିନୀ ତ୍ରିପୁର ମୋହିନୀ ?

କେଉଁ ଦେଶେ ଜନ୍ମତବ କିଏ ତୁମ ସ୍ୱାମୀ
ଅଥବା ଅବିବାହିତା
ଖୋଜୁଅଛ ମନୋମତ ପତି ?
ସ୍ପଷ୍ଟ କରି କହ ଦେବୀ
ହୋଇ ଏକାକିନୀ କେମନ୍ତେ
ଭ୍ରମୁଅଛ ନିର୍ଭୟରେ ଏ ଅରଣ୍ୟ ଦେଶେ ?
ଦେଖିତୁମ ଅପରୂପ ରୂପ
ସେଥି ସଙ୍ଗେ ଅସୀମ ସାହସ
ହେଉଅଛି ମନରେ ବିସ୍ମୟ ।

ନିଶ୍ଚେ ତୁମେ ଅଟ କେଉଁ ଦେବୀ
ଛଦ୍ମ ବେଶେ ଭ୍ରମୁଅଛ ଅରଣ୍ୟ ମଧ୍ୟରେ
ଦୟାବହି ଦୟାମୟୀ ଫେଡନ୍ତୁ ମୋ ମନର ସନ୍ଦେହ ॥

ସ୍ମିତ ହାସ ପ୍ରକାଶ କରି କହିଲେ ଦେବୀ ଯାଜ୍ଞସେନୀ:—

ଶୁଣନ୍ତୁ ଯୁବକ
ନୁହେଁ ମୁହିଁ ନାଗନାରୀ ଅଥବା କିନ୍ନରୀ
ନୁହେଁ ରମା ନୁହେଁ ମଧ୍ୟ ବିଷ୍ଣୁ ପାଟରାଣୀ,
ଦ୍ରୁପଦ ରାଜତନୟା ଯାଜ୍ଞସେନୀ ମୁହିଁ
ଯାହା ସ୍ୱାମୀ ତିନିପୁର ଜେତା
ତାଙ୍କ ଭୀରୁ ଭାର୍ଯ୍ୟା ପରି ଡରିବ କାହାକୁ ?
କରେ ଅନୁରୋଧ
ଡାକି ଆଣନ୍ତୁ ଏଠାକୁ ତବ ସଙ୍ଗୀ ବର୍ଗେ
ଆସି ଏଥେ କରନ୍ତୁ ବିଶ୍ରାମ ।
ଏକ୍ଷଣି ଆସିବେ ଫେରି ପାଣ୍ଡବେ ଏଠାକୁ
ଯଥୋଚିତ ଆତିଥ୍ୟରେ ହୋଇ ଆପ୍ୟାୟିତ
ହେବ ଅଗ୍ରସର ତବ ଗନ୍ତବ୍ୟ ପଥରେ ॥

ଦ୍ରୌପଦୀଙ୍କର ଏ ପ୍ରସ୍ତାବ କୋଟିକାସ୍ୟ ଜୟଦ୍ରଥଙ୍କୁ ଜଣାକଲେ । ପାଣ୍ଡବଙ୍କ ନାମ ଶୁଣି କ୍ରୁଦ୍ଧ ହେଲେ ଜୟଦ୍ରଥ । ଜାଗି ଉଠିଲା ପାପ ମନୋବୃତ୍ତି । ସେ ତତ୍‌କ୍ଷଣାତ ରଥରୁ ଲମ୍ଫ ପ୍ରଦାନ କରି ଦ୍ରୌପଦୀଙ୍କ ନିକଟରେ ଦଣ୍ଡାୟମାନ ହେଲେ । ତାଙ୍କୁ ବଳାତ୍କାରରେ ଅପହରଣ କରିବା ହେଲା ଅଭିପ୍ରାୟ ।

ଥିଲେ ଏତେ ରାଜପୁତ୍ର
କାମାନ୍ଧ ପାମରେ—
କାହା ମନେ ହେଲାନାହିଁ ଏଭାବ ଜାଗ୍ରତ
ପରସ୍ତ୍ରୀକୁ ଦୃଷ୍ଟିଦେବା ଅଟେ ମହାପାପ ॥
ବିବାହିତା ରମଣୀକୁ ବିବାହ ପ୍ରସ୍ତାବ—
ମହା ଘୃଣ୍ୟ ଅତିନୀଚ କଥା ।

ସେଠାରେ ନିଜର ପରିଚୟ ସହ ଅଶେଷ ପ୍ରୀତି ପ୍ରକାଶ କରିବା ସଙ୍ଗେ ସଙ୍ଗେ ପାଣ୍ଡବମାନଙ୍କର ଦୁର୍ବଳତା ପ୍ରକାଶ କରି କହିଲେ:

ହେ ସୁଶ୍ରୋଣୀ
ଅନୁସରି ଶ୍ରୀହୀନ ପାଣ୍ଡବେ
କେତେକାଳ ଅରଣ୍ୟରେ କରିବ ଭ୍ରମଣ
ଅମରେନ୍ଦ୍ର ଅଙ୍କ ଭୋଗ୍ୟା
ସୁଯୋଗ୍ୟ ସୁନ୍ଦରୀ ପକ୍ଷେ
ହତରାଜ୍ୟ ହୀନଦଶାଗ୍ରସ୍ତ
ଉଗ୍ରଚିର କାପୁରୁଷ, ଅରଣ୍ୟ ନିବାସୀ
ଅଟନ୍ତି କିଞ୍ଚିତରେ ପତିପାଇଁ ଯୋଗ୍ୟ
ଏପରି ବନେ ଏକାକୀ ନଯାପି ଜୀବନ ।
ଆସ ମୋହ ସଙ୍ଗେ,
ହୋଇ ମୋର ପାଟରାଣୀ
କର ହେ ବିରାଜମାନ ମୋର ଅନ୍ତଃପୁରେ ॥

ପ୍ରଥମରେ ପତିନିନ୍ଦା, ସେଥିସଙ୍ଗେ ଜଘନ୍ୟ ପ୍ରସ୍ତାବ ଅସହ୍ୟ ହେଲା ଦେବୀଙ୍କର କ୍ରୋଧ ଓ ଘୃଣାରେ ଭ୍ରୂକୁଟି କୁଟିଳ କରି କହିଲେ:—

ରେ ପାମର ହୀନବୁଦ୍ଧି
ରାଜକୁଳେ ହୋଇ ଜନ୍ମ
ଶ୍ୱାନ ସମ କରୁଥାଉ ଚେଷ୍ଟା ॥
ନୀଚ ଶଠ
ହାରି ତୁହି ହିତାହିତ ଜ୍ଞାନ
କେଶରୀକୁ ପଦାଘାତ କରିବାକୁ ଚେଷ୍ଟା
ସାବଧାନ !
ଆରେ ହୀନମତି
ଦୂର ହୁଅ, ଦୂର ହୁଅ ସତ୍ୱର ତୁ ଏହି ସ୍ଥାନ ଛାଡ଼ି
ଆସିଲେ ପାଣ୍ଡବେ ଏଥେ
ହରାଇବୁ ପାମର ତୋ' ଦୁର୍ବଳ ଜୀବନ ।

ଦ୍ରୌପଦୀଙ୍କର କଟୁ ତାଚ୍ଛଲ୍ୟୋକ୍ତି ଜୟଦ୍ରଥର ଅସହ୍ୟ ହେଲା । କ୍ରୋଧରେ ଅଧୀର ହେବା ଯୋଗୁଁ ପରିଣାମ ଚିନ୍ତା କରିବାର ଅବକାଶ ରହିଲା ନାହିଁ । ବଳାତ୍‌କାର ପୂର୍ବକ ଦ୍ରୌପଦୀଙ୍କୁ ଟାଣିନେଇ ନିଜ ରଥରେ ବସାଇ ଚାଲିଯିବା ବେଳେ କହିଲା ଦେଖିବି କେତେ ବିକ୍ରମୀ ପାଣ୍ଡବେ ତୁମରି । ଦୁଃଖ କ୍ରୋଧ ମ୍ରିୟମାଣା ଦ୍ରୌପଦୀ କାନ୍ଦି କାନ୍ଦି ଜୟଦ୍ରଥ ରଥରେ ଗଲେ । ଚିତ୍କାର କରି ଧୌମ୍ୟ ପୁରୋହିତ ଓ ଅନ୍ୟମାନେ ତାଙ୍କର ଅନୁଗମନ କଲେ । ଅତ୍ୟନ୍ତ ବିଷଣ୍ଣମନା ଦ୍ରୌପଦୀ ।

ମନେ ମନେ ଲଗାଇଲେ ଲୟ
ସର୍ବ ଦୁଃଖ ବିନାଶକ ନାରାୟଣ ପଦେ ।।
କହିଲେ ବିକଳେ—
ଏତେ ଦୁଃଖ ସହି ମଧ୍ୟ ପ୍ରଭୁ
ଶେଷ ହୋଇ ନଥିଲାକି ଦୁଃଖ ଶୋକଭାର
ସତେ ପ୍ରଭୁ ଅନ୍ତର୍ଯାମୀ
ଏତେ ଦୁଃଖ ଅପମାନ ପୁଣି
ଲେଖିଥିଲ ଏ ଦୀନା କପାଳେ ?

ଏଣେ ମୃଗୟାରେ ରତ ଧର୍ମରାଜ
ବହୁ ଅଶୁଭ ଶକୁନ ବିଲୋକନ କରନ୍ତେ
ଆଶଙ୍କାରେ ବିହ୍ୱଳିତ ହେଲେ । ମନେ ମନେ
କଲେ ଉପଲବ୍ଧି—
ନିଶ୍ଚୟ ଆଶ୍ରମବାସୀ ପଡିଛି ବିପଦେ ।।
ଏଣୁ ଫେରିଲେ ପର୍ଣ୍ଣକୁଟୀରେ
ସଙ୍ଗତରେ ଘେନି ଭ୍ରାତାଗଣ ।।
ପାଇ ବିଷମ ସମ୍ବାଦ,
ତତ୍କ୍ଷଣାତ୍ ହେଲେ ଧାବମାନ;
ଧରିବାକୁ ଅତିଶୀଘ୍ର ମହାଦୁଷ୍ଟ ସିନ୍ଧୁନରପତି ।।
ଭେଟିଲେ ଦୁଷ୍ଟକୁ କରି ଭୀଷଣ ସମର,
ଯାଜ୍ଞସେନୀକୁ ସେଠାରୁ ଆଣିଲେ ଛଡାଇ ।।
ଫେରିବା ସମୟେ ଭୀମଙ୍କୁ ସେ ଦେଲେ ଉପଦେଶ
ନମାରିବାକୁ ଜୀବନେ ସିନ୍ଧୁରାଜସୁତେ ।।
କିନ୍ତୁ ଅପମାନ ଜର୍ଜରିତା ଦେବୀ ଯାଜ୍ଞସେନୀ
ଭୀମଙ୍କୁ କହିଥିଲେ—ସବଂଶେ ବିନାଶିବାକୁ
ଦୁଷ୍ଟ ଜୟଦ୍ରଥେ । ଭୀମାର୍ଜ୍ଜୁନ ଭୀଷଣ ସମରେ
ଜୟଦ୍ରଥକୁ ପରାସ୍ତକଲେ । ଭୀମସେନ
ସୁମରି ଦ୍ରୌପଦୀ କଥା
ଛେଦିବାକୁ ଶିରତାର ହୁଅନ୍ତେ ଉଦ୍ୟତ—
ଧର୍ମରାଜ ଉପଦେଶ ସୂଚାଇ ଦେଇ ସବ୍ୟସାଚୀ
ଭୀମସେନଙ୍କୁ ବାରଣ କଲେ । ଆଉ ସୁରଥ—
ରାଜାର ସେହି ଅସମର୍ଥ ପୁତ୍ରେ
ନିବିଡେ କରି ବନ୍ଧନ ନିଜରଥ ଉପେ
ଭେଟାଇଲେ ଆଣିତାକୁ ଧର୍ମରାଜ ପାଶେ ।।
ମାନିସବ୍ୟସାଚୀ ଉପଦେଶ
ପଶିଲା ଯାଇ ଶରଣ ଧର୍ମରାଜ ପଦେ
ନିମିଷକ ପୂର୍ବେ
ମହା ବୀର ବୋଲାଉଥିବା ସିନ୍ଧୁରାଜ ସୁତ—
କରିଲା ଜୀବନ ଭିକ୍ଷା ଯୁଧିଷ୍ଠିର ପଦେ ।।

କରୁଥିଲେ ବାରଣ ସମସ୍ତେ—
କିନ୍ତୁ ଦୟାମୟ ପ୍ରଭୁଧର୍ମରାଜ
ନିମିଷେ ସେ ପାମରକୁ କରିଦେଲେ କ୍ଷମା ।।
ଭୀମସେନ ବାରମ୍ବାର କହୁଥିଲେ ଏହା—
ପ୍ରାଣଦଣ୍ଡ ଉପଯୁକ୍ତ ହେବ ଏ ଦୁଷ୍ଟର ।
କ୍ରୋଧ, ଖେଦ, ଅପମାନ ଜର୍ଜ୍ଜରିତା
ଦେବୀ ଯାଜ୍ଞସେନୀ
ପ୍ରାଣଦଣ୍ଡ ଦେବାପାଇଁ କଲେ ଅନୁରୋଧ ।
ନିରୁତ୍ତର ବୀର ସବ୍ୟସାଚୀ ।
ଯେ ଯାହା କହୁ ପଛକେ ଧର୍ମରାଜ ଅଟଳ ଅଟଳ
ବାଢିଲେ ଏଯୁକ୍ତି—
ଜୟଦ୍ରଥ ମଲେ ହେବ ଭଗିନୀ ବିଧବା ।।
ଦୁଃଶୀଳା ବୈଧବ୍ୟ ଦୁଃଖ ହୋଇବ ଅସହ୍ୟ
କିନ୍ତୁ ଶାସ୍ତ୍ରଙ୍କର ମତ—
ଯେ କେହି ହେଉ ସେ ବ୍ୟକ୍ତି
ଦୋଷୀ ପକ୍ଷେ ଦଣ୍ଡ ଅଟେ ବିଧିଗତ ପନ୍ଥା ।।
ଯେଉଁ ଭୟଙ୍କର ଦୋଷେ ଦୋଷୀ ଜୟଦ୍ରଥ
ପ୍ରାଣ ଦଣ୍ଡ ହେବ ତାର ସମୁଚିତ ଶାସ୍ତି ।।
ଚେତାଇ ଦେଲେ ନକୁଳ—
ଏହି ବିଧି ହେଲେ ବ୍ୟତିକ୍ରମ
ପରିଣାମ ହେବ ଭୟଙ୍କର ।
ଅନୁକମ୍ପା ଏହି କ୍ଷେତ୍ରେ ହେବ ଦୁର୍ବଳତା ।।
କହିଲେ ମନ୍ତ୍ରୀପ୍ରବର ବୀର ସହଦେବ ।
ଦୁଗ୍ଧ ଦେଇ ପାଳିଲେ ସର୍ପକୁ
ବିଷଭିନ୍ନ ଆଉକିଛି ପାରେକି ଉଦ୍‌ଗାରି ?
ଜଳ ଭିନ୍ନେ ଦେଲେ ମଧ୍ୟ କର୍ପୂରର ଚୂର୍ଣ୍ଣ
ପଲାଣ୍ଡୁକି କେଉଁ ଯୁଗେ ହେବ ସୁବାସିତ ?

ଏତିକି ବାରଣ ସତ୍ତ୍ୱେ ସେହିଦିନ ଧର୍ମରାଜ କରୁଥିଲେ ଚିନ୍ତା

ଦୁଃଶୀଳାର ବୈଧବ୍ୟ କଷଣ ।।
ଅନୁକମ୍ପାଶୀଳ ଧର୍ମରାଜ
ସାଧାରଣ ନୀତି ପ୍ରତି କଲେ କି ଭ୍ରୂକ୍ଷେପ
କିନ୍ତୁ ଆଜି ସୁମରି ସେ କଥା ମନକୁମନ ପଚାରିଲେ
ଏହି ପ୍ରଶ୍ନ—ସେ ଦିନ ଯେ କଲେ ଆଚରଣ
ଥିଲା ତାହା ଅନୁକମ୍ପା ଅବା ଦୁର୍ବଳତା
ସବୁରି ମନରେ ଆଜି ସେହି ମହାପ୍ରଶ୍ନ
ସେଦିନ ଧର୍ମରାଜଙ୍କ ଯାହା ଆଚରଣ
ଥିଲା ତାହା ଅନୁକମ୍ପା—ଅବା—ଦୁର୍ବଳତା ।।

ନିର୍ଦ୍ଦେଶକ, ସୂଚନା ଓ ଲୋକସଂପର୍କ ବିଭାଗ
ଭୁବନେଶ୍ୱର

# ପୋଡୁ ଚାଷ

ଶ୍ରୀ ବିଜୟକେତନ ପଟ୍ଟନାୟକ

ଜଙ୍ଗଲ ସଂରକ୍ଷଣ ନିମନ୍ତେ ପ୍ରଧାନ ସମସ୍ୟା ହେଉଛି, ପୋଡୁଚାଷ । ଆଦିବାସୀମାନେ ପ୍ରତିବର୍ଷ ବହୁ ପରିମାଣରେ ଜଙ୍ଗଲ କାଟି ଓ ପୋଡ଼ି ଚାଷ କରନ୍ତି । ଗୋଟିଏ ଜମିରେ ଦୁଇ ବା ତିନିବର୍ଷ ଚାଷ କରିବା ପରେ, ତା'ର ଉତ୍ପାଦିକା ଶକ୍ତି କମିଗଲେ ସେ ସ୍ଥାନ ଛାଡ଼ି ଅନ୍ୟ ଗୋଟିଏ ଜଙ୍ଗଲକୁ ଚାଲିଯା'ନ୍ତି ଓ ତାକୁ କାଟି ସେଠାରେ ପୁଣି ଚାଷ କରନ୍ତି । ଓଡ଼ିଶାର ମୋଟ ଆୟତନର ପାଞ୍ଚଭାଗରୁ ଭାଗେ ବା ୧୨,୦୦୦ ବର୍ଗ ମାଇଲ ଜମିରେ ପୋଡୁଚାଷ କରାହେଉଛି ଏବଂ ପ୍ରାୟ ପନ୍ଦର ଲକ୍ଷ ଆଦିବାସୀ ପୋଡୁଚାଷ କରି ଚଳନ୍ତି ବୋଲି ଜଣାଯାଏ ।

ଓଡ଼ିଶାର ଫୁଲବାଣୀ, ଗଞ୍ଜାମ, କୋରାପୁଟ, କେଉଁଝର ଓ ସୁନ୍ଦରଗଡ଼ ଜିଲ୍ଲାମାନଙ୍କରେ ଏହି ପ୍ରଥା ବହୁଳ ପରିମାଣରେ ପରିଲକ୍ଷିତ ହୁଏ । ଏହି ପ୍ରଥା ଅନୁଯାୟୀ ଗାଁରେ ଗୋଟିଏ ସଭା ଡକାଯାଇ ପ୍ରଥମେ ସ୍ଥାନ ନିରୂପଣ କରାଯାଏ । ସାଧାରଣତଃ ପାହାଡ଼ର ଗଡ଼ାଣିଆ, ଢାଲୁ ଅଞ୍ଚଳରେ ସେମାନେ ସ୍ଥାନ ଠିକ୍ କରିଥାନ୍ତି । ଜାନୁଆରୀଠାରୁ ମାର୍ଚ୍ଚ ମାସ ଭିତରେ ଏହି ଜାଗାରୁ ସମସ୍ତ ଗଛ ଲତା କଟାଯାଇ ଜମି ଉପରେ ପକେଇ ଦିଆଯାଏ । କଟା ଯାଇଥିବା ଡାଳ ଓ ଗଛ ଗୁଡ଼ିକ ଖରାଦିନଯାକ ଶୁଖେ । ତା'ପରେ ବର୍ଷାଦିନ ପୂର୍ବରୁ କୌଣସି ଏକ ଶୁଭ ଦିନ ଦେଖି ଗାଁର ମୁଖିଆ ବା ପୁରୋହିତ ଏହି ଶୁଖିଲା ଡାଳପତ୍ରଗୁଡ଼ିକରେ ନିଆଁ ଲଗେଇ ଥାନ୍ତି ଓ ପିଲା ଛୁଆଠାରୁ ଆରମ୍ଭ କରି ବୁଢ଼ା ବୁଢ଼ୀ ପର୍ଯ୍ୟନ୍ତ ସମସ୍ତ ଗ୍ରାମବାସୀ ଏହି ନିଆଁ ଚାରିପଟେ ଆନନ୍ଦରେ ନାଚନ୍ତି । ସବୁ ଶୁଖିଲା ଡାଳପତ୍ର ଜଳିଗଲା ପରେ ପାଉଁଶକୁ ସମାନ ଭାବରେ ଜମିସାରା ବିଛେଇ ଦିଆଯାଏ । ହଳ କରିବା ପରିବର୍ତ୍ତେ ମାଟିକୁ କୋଦାଳରେ ଖୋଳି ସେମାନେ ଚାଷ କରନ୍ତି ଏବଂ ଅସରାଏ ବର୍ଷା ହୋଇଗଲା ପରେ ମଞ୍ଜି ବୁଣିଥାନ୍ତି । ଏହି ଜମିରେ ସେମାନେ ପାହାଡ଼ି ଧାନ, ମକା, କାନ୍ଦୁଲ ଇତ୍ୟାଦି ଚାଷ କରିଥାନ୍ତି । ଜମିଟିକୁ ସର୍ବସାଧାରଣ ସଂପତ୍ତି ଧରାଯାଏ । ତେଣୁ ପ୍ରତ୍ୟେକ କାର୍ଯ୍ୟରେ ସମସ୍ତେ ସହଯୋଗ କରିଥାନ୍ତି । ଏହିପରି ତିନି ବର୍ଷ ଖଣ୍ଡେ ଚାଷ କଲାପରେ, ଯେତେବେଳେ ଜମିରୁ ଉତ୍ପାଦନ ଯଥେଷ୍ଟ କମିଯାଏ, ସେତେବେଳେ ସେମାନେ ଅନ୍ୟ ଗୋଟିଏ ଜଙ୍ଗଲ କାଟି ସଫା କରିବାକୁ ନିର୍ଣ୍ଣୟ କରିଥାନ୍ତି ।

ଏହି ପୋଡୁଚାଷ ଦ୍ୱାରା ପ୍ରତିବର୍ଷ ହଜାର ହଜାର ଏକର ମୂଲ୍ୟବାନ ଜଙ୍ଗଲ ସଂପଦ ନଷ୍ଟ ହୋଇଥାଏ । କେବଳ ସେତିକି ନୁହେଁ, ପାହାଡ଼ର ଉପରିଭାଗ ଖୋଲା ହୋଇଯିବା ଦ୍ୱାରା ବର୍ଷା ଦିନେ ଅତ୍ୟଧିକ ପରିମାଣରେ ମୃତ୍ତିକା କ୍ଷୟ ଘଟି, ପାହାଡ଼କୁ ଟାଙ୍ଗର କରିଦେବା ସଙ୍ଗେ ସଙ୍ଗେ ନଈ, ନାଳର ଗର୍ଭ ପୋତି ପକାଏ ଓ ଅତ୍ୟଧିକ ବନ୍ୟାର କାରଣ ହୁଏ । ପାହାଡ଼ରୁ ବାହାରିଥିବା ଝରଣାଗୁଡ଼ିକ ମଧ୍ୟ କାଳକ୍ରମେ ଶୁଖିଯାଏ । ଏହି ପୋଡୁଚାଷ ବେଆଇନ ହୋଇଥିଲେ ମଧ୍ୟ ଏବଂ ଏହା ଦ୍ୱାରା ବହୁ ମୂଲ୍ୟବାନ ଜଙ୍ଗଲ ସଂପଦ ନଷ୍ଟ ହେଉଥିଲେ ମଧ୍ୟ, ଏହାକୁ ବାଧ୍ୟବାଧକତା କରି ବା କେବଳ ଆଇନ ପ୍ରଣୟନ କରି ବନ୍ଦ କରାଯାଇ ପାରିବ ନାହିଁ କାରଣ ପୋଡୁଚାଷ ଆଦିବାସୀମାନଙ୍କର ଜୀବନ ଯାପନ ପ୍ରଣାଳୀର ଏକ ଅବିଚ୍ଛେଦ୍ୟ ଅଂଶ କହିଲେ ଚଳେ । ଏହି ସମସ୍ୟା ଏକ ସାମାଜିକ ସମସ୍ୟା । ତେଣୁ କେବଳ ସେମାନଙ୍କୁ ବୁଝେଇ ସୁଝେଇ ବା ଏହି ପୋଡୁଚାଷ-ପରିତ୍ୟକ୍ତ ଜମି ଅନ୍ୟ ଭାବେ ବିନିଯୋଗ କରିବା ବିଷୟ ଚିନ୍ତା କରି ଏହାର ପ୍ରତିକାର କରାଯାଇପାରେ ।

ପ୍ରଥମେ ଦେଖାଯାଉ, ଆଦିବାସୀମାନେ ଦୁଇ ତିନି ବର୍ଷ ପରେ ଗୋଟିଏ ଜାଗା ଛାଡ଼ି ଅନ୍ୟ ଗୋଟିଏ ଜାଗାକୁ ଚାଲିଯିବାର କାରଣ କ'ଣ ? କାରଣ ହେଲା, ଜମିର ନିଜସ୍ୱ ଉତ୍ପାଦିକା ଶକ୍ତି ଥିବାରୁ ଏବଂ ଜଙ୍ଗଲ ପୋଡ଼ି ଜମିରେ ବିଛା ଯାଇଥିବା ପାଉଁଶ ଜୈବିକ ସାରର କାମ ଦେଉଥିବାରୁ ପ୍ରଥମ ବର୍ଷ ଖୁବ୍ ଭଲ ଫସଲ ହୋଇଥାଏ । ପାହାଡ଼ର ଢାଲୁ ଓ ଗଡ଼ାଣିଆ ଅଞ୍ଚଳରେ ଏହି ଜମି ଥିବାରୁ କ୍ରମେ କ୍ରମେ ବର୍ଷାରେ ମାଟିର ଉପର ଅଂଶ ଧୋଇ ହୋଇଯାଏ । ଦ୍ୱିତୀୟତଃ ସେମାନେ ଖୋଳିକରି ଚାଷ କରୁଥିବାରୁ ଗଭୀରିଆ ଚାଷ କରିବା ମଧ୍ୟ ସଂଭବ ହୁଏ ନାହିଁ । ତେଣୁ ପରବର୍ଷକୁ ଉତ୍ପାଦନ ଯଥେଷ୍ଟ କମିଯାଏ ।

ତୃତୀୟ ବର୍ଷକୁ ସେମାନଙ୍କର ପରିଶ୍ରମ ତୁଳନାରେ ଆଦୌ ଫସଲ ମିଳେ ନାହିଁ । ତେଣୁ ଅନ୍ୟ ଗୋଟିଏ ଜଙ୍ଗଲର ସନ୍ଧାନରେ ସେମାନେ ବୁଲିଯାଆନ୍ତି । ଏହାର ନିରାକରଣ ପାଇଁ ଜଙ୍ଗଲର ଉପକଣ୍ଠରେ ସାମାନ୍ୟ ସମତଳ ଜାଗା ଦେଖି ସେମାନଙ୍କୁ ଚାଷ କରିବା ପାଇଁ ପ୍ରବର୍ତ୍ତାଇବା ସଙ୍ଗେ ସଙ୍ଗେ, ଗହୀରିଆ ଭାବରେ ଚାଷ କରିବା ପାଇଁ ଆବଶ୍ୟକୀୟ ଉପକରଣ ମଧ୍ୟ ସେମାନଙ୍କୁ ଯୋଗାଇ-ଦିଆଯିବା ଦରକାର । ପ୍ରତିବର୍ଷ ଚାଷ କରିବା ପୂର୍ବରୁ ଜମିରେ ଦେବା ପାଇଁ ରାସାୟନିକ ସାର ଓ ଉନ୍ନତ ବିହନ ସେମାନଙ୍କୁ ସୁବିଧାରେ ମିଳିବା ଆବଶ୍ୟକ । ଏତଦ୍ ବ୍ୟତୀତ ଜମିର ଉପର ମୁଣ୍ଡରେ ବନ୍ଧ କରି ପାହାଡ଼ରୁ ଗଡ଼ିଆସୁଥିବା ବର୍ଷା ପାଣିକୁ ଅଟକାଇ ରଖି, ଆବଶ୍ୟକ ବେଳେ ଜଳସେଚନର ସୁବିଧା କରାଯାଇ ପାରିଲେ ସବୁବର୍ଷ ସମାନ ପରିମାଣରେ ଫସଲ ସେମାନଙ୍କୁ ସେହି ଜମିରୁ ମିଳନ୍ତା ଓ ସେମାନେ ଅନ୍ୟସ୍ଥାନକୁ ଯିବାକୁ ଆଗ୍ରହ ପ୍ରକାଶ କରନ୍ତେ ନାହିଁ ।

ଦ୍ୱିତୀୟ ଉପାୟ ହେଲା, ଏହି ପୋଡୁଚାଷ ସହିତ ସମାନ୍ତରାଳ ଭାବେ ଟଙ୍ଗୟା (Tanguya System) ପ୍ରଥାର ପ୍ରଚଳନ । ଉତ୍ତର ପ୍ରଦେଶର ଗୋରଖପୁର ଓ ପଶ୍ଚିମବଙ୍ଗର ସୁଖ୍ନା ଅଞ୍ଚଳରେ ଏହା ପରୀକ୍ଷା କରାଯାଇ ବେଶ୍ ଫଳପ୍ରଦ ହୋଇଅଛି । ଏହି ପଦ୍ଧତି ଅନୁସାରେ କଂଟ୍ରାକ୍ଟର କୁପ୍ କାମ ସାରିଲା ପରେ, କେବଳ ବଡ଼ ବଡ଼ ଗଛଗୁଡ଼ିକ ନେଇଯାଇ ଡାଳପତ୍ର ସବୁ ସେମିତି ଛାଡ଼ି ଦେଇ-ଯିବ । ତା'ପରେ ଏହି ଜମିକୁ ଜଙ୍ଗଲ ବିଭାଗ ତରଫରୁ ଗୋଟିଏ ଆଦିବାସୀ ଦଳକୁ ଦିଆଯିବ । ସେମାନେ ଶୁଖିଲା ଡାଳପତ୍ରରୁ କିଛି ନିଜର ଜାଳେଣି ପାଇଁ ରଖି ବାକିତକ ସେଇଠି ନିଆଁ ଲଗେଇଦେବେ । ପ୍ରଥମ ବର୍ଷ ସେମାନେ ଧାନ ହେଉ ବା ବାଇଗଣ ହେଉ, କେବଳ ନିଜ ପାଇଁ ଚାଷ କରିବେ । ଦ୍ୱିତୀୟ ବର୍ଷକୁ ଆବଶ୍ୟକୀୟ ବ୍ୟବଧାନରେ (୧୨ ଫୁଟ ବା ୧୮ ଫୁଟ) ସିଆର କରି, ସେଥିରେ ସାଗୁଆନ୍ କିମ୍ବା ଅନ୍ୟ କୌଣସି ଜଙ୍ଗଲ ଗଛ ଯାହା ଜଙ୍ଗଲ ବିଭାଗ ତରଫରୁ ଯୋଗେଇ ଦିଆଯିବ, ତାହା ଲଗେଇବେ ଓ ଦୁଇଟି ସିଆର ମଝିରେ ଥିବା ଜାଗାରେ ସେମାନଙ୍କର ନିଜର ଚାଷ କରିବେ । ଜଙ୍ଗଲ ଗଛଗୁଡ଼ିକର ରକ୍ଷଣାବେକ୍ଷଣ ଓ ମରିଗଲେ ଅନ୍ୟ ଚାରା ଆଣି ଲଗେଇବାର ଦାୟିତ୍ୱ ସେମାନଙ୍କର । ତୃତୀୟ ବର୍ଷକୁ ଧାନ ପରିବର୍ତ୍ତେ କାନ୍ଦୁଲ କିମ୍ବା ମକା ଚାଷ ଅଧିକ ଫଳପ୍ରଦ । ଏହି ସମୟରେ ଜଙ୍ଗଲ ଗଛ-ଗୁଡ଼ିକ ହାରାହାରି ତିନିଫୁଟରୁ ପାଞ୍ଚଫୁଟ୍ ହୋଇ ଯାଇଥିବ । ଚତୁର୍ଥ, ପଞ୍ଚମ ବର୍ଷକୁ ସେମାନଙ୍କୁ ନୂଆ କରି ଅନ୍ୟ ଗୋଟିଏ ଜାଗା ଚାଷ କରିବାକୁ ଦିଆଗଲେ ମଧ୍ୟ ପୁରୁଣା ଜାଗାରେ ଥିବା ଗଛଗୁଡ଼ିକର ରକ୍ଷଣାବେକ୍ଷଣ ଦାୟିତ୍ୱ ସେମାନଙ୍କର । ଏହି ସମୟରେ ମଧ୍ୟ ସେମାନେ ପୁରୁଣା ଜାଗାଟିରେ ହଳଦୀ ଇତ୍ୟାଦି ଚାଷ କରିଥାନ୍ତି ; କାରଣ ଏଗୁଡ଼ିକ ଜଙ୍ଗଲ ଗଛର ଛାଇରେ ମଧ୍ୟ ବଢ଼ି ପାରିବ । 'ଟଙ୍ଗୟା' ପଦ୍ଧତି ପ୍ରଚଳନ ଫଳରେ ଆଦିବାସୀ-ମାନଙ୍କର ପୋଡୁଚାଷ ପ୍ରଥା ଅବ୍ୟାହତ ରହିବା ସଙ୍ଗେ ସଙ୍ଗେ ବିନା ଖର୍ଚ୍ଚରେ ପ୍ରତି ବର୍ଷ ଶହ ଶହ ଏକର ଫଳପ୍ରଦ 'ପ୍ଲାଣ୍ଟେସନ୍' ମଧ୍ୟ ଉଠୁରି ଯାଇପାରିବ ।

ଏ. ଡବ୍ଲ୍ୟୁ. ପି. ଓ୍ୱ
କ୍ୟାରପ୍ ଡି. ଏଫ୍. ଓ., ବାରିପଦା ଡିଭିଜନ
ବାରିପଦା, ମୟୂରଭଞ୍ଜ ।

## ଜିଅନ୍ତା ଫଳଗଛ କାଟିବା ନିଷିଦ୍ଧ ହେଲା

ଜିଅନ୍ତା ଫଳଗଛଗୁଡ଼ିକୁ ନିର୍ବିଚାରରେ କାଟି ନଷ୍ଟ କରାଯାଉଥିବା ଯୋଗୁ କୃଷି ଓ ଶିଳ୍ପ ସମ୍ପଦର ଉତ୍ପାଦନ ହ୍ରାସ ହେବା ଆଶଙ୍କା କରି ରାଜ୍ୟ ସରକାର ୧୯୭୨ ମସିହା ଜଙ୍ଗଲ ଆଇନର ୪୨ ଧାରା ଅନୁଯାୟୀ କେତେକ କିସମର ଜିଅନ୍ତା ଫଳଗଛ କାଟିବାକୁ ନିଷେଧ କରି ଜୁନମାସ ୧୩ ତାରିଖ ଦିନ ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି ।

ଏହି ବିଜ୍ଞପ୍ତିରେ ପ୍ରକାଶ ପାଇଛି ଯେ ଜିଅନ୍ତା ଆମ୍ବ, ପଣସ, ମହୁଲ, କୁସୁମ, କେନ୍ଦୁ, ଚାର ଓ ଅସନ ଗଛ ବିଜ୍ଞପ୍ତି ପ୍ରକାଶିତ ହେବା ଦିନଠାରୁ କେହି କାଟି ପାରିବେ ନାହିଁ । କିନ୍ତୁ ପ୍ରକୃତ ଆବଶ୍ୟକତା ସମୟରେ ଯଥା—ବିବାହ; ଶବ ସଂସ୍କାର ଓ ପ୍ରାକୃତିକ ବିପର୍ଯ୍ୟୟ ତଥା ଅନ୍ୟାନ୍ୟ ଜରୁରୀ ପରିସ୍ଥିତି ଘଟିଲେ ଉକ୍ତ ଗ୍ରାମଠାରୁ ୫ କିଲୋମିଟର ପରିସର ମଧ୍ୟରେ ବସବାସ କରୁଥିବା ବନବିଭାଗ ଅଫିସରଙ୍କଠାରୁ ଲିଖିତ ଆଦେଶ ନେଇ ଏହିପ୍ରକାର ଗଛ କାଟି ପାରିବେ । ଯେଉଁ ଗ୍ରାମର ୫ କିଲୋମିଟର ପରିସର ମଧ୍ୟରେ ବନ ବିଭାଗ ଅଫିସର ନଥିବେ, ସେପରିସ୍ଥଳେ ସ୍ଥାନୀୟ ସରପଞ୍ଚ, ମୁନିସିପାଲିଟି କିମ୍ବା ବିଜ୍ଞାପିତ ଅଞ୍ଚଳ ନଗରପାଳଙ୍କଠାରୁ ଲିଖିତ ଆଦେଶ ନେଇ ଗଛ କାଟି ପାରିବେ ।

ଏହି ନିଷିଦ୍ଧ ଆଦେଶର ବିରୁଦ୍ଧାଚରଣ କରି କୌଣସି ଲୋକ ଉକ୍ତ ଫଳଗଛ କାଟିଲେ, ସେ ଓଡ଼ିଶା ଜଙ୍ଗଲ ଆଇନର ୮୩ ଧାରା ଅନୁଯାୟୀ ୨ ମାସ ପର୍ଯ୍ୟନ୍ତ ଜେଲ ବା ଏକ ହଜାର ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

# ଆନ୍ତର୍ଜାତୀୟ ଶିଶୁବର୍ଷରେ
# ଆମର ଚିନ୍ତା ଓ ଚେତନା

ଶ୍ରୀ ରମେଶ ପତ୍ରୀ

ଘର ଆଗରେ ଶିଶୁମାନେ ଯେତେବେଳେ ଖେଳୁଥାନ୍ତି ସେମାନଙ୍କୁ ଦେଖିଲେ ମନରେ ଅପାର ଆନନ୍ଦ ଜାତ ହୁଏ । ସେମାନଙ୍କ ଗୋଲାପୀ ହସ ଭିତରେ ଏ ଦୁନିଆଟା ହସେ । ଶିଶୁ ହେଉଛି ବାଳ ଭଗବାନ, ଅମୃତ ରାଜ୍ୟର ଅଧିକାରୀ ସିଏ । ତେଣୁ ଯୀଶୁଖ୍ରୀଷ୍ଟ କହନ୍ତି,"ଶିଶୁମାନେ ହେଉଛନ୍ତି ସ୍ୱର୍ଗ ରାଜ୍ୟର ଅଧିକାରୀ, ସେମାନଙ୍କୁ ମୋ ପାଖକୁ ଆସିବାକୁ ଦିଅ ।"

କିନ୍ତୁ ଏ ଦିବ୍ୟଗୁଣ ସଂପନ୍ନ ଶିଶୁ ଯେତେବେଳେ ପୃଥିବୀରେ ପାଦ ପକାଏ, କ୍ରମଶଃ ସେ ଶ୍ୱାସରୁଦ୍ଧ ହୋଇ ପଡ଼େ । ସେ ଅମୃତ ଖୋଜେ କିନ୍ତୁ ସତରେ କ'ଣ ଅମୃତର ଅଧିକାରୀ ହୋଇପାରେ ? ପୃଥିବୀର ବିଷାକ୍ତ ପରିବେଶ ତାକୁ ଦେବତା ହୋଇ ବଞ୍ଚିବାକୁ ଦିଏ ନା । ଏଠି ସେ ଡେଭିଲ୍‌ରେ ପରିଣତ ହୋଇଯାଏ ।

ପିଲାଦିନେ ଶୁଣିଥିବା କାହାଣୀଟିଏ ଏବେବି ମୋର ମନେପଡ଼େ । ଥରେ ଜଣେ ଚିତ୍ରକର ଦୁଇଟି ଚିତ୍ର କରିବା ପାଇଁ ବରାଦ ପାଇଲେ । ଗୋଟିଏ ହେଉଛି ଦେବୋପମ ଶିଶୁ ଏବଂ ଅନ୍ୟଟି ହେଉଛି ଡେଭିଲ୍‌ର ଚିତ୍ର । ଚିତ୍ରକର ଗୋଟିଏ ଶିଶୁକୁ ପାଖରେ ବସାଇ ତା' ଚିତ୍ରଟି ଆଙ୍କିଲେ । ଚିତ୍ରଟି ବେଶ୍ ସୁନ୍ଦର ହେଲା । ସେଭିତରେ ଦୁନିଆର ସବୁକିଛି ଆନନ୍ଦ ଓ ସୌନ୍ଦର୍ଯ୍ୟ ଭରି ରହିଥିଲା । ତେବେ ଡେଭିଲର ଚିତ୍ର କିପରି ଆଙ୍କିବେ, ଏଥିପାଇଁ ସେ ଚିନ୍ତାରେ ପଡ଼ିଲେ । ଦେଖୁ ଦେଖୁ ବହୁ ବର୍ଷ ହୋଇଗଲା କିନ୍ତୁ ଚିତ୍ରଟି ଅସଂପୂର୍ଣ୍ଣ ହୋଇ ରହିଲା । ଠିକ୍ କୋଡ଼ିଏ ବର୍ଷ ପରେ ଦିନେ ହଠାତ୍ ସେ ଜଣେ ମଦ୍ୟପକୁ ଭେଟିଲେ । ମଦ୍ୟପଟି ବଡ଼ ଭୟଙ୍କର ଦେଖା ଯାଉଥିଲା । ସେ ଅଶ୍ଳୀଳ ଭାଷାରେ ଗୀତ ଗାଉଥିଲା । ତାକୁ ଦେଖି ଚିତ୍ରକର ବହୁତ ଖୁସି ହୋଇଗଲେ । ଦୀର୍ଘ କୋଡ଼ିଏ ବର୍ଷ ଧରି ସେ ଏଭଳି ଜଣେ ଲୋକକୁ ଖୋଜୁଥିଲେ । ଯାହାକୁ ଦେଖି ସେ ଡେଭିଲ୍‌ର ଚିତ୍ରଟି ଆଙ୍କିବେ । ତେଣୁ ସେ ମଦ୍ୟପକୁ ଲୋଭ ଦେଖାଇ ଘରକୁ ନେଇ ଆସିଲେ । ତାକୁ ଗୋଟିଏ ଚେୟାରରେ ବସାଇ ତା' ଚିତ୍ରଟି ଆଙ୍କିବାରେ ଲାଗିଲେ । ଠିକ୍ ଏତିକିବେଳେ ମଦ୍ୟପର ଆଖି ପଡ଼ିଗଲା କାନ୍ଥରେ ଝୁଲୁଥିବା ଦେବୋପମ ଶିଶୁର ଚିତ୍ରଟି ଉପରେ । ଚିତ୍ରଟି ଦେଖି ତା ଆଖିରୁ ଦୁଇଧାର ଲୁହ ଗଡ଼ି ଆସିଲା । ଏହାଦେଖି ଚିତ୍ରକର ଆଶ୍ଚର୍ଯ୍ୟ ହୋଇଗଲେ । ମଦ୍ୟପ ତାକୁ କହିଲା—'ଏ ଚିତ୍ରଟି ମୋ ଚିତ୍ର ।'

'ତୁମ ଚିତ୍ର !' ଚିତ୍ରକର ପଚାରିଲେ ?

ମଦ୍ୟପ କହିଲା—ହଁ, ଚିତ୍ରଟି ମୋର । ଆଜିକୁ ଠିକ୍ କୋଡ଼ିଏ ବର୍ଷ ତଳେ ତୁମେ ମୋତେ ପାଖରେ ବସାଇ ଏ ଚିତ୍ରଟି ଆଙ୍କି ନଥିଲ ? କିନ୍ତୁ ଗତକାଲିର ସେହି ଦେବୋପମ ଶିଶୁ ମୁଁ ଆଜି ଡେଭିଲ୍ ହୋଇଯାଇଛି । ମୋ ଦେବତ୍ୱ ଏଠି ବଞ୍ଚି ରହି ପାରିଲା ନାହିଁ ।

ଉପରୋକ୍ତ ଦୃଷ୍ଟାନ୍ତଟି ବାସ୍ତବ । କାରଣ ଯେଉଁ ଶିଶୁମାନଙ୍କର ବିକଶିତ ପ୍ରତିଭାକୁ ନେଇ ଏ ପୃଥିବୀ ରଙ୍ଗିନ ହେବ, ସେମାନଙ୍କ ବିକାଶ ପାଇଁ ଆମେ କିଛି ଚିନ୍ତା କରୁଛୁକି ? ତେଣୁ ଏ ଅବହେଳାଜନିତ ତ୍ରୁଟି ପାଇଁ ଆଜିର ଶିଶୁ ଯଦି କାଲି ଡେଭିଲର ରୂପନିଏ ତେବେ ତାକୁ ଆମେ ଦୋଷ ଦେଇ ପାରିବା ନାହିଁ ।

ଆଜି ପୃଥିବୀର ପ୍ରାୟ ବହୁଦେଶରେ ଥିବା ଅବହେଳିତ ତଥା ଅଶିକ୍ଷିତ ଶିଶୁମାନଙ୍କ ବିଷୟରେ ଚିନ୍ତା କଲେ ମନରେ ଦୁଃଖ ଆସେ । ଜନ୍ମ ହେଲାକ୍ଷଣି ବହୁ ଦେଶରେ ଶିଶୁମାନେ ଅର୍ଥନୈତିକ ଦୁରବସ୍ଥା ଭିତରେ ପେଷି ହୋଇ ଯାନ୍ତି । ଦୂଷିତ ଖାଦ୍ୟ ଓ ପରିବେଶ ଭିତରେ ହଜାର ହଜାର ଶିଶୁ ମରନ୍ତି । ଅନ୍ୟାନ୍ୟ ଦେଶର କଥା ଛାଡ଼ି କେବଳ ଭାରତ କଥା ଆମେ ଯଦି ଚିନ୍ତା କରିବା ତେବେ କ୍ଷୋଭଜାତ ହେବା ସୁନିଶ୍ଚିତ । ଏଠି ଶତକଡ଼ା ଛ ଭାଗ ଶିଶୁ କୃଷି, କ୍ଷୁଦ୍ର ବ୍ୟବସାୟ ଅନୁଷ୍ଠାନ ଓ ଅନ୍ୟାନ୍ୟ ବହୁ ସଂସ୍ଥାରେ କଠିନ ପରିଶ୍ରମ କରନ୍ତି ଓ ଅଳ୍ପ ମଜୁରୀ ପାନ୍ତି । ଆଇନତଃ ଯଦିଓ ଶିଶୁମାନଙ୍କୁ ଶ୍ରମିକରୂପେ ନିଯୁକ୍ତ କରିବା ପାଇଁ ନିଷେଧ କରାଯାଇଛି ତଥାପି ପାରିବାରିକ ସ୍ଥିତି ପାଇଁ ଶିଶୁମାନେ ଅସ୍ୱାସ୍ଥ୍ୟକର ପରିବେଶ ଭିତରେ ଶ୍ରମିକର କାର୍ଯ୍ୟ ତୁଲାଇବା ପାଇଁ ବାଧ୍ୟ ହୁଅନ୍ତି । ସେମାନଙ୍କ ପ୍ରତି ବିଶେଷ ଦୃଷ୍ଟି ଦିଆଯାଇ ପାରେ ନାହିଁ ।

ଏହାତ ଭାରତ ଭଳି କେତେକ ଦେଶର ସମସ୍ୟା କିନ୍ତୁ ଇଂଲଣ୍ଡ ଆମେରିକା ଆଦି କେତେକ ପାଶ୍ଚାତ୍ୟ ଦେଶରେ ଶିଶୁମାନେ ଅର୍ଥନୈତିକ ଦୁଃସ୍ଥିତିରେ ନାହାନ୍ତି । ତଥାପି ବାପା ମାଆଙ୍କ ସ୍ନେହ ମମତାରୁ ବଞ୍ଚିତ ହୋଇ ସେମାନେ ଅସନ୍ତୁଷ୍ଟ ରହନ୍ତି । ସେ ଦେଶଗୁଡ଼ିକରେ ସ୍ୱାମୀ ଯଦି ଗୋଟିଏ ସହରରେ କାମ କରେ ତେବେ ସ୍ତ୍ରୀ ସ୍ୱାମୀ ଠାରୁ ହଜାରେ ଦୁଇ ହଜାର ମାଇଲ ଦୂରରେ ଥିବା ସହରରେ ରହି କାମ କରେ । ଶିଶୁର ଯତ୍ନ ନେବା ପାଇଁ ସେମାନଙ୍କୁ ସମୟ କିମ୍ବା ସୁବିଧା ମିଳେ ନାହିଁ । ଶିଶୁକୁ ସେମାନେ ନର୍ସରୀକୁ ପଠାଇ ଦିଅନ୍ତି । ସେଠି ସେ ବଢେ । ବାପା ମାଆଙ୍କ ସହିତ ତାର ସଂପର୍କ ଟେଲିଭିଜନ, ଟେଲି—ଫୋନ ମାଧ୍ୟମରେ ରହେ । ଫଳରେ ପାରିବାରିକ ପ୍ରେମ ଓ ସ୍ନେହରୁ ବଞ୍ଚିତ ହୋଇ ଶିଶୁ ଏକ ଅଜ୍ଞାତ ଅତୃପ୍ତି ଭିତରେ କାଳାତିପାତ କରେ । ପୃଥିବୀର ଜଣେ ବିଶିଷ୍ଟ ରାଜନୀତି ବିଶାରଦଙ୍କ ଭାଷାରେ, "ମାଆର ଚୁମ୍ବନ ଓ ବାପାର ଯତ୍ନରେ ଶିଶୁ ବ୍ୟକ୍ତିତ୍ୱର ବିକାଶ ହୁଏ ।" କିନ୍ତୁ ପାଶ୍ଚାତ୍ୟ ଜଗତର ଶିଶୁ କଣ ଏ ସୁଯୋଗ ପାଏ ? କହିବାକୁ ଗଲେ ମା'ର ହୃଦୟତ ଶିଶୁର ପ୍ରାରମ୍ଭିକ ପାଠଶାଳା । ପିତାମାତାଙ୍କ ପାଖରୁ ଶିଶୁକୁ ଦୂରେଇ ସେମାନଙ୍କୁ କୃତ୍ରିମ ସ୍ନେହ ମମତା ଦ୍ୱାରା ସୃଷ୍ଟି କିଆଯାଉଥିବା ନର୍ସରୀରେ ରଖି ଉପରକୁ ଉଠାଯାଇ ପାରେ । କିନ୍ତୁ ପିତା ମାତାଙ୍କ ପ୍ରାକୃତିକ ସ୍ନେହ ଅଭାବରେ ସେମାନଙ୍କ ଆଗାମୀ ଭବିଷ୍ୟତ ନିରାଶାବାଦ ଦର୍ଶନ ଭିତରେ ମ୍ରିୟମାଣ ହୋଇଯାଏ ପାଶ୍ଚାତ୍ୟ ଦେଶ ଗୁଡ଼ିକରେ ବୃଦ୍ଧି ପାଉଥିବା ନିରାଶବାଦର ବଡ କାରଣ ହେଲା ପାରିବାରିକ ସ୍ନେହ ଓ ଶ୍ରଦ୍ଧାର ଅଭାବ । ଏହି କାରଣରୁ ଆମେରିକାରେ ହିପ୍ପିଇଜମ୍ ବୃଦ୍ଧି ପାଉଛି; ପ୍ରତିବର୍ଷ ବହୁ ସଂଖ୍ୟାରେ ଲୋକେ ଆତ୍ମହତ୍ୟା କରୁଛନ୍ତି ।

ତେବେ ଏ ସବୁକୁ ଆଖି ଆଗରେ ରଖି ପୃଥିବୀ ସାରା ଶିଶୁ ମାନଙ୍କର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ସଂଯୁକ୍ତ ଜାତିସଂଘ ୧୯୭୯ ମସିହାକୁ "ଆନ୍ତର୍ଜାତୀୟ ଶିଶୁବର୍ଷ" ରୂପେ ଘୋଷଣା କରି ବିଶ୍ୱବାସୀଙ୍କ ପ୍ରଶଂସାଭାଜନ ହୋଇଛନ୍ତି ।

ଶୀର୍ଷକରେ ପ୍ରଦତ୍ତ ପ୍ରଥମ ଚିତ୍ରଟିକୁ ଆନ୍ତର୍ଜାତୀୟ ଶିଶୁ ବର୍ଷର ପ୍ରତୀକ ରୂପେ ନିର୍ଦ୍ଧାରିତ କରାଯାଇଛି । ଏଥିପାଇଁ ପୃଥିବୀର ୨୦ଟି ଦେଶରୁ ୧୭୦ଟି ନମୁନା ପଠାଯାଇଥିଲା । କିନ୍ତୁ ସେ ଭିତରୁ ଉପରୋକ୍ତ ପ୍ରଥମ ନମୁନାଟିକୁ ସ୍ୱୀକୃତି ଦିଆଯାଇଛି । ଏହାକୁ ଡେନମାର୍କର ଏରିକଡେରିକାଉ ଆଙ୍କିଥିଲେ । ପ୍ରତୀକଟିର ଭାବାର୍ଥ ବଡ ମହତ୍ୱପୂର୍ଣ୍ଣ । ଏଥିରେ ଶିଶୁମାନଙ୍କ ପ୍ରତି ବଡମାନଙ୍କର ସ୍ନେହ, ଆନ୍ତରିକତାର ଆଭାସ ଦିଆ ଯାଇଛି ।

ଶିଶୁ ବର୍ଷ ପାଳନ ପାଇଁ ସଂଯୁକ୍ତ ରାଷ୍ଟ୍ରସଂଘ ପକ୍ଷରୁ ଭାରତର ଶିଶୁମାନଙ୍କ ପାଇଁ ଏକଲକ୍ଷ ଡଲାର ସାହାଯ୍ୟ ଦିଆ ଯାଇଛି । ଭାରତ ସରକାର ଭାରତ ପକ୍ଷରୁ ମଧ୍ୟ ଗୋଟିଏ ପ୍ରତୀକ ନିର୍ଦ୍ଧାରିତ କରିଛନ୍ତି । ଏହା ହେଉଛି ଉପରୋକ୍ତ ଦ୍ୱିତୀୟ ଚିତ୍ରଟି । ଏ ଚିତ୍ରଟିରେ ସୂର୍ଯ୍ୟ, ଗୋଟିଏ ଝିଅ ଓ ପୁଅର ଚିତ୍ର ଏକ ସ୍ଲେଟ୍ ଭିତରେ ଅଙ୍କନ କରା ଯାଇଛି । ସୂର୍ଯ୍ୟ ହେଉଛି ସ୍ୱାସ୍ଥ୍ୟ ଓ ଶକ୍ତିର ପ୍ରତୀକ ଓ ସ୍ଲେଟ୍ ଶିକ୍ଷାର ମହତ୍ୱକୁ ପ୍ରତିପାଦିତ କରୁଛି ।

ଭାରତ ସରକାର ଶିଶୁ ସମ୍ବତ୍ସର ପାଳନ ପାଇଁ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଗୋଟିଏ ଶିଶୁ କଲ୍ୟାଣ ବୋର୍ଡ ଗଠନ କରିଛନ୍ତି । ରାଜ୍ୟମାନଙ୍କରେ ମଧ୍ୟ ଏହି ବୋର୍ଡ ଗଢାଯାଇ ଶିଶୁମାନଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରାଯାଉଛି ।

ତେବେ ଏ ସବୁ ଉଦ୍ୟମ ଯେ ଭାରତ ଭଳି ଏକ ବିଶାଳ ଉପମହାଦେଶର ଶିଶୁମାନଙ୍କ ଅର୍ଥନୈତିକ ଜୀବନକୁ ସ୍ୱଚ୍ଛଳ କରିବ, ଏହା ଭାବିବା ଭୁଲ । କାରଣ ଯେଉଁ ଦେଶରେ କେବଳ ୧୪ ବର୍ଷ ଭିତରେ ଥିବା ଶିଶୁମାନଙ୍କ ସଂଖ୍ୟା ପ୍ରାୟ ତେଇଶ କୋଟି ଓ ପାଞ୍ଚବର୍ଷ ଭିତରେ ଥିବା ଶିଶୁମାନଙ୍କ ସଂଖ୍ୟା ପ୍ରାୟ ନଅ କୋଟି ସେଠି ସରକାର ଶିଶୁମାନଙ୍କ ପାଇଁ ଯେତେ ଚେଷ୍ଟା କଲେ ବି ତାହା ସମୁଦ୍ରକୁ ଶଂଖେ ହେବ । ତଥାପି ତ ଆଜି ଗାଁରେ ଗାଁରେ ସ୍କୁଲଘର, ଶିଶୁମାନଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବାର ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଉଛି ।

ତେବେ ସରକାରଙ୍କ କ୍ଷେତ୍ରରେ ଯାହା କରାଯିବା କଥା ତାହା ହେଉଛି ଓ ହେବ । ଏ ପାଇଁ ପିତାମାତା ଓ ନାଗରିକ ମାନଙ୍କର ମଧ୍ୟ କର୍ତ୍ତବ୍ୟ ରହିଛି । ମୁଖ୍ୟତଃ ଆଜିର ବଡ ସମସ୍ୟା ହେଲା ଯେଉଁ ନାରୀ ଜାତି ଯୁଗ ଯୁଗ ଧରି ସର୍ଜନାର ପ୍ରତିମୂର୍ତ୍ତି ହୋଇ ଛିଡ଼ାହୋଇ ଆସିଛି, ଆଜିର ଆମୋଦମୟ ସଭ୍ୟତା ଭିତରେ ସେ ଏପରି ମଜ୍ଜି ଯାଉଛି ଯେ, ସନ୍ତାନ ସନ୍ତତିଙ୍କୁ ବୋତଲ ଦୁଧ ଯୋଗାଇଦେଇ ସାରିଲାପରେ ତାର ସାମାଜିକ କର୍ତ୍ତବ୍ୟ ଶେଷ ହୋଇଗଲା ବୋଲି ସେ ଭାବୁଛି । କିନ୍ତୁ ନାରୀ ଜାତି ଭିତରେ ଦେଖାଯାଉଥିବା ଅଶାନ୍ତି ଓ କ୍ଳାନ୍ତିମତାକୁ ଦୂର କରିବାକୁ ପଡ଼ିବ । ସେମାନଙ୍କୁ ମାତା

[୪୬ ପୃଷ୍ଠା ଦେଖନ୍ତୁ]

# ଓଡ଼ିଶାର ତୀର୍ଥକ୍ଷେତ୍ର ଆଖଣ୍ଡଳମଣି



ଶ୍ରୀ ଜଗନ୍ନାଥ ଦାସ

ଆଖଣ୍ଡଳମଣିଙ୍କ ନାମ ସହିତ ପ୍ରାୟ ସମସ୍ତେ ପରିଚିତ । ଏହି ପ୍ରସିଦ୍ଧ ଦେବତାଙ୍କର ପରିଚୟ ଦେବା ପାଇଁ ପ୍ରୟାସ କରିବା ଏକ ଧୃଷ୍ଟତା । ପାପଭାର ହ୍ରାସ ଓ ଧର୍ମ ଭାବ ବୃଦ୍ଧି ପାଇଁ ଅଭିଳାଷ ପୋଷଣ କରି ଭାରତର କୋଣ ଅନୁକୋଣରୁ ମହାପ୍ରଭୁଙ୍କର ବିଜେସ୍ଥଳୀ ଶୁବଦାଲି ନିକଟବର୍ତ୍ତୀ ଆରଡ଼ି ଧାମକୁ ପ୍ରତ୍ୟହ ବହୁ ନରନାରୀ ଆସୁଅଛନ୍ତି । ଆଖଣ୍ଡଳମଣିଙ୍କ ବିଜେସ୍ଥଳୀ ଯୋଗୁଁ ଏହି ସ୍ଥାନ ପବିତ୍ର ତୀର୍ଥ କ୍ଷେତ୍ରରୂପେ ଖ୍ୟାତି ଅର୍ଜନ କରିଆସିଅଛି ।

"ଭାନୁକୋଟି ଭାସ୍ୱରଂ ଭବବିଧି ତାରକମ୍
ନୀଳକଣ୍ଠ ତ୍ରିଲୋଚନମ୍ ଅଭିପିସ୍ୱିତାର୍ଥ ଦାୟକଂ
କାଳକାଳମନ୍ କାକ୍ଷମକ୍ଷଶୂଳମକ୍ଷରମ୍
ଆରଡ଼ି ପୁରାଧିନାଥ ଆଖଣ୍ଡଳମଣି ଭଜେ ।"

ଅର୍ଥ—"କୋଟି ସୂର୍ଯ୍ୟପରି ଯିଏ ଶୋଭମାନ ଓ ସଂସାର ତ୍ରାଣକାରୀ, ଯିଏ ସର୍ବଶ୍ରେଷ୍ଠ, ନୀଳକଣ୍ଠ ଓ ଅଭିଷ୍ଟ ପୂରଣକାରୀ, ତ୍ରିନୟନ, କାଳର ମଧ୍ୟକାଳ ସ୍ୱରୂପ ପଦ୍ମ ପଳାଶ ନୟନ ବା ରୁଦ୍ରାକ୍ଷ ଅକ୍ଷମାଳା ଧାରଣକାରୀ ସେହି ଆରଡ଼ି ଅଧିନାୟକ କାଳ ଭୈରବ ଶ୍ରୀ ଶ୍ରୀ ଆଖଣ୍ଡଳ ମଣିଙ୍କୁ ପ୍ରାର୍ଥନା କରୁଛି ।"

ବିଭିନ୍ନ ଦୃଷ୍ଟିକୋଣରୁ ବିଗ୍ଭରକରି ଦେଖିଲେ ଜଣାଯାଏ ଯେ ଆଖଣ୍ଡଳମଣି ତୀର୍ଥ ଅଧ୍ୟାତ୍ମ ପ୍ରାଣଶକ୍ତି ପରିସ୍ଫୁରଣର ଏକ ବିରାଟ କେନ୍ଦ୍ର । ଆଖଣ୍ଡଳମଣିଙ୍କ ପ୍ରତି ଲୋକମାନଙ୍କର ଗଭୀର ଭକ୍ତି ଭୟ ଏବଂ ଅଟଳ ବିଶ୍ୱାସ ରହି ଆସିଛି । ତାଙ୍କୁ ପ୍ରତ୍ୟକ୍ଷ ଦେବତା ବୋଲି ଉପାସନା କରି ଆସିଅଛନ୍ତି ।

## "ଆରଡ଼ି'ରେ ଗାରଡ଼ି ନାହିଁ"

ଏବେ ମଧ୍ୟ ପ୍ରବାଦ ରହିଛି ଯେ "ଆରଡ଼ିରେ ଗାରଡ଼ି ନାହିଁ ।" ଭକ୍ତମାନଙ୍କର ଦୃଢ଼ ଧାରଣା ଯେତେ ବିଷାକ୍ତ ସର୍ପ ଦଂଶନ କରିଥିଲେ ମଧ୍ୟ ଯଦି ଆହତ ବ୍ୟକ୍ତିଙ୍କୁ ମନ୍ଦିରର ବେଢ଼ା ଭିତରେ ଶୁଆଇ ଦେଇ ମହା ମୃତ୍ୟୁଞ୍ଜୟ ମନ୍ତ୍ର ପାଠ ସହ ଭଜନ କୀର୍ତ୍ତନ କରାଯାଏ ଏବଂ ମହାପ୍ରଭୁଙ୍କର କୁଣ୍ଡଜଳ ପାନ କରିବାକୁ ଦିଆଯାଏ, ତେବେ ସେ ଅଚିରେ ଆରୋଗ୍ୟ ଲାଭ କରିଥାଏ ।

ସୋମବାର ଦିନଟି ଭକ୍ତମାନଙ୍କର ଏକ ପବିତ୍ର ଦିବସ । ବହୁ ଧାର୍ମିକ ଓ ପବିତ୍ରମନା ବ୍ୟକ୍ତି ସେଦିନ ଆଖଣ୍ଡଳମଣି ବ୍ରତ ପାଳନ କରନ୍ତି । ସାଧାରଣ ଦିନଗୁଡ଼ିକ ଅପେକ୍ଷା ସୋମବାର ଦିନ ମନ୍ଦିର ତଥା ମନ୍ଦିର ପ୍ରାଙ୍ଗଣରେ ଅଧିକ ଯାତ୍ରୀ ଭିଡ଼ ହୁଏ । ଶିବ ଚତୁର୍ଦ୍ଦଶୀ ଦିନ ମଧ୍ୟ ଆଖଣ୍ଡଳମଣିଙ୍କ ନିକଟକୁ ଯାଇ ଲୋକମାନେ ଏହି ବ୍ରତ ପାଳନ କରନ୍ତି । ଭକ୍ତମାନେ ମାନସିକ କରି ସୋମବାର ଓ ଶିବ ଚତୁର୍ଦ୍ଦଶୀ ଦିନମାନଙ୍କରେ ପବିତ୍ର ଭାବନା ନେଇ ରହନ୍ତି । ସତ୍ୟ, ଅହିଂସା, ସାଧୁତା, ବ୍ରହ୍ମଚର୍ଯ୍ୟ ପାଳନ, ଗରିବ, ରୋଗୀ, ଦୋକିଶୋଷୀର ସେବା ହିଁ ଏହି ବ୍ରତର ମୂଳ ଉଦ୍ଦେଶ୍ୟ । ଶିବ ଚତୁର୍ଦ୍ଦଶୀ ଦିନ ଆଖଣ୍ଡଳମଣିଙ୍କ ନିକଟକୁ ଯାଇ ଲୋକେ ଏହି ବ୍ରତ ଆରମ୍ଭ କରନ୍ତି କିମ୍ବା ଉଦ୍‌ଯାପନ କରନ୍ତି । ନିଜର ସ୍ୱାର୍ଥ ପାଇଁ ଅନ୍ୟକୁ ପ୍ରତାରିତ କରିବା କିମ୍ବା ଅନ୍ୟର କ୍ଷତି କରିବା ଆଖଣ୍ଡଳମଣି ପୂଜାର ପରିପନ୍ଥୀ ।

## ପଞ୍ଚାନନ ମେଳାର ଆରମ୍ଭ ହେଲା କିପରି?

ଓଡ଼ିଶା ତଥା ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କରେ ଘରେ ଘରେ ପଞ୍ଚାନନ ମେଳା ହେଉଥିବାର ଦେଖାଯାଏ । ତାହା କେବଳ ସେହି ଶ୍ରୀ ଶ୍ରୀ ଆଖଣ୍ଡଳମଣି ମହାପ୍ରଭୁଙ୍କର ମହିମାରୁ ସୃଷ୍ଟ । ହରିପୁର ଗ୍ରାମର ମଧୁମିଶ୍ର ନାମକ ଜନୈକ ଦରିଦ୍ର ବ୍ରାହ୍ମଣ କଠିନ ରୋଗାକ୍ରାନ୍ତ ହେବାରୁ ସେ ନିଜର ଧର୍ମପ୍ରାଣା ଆଖଣ୍ଡଳମଣିଙ୍କ ଭକ୍ତା ପତି-ପରାୟଣା ପତ୍ନୀଙ୍କ ପରାମର୍ଶ ଅନୁଯାୟୀ ଆଖଣ୍ଡଳ-ମଣିଙ୍କ ନିକଟରେ ଧାରଣା ପଡ଼ିବାକୁ ଗଲେ । ପଞ୍ଚାନନ ମେଳା କରିବା ନିମନ୍ତେ ମହାପ୍ରଭୁଙ୍କର ସ୍ୱପ୍ନାଦେଶ ହେଲା । ସେ ପଞ୍ଚାନନ ମେଳା ପାଇଁ ସମସ୍ତ ସାମଗ୍ରୀ ସଂଗ୍ରହ କରି ଜଣେ ସୌଦାଗରକୁ ଗୋଟିଏ ନିଖୁଣ ଗୁଆ ମାଗିବାରୁ ସେହି ସୌଦାଗର ନିଜର ଧନଗର୍ବରେ ତାଙ୍କୁ ନାନା କୁତ୍ସିତ ଭାଷାରେ ଗାଳିଗୁଲଜ କରି ଘଉଡ଼ାଇ ଦେଲେ । ସଙ୍ଗେ ସଙ୍ଗେ ସୌଦାଗରର ଏକମାତ୍ର ପୁତ୍ର ସର୍ପା-ଘାତରେ ମୃତ୍ୟୁ ମୁଖରେ ପଡ଼ିଲା । ସୌଦାଗର ସେ ଘଟଣାରେ ଆତଙ୍କିତ ହୋଇ ନିଜେ ଏକ ଆଖଣ୍ଡଳମଣି ମେଳା ବା ପଞ୍ଚାନନ ମେଳା କରାଇବାକୁ ମାନସିକ କରି ମଧୁ ମିଶ୍ରଙ୍କ ଦ୍ୱାରା ଆୟୋଜିତ ମେଳାରୁ ପୂଜା ବେଲପତ୍ର ଓ ଭୋଗ ଆଣି ନିଜର ପୁତ୍ରକୁ ଦିଅନ୍ତେ ସେ ଆରୋଗ୍ୟ ଲାଭ କରିବା ଏବଂ ଏହି ଆଖଣ୍ଡଳମଣି ମେଳା ବା ପଞ୍ଚାନନ ମେଳା କରିବା ଦ୍ୱାରା ମଧୁ ମିଶ୍ରେ ରୋଗରୁ ମୁକ୍ତିଲାଭ କରି-ଥିବା ଘଟଣାକୁ ଭିତ୍ତିକରି ଏହି ପଞ୍ଚାନନ ମେଳାର ସୃଷ୍ଟି ।

## ବଡ଼ସିଂହାର ବେଶ

ଆଖଣ୍ଡଳମଣିଙ୍କର ପ୍ରତିଦିନ ହେଉଥିବା ବଡ଼ସିଂହାର ବେଶ ଖୁବ୍ ଚିତ୍ତାକର୍ଷକ । ହରିଦ୍ରାବର୍ଣ୍ଣ ବସ୍ତ୍ର ପରିହିତ ବର୍ତ୍ତୁଳାକାର ଚକ୍ଷୁ ବିଶିଷ୍ଟ ମହାପ୍ରଭୁଙ୍କର ପ୍ରଭାବଶାଳୀ ପ୍ରତିମା ଦର୍ଶନରେ ଧର୍ମପ୍ରାଣ ନରନାରୀ ଜୟଜୟକାର କରି ଉଠନ୍ତି ଏବଂ ସେମାନଙ୍କର ମନ ହୃଦୟ ପୁଲକିତ ହୋଇ ଉଠେ । ମାଳ, ମୁକୁଟ ଏବଂ ବିଭିନ୍ନ ପତ୍ର ପୁଷ୍ପରେ ସଜ୍ଜିତ ମହାପ୍ରଭୁଙ୍କର ଶୋଭା ଓ ଦୀପ୍ତିରେ ସ୍ଥାନଟି ମନୋରମ ହୋଇଥାଏ । କେହି କୌଣସି ଦିନ ଆଖଣ୍ଡଳ-ମଣି ତୀର୍ଥକୁ ଗଲେ ସେଠାରେ ମହାପ୍ରଭୁଙ୍କର ବଡ଼ସିଂହାର ବେଶ ସଂଦର୍ଶନରେ ଆତ୍ମ ବିଭୋର ହେବା ସଂଗେ ସଂଗେ ଅସୀମ ଆନନ୍ଦ ଓ ଗଭୀର ଭକ୍ତିରେ ସେମାନଙ୍କର ହୃଦୟ ପରିପୂର୍ଣ୍ଣ ହୁଏ । କହିବା ବାହୁଲ୍ୟ ଯେ ମହା-ପ୍ରଭୁଙ୍କର ଏହି ଅପୂର୍ବ ତଥା ଅତୁଳନୀୟ ରୂପ ବିଭବ ସାଙ୍ଗକୁ ଭକ୍ତମାନଙ୍କ ମନରେ ସୃଷ୍ଟି ହେଉଥିବା ପବିତ୍ରତା ଧର୍ମଭାବ ଏବଂ ସଂପୂର୍ଣ୍ଣ ଆତ୍ମ ସମର୍ପଣ ଭାବ ପରି-ବେଶକୁ ବେଶ ଗମ୍ଭୀର ଓ ଆକର୍ଷଣୀୟ କରିଆସିଛି । ପ୍ରତି-ଦିନ ସହସ୍ର ସହସ୍ର ଯାତ୍ରୀ ଏହି ମନୋରମ ବେଶ ଦେଖିବା ନିମନ୍ତେ ଆଖଣ୍ଡଳମଣି ତୀର୍ଥରେ ସମବେତ ହୁଅନ୍ତି ।

## ସୁନାବେଶ

ଶିବଚତୁର୍ଦ୍ଦଶୀ ଦିନ ନିଶାର୍ଦ୍ଧରେ ମହାପ୍ରଭୁଙ୍କର ସୁନାବେଶ ନରନାରୀମାନଙ୍କ ମନରେ ବିପୁଳ ଆନନ୍ଦ ସୃଷ୍ଟି କରେ । ସେ ସୌନ୍ଦର୍ଯ୍ୟ ପସରା ଭିତରେ ମହାନ ଧର୍ମଭାବ ଓ ପବିତ୍ର କର୍ମର ଉଚ୍ଛ୍ୱାସ ଭରି ରହିଛି ବୋଲି ଯେ କେହି ପ୍ରତ୍ୟକ୍ଷଦର୍ଶୀ ସ୍ପଷ୍ଟ ଭାବରେ ଅନୁଭବ କରି-ପାରିବ । ଏହି ସୁନାବେଶ ଦେଖିବା ପାଇଁ ପୂର୍ବରୁ ଯାତ୍ରୀମାନେ ଦୁଇଟଙ୍କା ଲେଖାଏଁ ଭେଟି ପ୍ରଦାନ କରି ଟିକେଟ ସଂଗ୍ରହ କରିଥାନ୍ତି ଏବଂ ଏହି ଦୁର୍ଲଭ ବେଶ ସଂଦର୍ଶନରେ ସେମାନଙ୍କର ମନ ଆତ୍ମପ୍ରତ୍ୟୟ ଏବଂ ତୃପ୍ତିରେ ପୂର୍ଣ୍ଣ ହୁଏ ।

## କୁଣ୍ଡଜଳ

ମହାପ୍ରଭୁଙ୍କ କୁଣ୍ଡଜଳ ଏକ ଅବ୍ୟର୍ଥ ଔଷଧ ବୋଲି ଖ୍ୟାତିଲାଭ କରିଛି । ମହାପ୍ରଭୁଙ୍କୁ କ୍ଷୀର, ଘୃତ, ଛେନା, କଦଳୀ, ଅଦା ଆଦି ପଦାର୍ଥ ଦ୍ୱାରା ଘର୍ଷଣ କରିବା ପରେ ମହାପ୍ରଭୁଙ୍କର ସ୍ନାନ ହୁଏ । ସେହି ସ୍ନାନ ଜଳ ଏକ ନଳାବାଟେ ନିର୍ଗତ ହୋଇ ଆସି ମନ୍ଦିରର ଉତ୍ତର ପାର୍ଶ୍ୱ ସଂଲଗ୍ନ ଏକ କୂପ ସଦୃଶ ବିରାଟ କୁଣ୍ଡରେ ସଞ୍ଚିତ ହୁଏ । ଶହ ଶହ କୋଶରୁ ଆସିଥିବା ଯାତ୍ରୀମାନେ ଏହି ପବିତ୍ର କୁଣ୍ଡଜଳକୁ ଅମୃତ ପରି ପାନ କରି ନିଜ ନିଜର ସାଙ୍ଗରେ ସ୍ୱଗୃହକୁ ନେଇଥାନ୍ତି । କୁଣ୍ଡଜଳପାନ ଏବଂ ଗୃହ ନିମନ୍ତେ କୁଣ୍ଡଜଳ ଆଣିବା ନୋହିଲେ ସେମାନଙ୍କର ତୀର୍ଥଯାତ୍ରା ଅପୂର୍ଣ୍ଣ ହେବା ପରି ମନେ ହୋଇଥାଏ ।

## ଘଷଣା

ଘର୍ଷଣ ହେଉଛି ମହାପ୍ରଭୁଙ୍କର ଏକ ଶ୍ରେଷ୍ଠ ଭୋଗ । କାଶ୍ମୀରଠାରୁ କୁମାରୀକା ଯାଏ ଯେତେ ଦେବାଦେବୀ ଉପାସିତ ହେଉଛନ୍ତି କୌଣସିଠାରେ ଘର୍ଷଣ ଭୋଗ ପ୍ରଥା ଥିବାର ଜଣାଯାଏ ନାହିଁ କିମ୍ବା ଏତେ ପରିମାଣରେ ଦୁଗ୍ଧଜାତ ଦ୍ରବ୍ୟ ଭୋଗ ପ୍ରଭୃତି ପାଇଁ ବ୍ୟବହୃତ ହୁଏ ନାହିଁ । ଏହି ଘର୍ଷଣର ସ୍ୱାତନ୍ତ୍ର୍ୟ ରହିଛି । ଏକା ଆଖଣ୍ଡଳମଣି ପୀଠରେ ଏହା ହୋଇ ଆସୁଅଛି । ଘର୍ଷଣରେ ଆଖଣ୍ଡଳମଣି ସନ୍ତୁଷ୍ଟ ହୁଅନ୍ତି ବୋଲି ଲୋକଙ୍କର ବିଶ୍ୱାସ ରହିଛି । ତେଣୁ ପ୍ରତ୍ୟହ ଭକ୍ତମାନେ ଶହ ଶହ ହାଣ୍ଡି କ୍ଷୀର, ଛେନା, ଲହୁଣୀ, କଦଳୀ, ଘୃତ ଓ ମଧୁ ଆଦି ମିଶ୍ରଣ କରି ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ଘର୍ଷଣ କରନ୍ତି । କିମ୍ବଦନ୍ତୀ ରହିଛି, ଲଙ୍ଗଳ-ମୁନ ଆଘାତରେ ମହାପ୍ରଭୁଙ୍କର କପୋଳଦେଶ କ୍ଷତ ହେବାରୁ ଏସବୁ ପଦାର୍ଥ ଘର୍ଷଣ କରାଇବାକୁ ସ୍ୱପ୍ନା-ଦେଶ ହୋଇଥିଲା । ତାହା ସେହିଦିନୁ ପ୍ରଚଳିତ ହୋଇ ଆସୁଛି ।

## ମହାପ୍ରଭୁଙ୍କ ଫଟୋଚିତ୍ର

ଆଜି ଯେ ଆଖଣ୍ଡଳମଣି ମହାପ୍ରଭୁଙ୍କର ଲକ୍ଷ ଲକ୍ଷ ସଂଖ୍ୟାରେ ଫଟୋଚିତ୍ର ଘରେ ଘରେ ପୂଜା ପାଉ ଥିବାର ଦେଖାଯାଏ ତାହା ଭଦ୍ରକର କୁଆଁ ଗ୍ରାମର ପ୍ରଖ୍ୟାତ ଫଟୋଶିଳ୍ପୀ ଧର୍ମପ୍ରାଣ ଶ୍ରୀ ଗୋପାଳ ଚନ୍ଦ୍ର ଦାସଙ୍କର

ବହୁ ଆୟାସର ଫଳ । ସେ ବହୁ ଦିନରୁ ମହାପ୍ରଭୁଙ୍କର ଫଟୋଟିଏ ଉଠାଇବା ପାଇଁ ପ୍ରୟାସ କରିଥିଲେ । ପରିଚାଳନା କର୍ତ୍ତୃପକ୍ଷ ସେଥିନିମନ୍ତେ ତାଙ୍କୁ ଅନୁମତି ଦେଇ-ନଥିଲେ । ସ୍ୱର୍ଗତ ଏମ୍. ଏଲ୍. ଏ. ମୁରଲୀଧର ସେନା ୧୯୫୬ ମସିହାରେ ମନ୍ଦିର ଟ୍ରଷ୍ଟି ଥିବା ସମୟରେ ଶ୍ରୀ ଦାସଙ୍କର ବ୍ୟଗ୍ରତାରେ ଅତ୍ୟନ୍ତ ପ୍ରୀତ ହୋଇ ସବୁ ବାଧା ବିଘ୍ନକୁ ଅତିକ୍ରମ କରି ତାଙ୍କୁ ଲିଖିତଭାବେ ସ୍ୱତନ୍ତ୍ର ଅନୁମତି ଦେଇ-ଥିଲେ । ସେ ସେଉଁ ଫଟୋଚିତ୍ରଟି ଉଠାଇଥିଲେ ଏବେ ସେହି ଫଟୋଟିକୁ ଭିତ୍ତିକରି ବିଭିନ୍ନ ଡିଜାଇନ୍ ରଙ୍ଗରେ ଛାପା ହୋଇ ଆଖଣ୍ଡଳମଣିଙ୍କର ଲକ୍ଷ ଲକ୍ଷ ସଂଖ୍ୟାରେ ବିକ୍ରୟ କରାଯାଉଛି ।

## ଜାଗର ଉତ୍ସବ--

ଆରଡ଼ିଧାମରେ ଜାଗରୋତ୍ସବ ଅତି ପ୍ରସିଦ୍ଧ । କି ପୁରୁଷ, କି ନାରୀ, କି ଧନୀ, କି ଗରିବ, ବଡ଼ ସାନ ସମସ୍ତେ ଆଖଣ୍ଡଳମଣିଙ୍କର ଶିବରାତ୍ରି ଉତ୍ସବକୁ ଅନାଇ ରହିଥାନ୍ତି । ସେହି ପବିତ୍ର ଦିବସରେ ମହାପ୍ରଭୁଙ୍କର ପବିତ୍ର ଦୃଷ୍ଟି ସେମାନଙ୍କର ସୁବିଧା ଅସୁବିଧା, ବିପଦ ଆପଦରୁ ରକ୍ଷା କରିବା ପାଇଁ ମହାପ୍ରଭୁଙ୍କଠାରେ ମନାସି ଥାଆନ୍ତି । ଶିବରାତ୍ରି ଦିନ ମହାଦୀପ ପ୍ରଜ୍ୱଳିତ ହୋଇ ମନ୍ଦିର ଶୀର୍ଷକୁ ଉତ୍ତୋଳନ ହେବାବେଳେ ମାନସିକ କରିଥିବା ହଜାର ହଜାର ନରନାରୀଙ୍କର ଆନନ୍ଦ ଧ୍ୱନି ଗଗନ ପବନ ମୁଖରିତ କରେ । ଏହି ପବିତ୍ର ଦିନରେ ଭାରତର ବହୁ ରାଜ୍ୟରୁ ଅଗଣିତ ନରନାରୀ ଆଖଣ୍ଡଳମଣିଙ୍କ ଦର୍ଶନାର୍ଥେ ସମବେତ ହୁଅନ୍ତି । ଶିବରାତ୍ରି ପୂର୍ବଦିନ ଭକ୍ତମାନେ ଓଳିଏ ଅରୁଆ ଅନ୍ନ ଖାଇ ଶିବରାତ୍ରି ଦିନ ନିର୍ଜଳା ଉପବାସ କରିଥାନ୍ତି ଏବଂ ରାତ୍ରି ପାହିବା ପର୍ଯ୍ୟନ୍ତ ପ୍ରଭୁଙ୍କ ପୀଠରେ ଧାରଣା ଦେଇ ବସିଥାନ୍ତି । କେହି କେହି ଶହେ ଆଠଥର ମନ୍ଦିର ପରିକ୍ରମା ମଧ୍ୟ କରନ୍ତି । କ୍ଷୀର, ଘୃତ, ମହୁ, ନବାତ ଆଦି ମହାପ୍ରଭୁଙ୍କ ଉପରେ ଘର୍ଷଣ କରନ୍ତି ଏବଂ ମହାଦୀପ ପାଇଁ ଟ୍ରଷ୍ଟବୋର୍ଡ ଅଫିସରେ ଯଥାସାଧ୍ୟ ଘୃତ ଅର୍ପଣ କରନ୍ତି । ରାତ୍ରି ପ୍ରାୟ ଗୋଟାଏ ବେଳକୁ ମନ୍ଦିରର ଶୀର୍ଷତମ ପ୍ରଦେଶରେ ମହାଦୀପ ସ୍ଥାପନ କରାଯାଏ । ଘୃତ ଭରପୂର ହୋଇଥିବା ଏକ ବୃହତ୍‌ଦୀପକୁ ପ୍ରଜ୍ୱଳିତ କରି ଠାକୁରଙ୍କର ବଡ଼ପଣ୍ଡା ମନ୍ଦିର ଉପରକୁ ଉଠାଇ ନିଅନ୍ତି । ତାହା ଶୀର୍ଷରେ ପହଞ୍ଚିବାକୁ ପ୍ରାୟ ଏକଘଣ୍ଟା ସମୟ ଲାଗିଯାଏ । ମହାଦୀପ ଉଠିଲାବେଳେ ଯାତ୍ରୀମାନେ ଏବଂ ଆଖ-ପାଖ ପାଞ୍ଚକୋଶ ଆୟତନ ବିଶିଷ୍ଟ ଅଞ୍ଚଳର ଲୋକ-ମାନେ ଆବେଗଭରା ହୃଦୟରେ ଆଖଣ୍ଡଳମଣିଙ୍କ ଜୟ-ଜୟକାର ଧ୍ୱନିରେ ଏବଂ ହରିବୋଲ ହୁଳହୁଳିରେ ପ୍ରକ-ମ୍ପିତ କରନ୍ତି । ରାତ୍ରିସାରା ସ୍ଥାନଟି ଭଜନ ଓ କୀର୍ତ୍ତନରେ ମୁଖରିତ ହୋଇଥାଏ । ଆଖପାଖରେ ଲୋକମାନେ ଯେ ଦଳକୁ ଦଳ କୀର୍ତ୍ତନ କରି ଆସନ୍ତି ତାହା ନୁହେଁ, ବହୁଦୂର ଦୂରାନ୍ତରୁ ଏପରିକି ବିହାର ଓ ପଶ୍ଚିମ ବଙ୍ଗରୁ ମଧ୍ୟ ସଂକୀର୍ତ୍ତନ ସହ ଲୋକମାନେ ପଦଯାତ୍ରାରେ ମହାପ୍ରଭୁଙ୍କ ପୀଠରେ ସଂଧ୍ୟା ପୂର୍ବରୁ ପହଞ୍ଚି ଜାଗରୋ-ତ୍ସବରେ ଯୋଗ ଦେଇଥିବାର ପରିଦୃଷ୍ଟ ହୁଏ । ଜାଗରୋ-ତ୍ସବ ଶିବରାତ୍ରିଠାରୁ ଆରମ୍ଭ ହୋଇ ଏକମାସ ପର୍ଯ୍ୟନ୍ତ ଚାଲେ ।

## ମନ୍ଦିର ଓ ମନ୍ଦିର ପରିବେଶ ସଂପର୍କିତ ସମସ୍ୟାବଳୀ--

ଆଖଣ୍ଡଳମଣି ମନ୍ଦିରରେ ବିଶେଷ ପର୍ବ ପର୍ବାଣୀରେ ଅସମ୍ଭବ ଲୋକ ଗହଳି ହୁଏ । ସ୍ଥାନଟି ସଂକୀର୍ଣ୍ଣ ହୋଇଥିବା ଯୋଗୁଁ ଲୋକମାନଙ୍କର ଚଳାଚଳ ପକ୍ଷେ ବଡ଼କଷ୍ଟଦାୟକ ହୋଇଥାଏ । ଏପରିକି ସଂକୀର୍ଣ୍ଣତା ହେତୁ ମନ୍ଦିର ପୂଜକ, ପୁରୋହିତ, ଭକ୍ତ ଓ ଅତିଥିମାନଙ୍କ-ପାଇଁ ବାସଗୃହ ନାହିଁ । ଏହା ଏକ ସାର୍ବଜନୀନ ଧର୍ମପୀଠ ହୋଇଥିବାରୁ ଏଥିପ୍ରତି ସମସ୍ତେ ଦୃଷ୍ଟି ଦେବା ଉଚିତ । ଦୂରାଗତ ଯାତ୍ରୀମାନେ ଛୁଆପିଲାଙ୍କୁ ଧରି କେଉଁଠି ମୁଣ୍ଡ ଗୁଂଜିବାକୁ ଆଶ୍ରୟ ନପାଇ ନାନା ଦୁଃଖ ଦୁର୍ଦ୍ଦଶା ଭୋଗୁଛନ୍ତି । ପୀଠ ସଂଲଗ୍ନ ଜନବସତିର ଚତୁଃପାର୍ଶ୍ୱରେ ଥିବା ନିମ୍ନ ଜାଗାଗୁଡ଼ିକରୁ କେତେକାଂଶ ବସବାସ ଉପଯୋଗୀ କରାଯାଇ ପାରିଲେ ଲୋକମାନଙ୍କର ଏ ଦୁର୍ଦ୍ଦଶା ଦୂର ହୋଇ ପାରନ୍ତା । ସରକାର ବସ୍ତି ସଂପ୍ରସାରଣ ଯୋଜନା-ନୁଯାୟୀ ଏହା କରାଇ ପାରନ୍ତେ ଏବଂ ଏହି ପୀଠଟିର ସୌନ୍ଦର୍ଯ୍ୟ ବୃଦ୍ଧି ପାଆନ୍ତା । ଏ ବିଷୟଟିକୁ ଅତି ଗୁରୁତ୍ୱର ସହିତ ଚିନ୍ତାକରି ଏହାକୁ ପୁନର୍ବସତି ଯୋଜନାର ଅନ୍ତର୍ଭୁକ୍ତ କରାଇବା ଓ ଏହି ଆରଡ଼ିଧାମକୁ ଏକ ପର୍ଯ୍ୟଟନ କେନ୍ଦ୍ରଭବେ ପରିଣତ କରାଇବା ଦିଗରେ ଉଦ୍ୟମ ହେବା ଉଚିତ ।

ବହୁବର୍ଷ ପୂର୍ବେ କନିକା ରାଜପରିବାର ପକ୍ଷରୁ ମନ୍ଦିରଟି ନିର୍ମିତ ହୋଇଥିଲା । ଏହାର ସୁପରିଚାଳନା ନିମନ୍ତେ ବହୁ ପରିମାଣରେ ଖଞ୍ଜ ଜମି ମହାପ୍ରଭୁଙ୍କ ନାମରେ ଅର୍ପିତ ହୋଇଥିଲା । ମନ୍ଦିରର ବହୁମୁଖୀ ନୀତି ନିୟମ ପ୍ରଣୟନ କରାଯାଇ ଜଣେ ସ୍ୱତନ୍ତ୍ର ଭାବେ କାର୍ଯ୍ୟ ତୁଲାଇବା-ପାଇଁ ପରିଚାଳକ ଓ ବହୁ ସଂଖ୍ୟକ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଥିଲା । ଏବେ ଦେବୋତ୍ତର ବିଭାଗ ଦ୍ୱାରା ଏହା ପରିଚାଳିତ ହେଉଛି । ଏପରି ଏକ ଧର୍ମାନୁଷ୍ଠାନରେ ଯଥାବିଧି ପୂଜା, ଆରାଧନା, ଭୋଗରାଗ ପ୍ରଭୃତି କାର୍ଯ୍ୟକ୍ରମ ଶୃଙ୍ଖଳିତ ଭାବେ ପ୍ରତ୍ୟହ ପ୍ରବର୍ତ୍ତିତ ହେବା ଓ ମନ୍ଦିର ବେଢ଼ାରେ ଥିବା ବିପଣୀମାନଙ୍କରେ ବିଶୁଦ୍ଧ ଭୋଗ ସାମଗ୍ରୀ ବିକ୍ରୟ ହେବା ପ୍ରୟୋଜନ ବୋଲି ଧର୍ମପ୍ରାଣ ସମସ୍ତ ବ୍ୟକ୍ତି ଏକମତ ହେବେ । ଆରଡ଼ି ଧାମରେ ଆଖଣ୍ଡଳମଣିଙ୍କର ଭୋଗ ଓ ଘର୍ଷଣରେ ସ୍ୱାତନ୍ତ୍ର୍ୟ ରହିଛି ଯାହାକି ସମଗ୍ର ଦେଶରେ ଅଦ୍ୱିତୀୟ । କୌଣସି ଧର୍ମାନୁଷ୍ଠାନ, ମନ୍ଦିର ବା ଅଞ୍ଚଳରେ ଏହିପରି ଭୋଗର ସମ୍ମାନ ଓ ଖ୍ୟାତିର ବ୍ୟବସ୍ଥା ଅନ୍ୟତ୍ର ଦେଖିବାକୁ ମିଳେନାହିଁ । ଜାତିଭୂକ ସଂପ୍ରଦାୟ ଓ ଅନ୍ୟ କୌଣସି ବିଚାର ନଥାଇ ଆତ୍ମାହୁଣ ଚଣ୍ଡାଳ ଏବଂ ଧନୀ ଦରିଦ୍ର ସମେତ ଏହାକୁ ପ୍ରାପ୍ତିମାତ୍ରେ ସେବନ କରିଥାନ୍ତି । ଏହି ଭୋଗରେ ଯେପରି କୌଣସି କୃତ୍ରିମତା ପ୍ରବେଶ ପାଇଁ ଅପଚେଷ୍ଟା ନହୁଏ ତାହା ଦେଖିବା ସମସ୍ତଙ୍କର କର୍ତ୍ତବ୍ୟ ।

ମନ୍ଦିରର ଆୟବୃଦ୍ଧି ଦିଗରେ ଦେବୋତ୍ତର ବିଭାଗର କୌଣସି ଦାୟିତ୍ୱ ଥିବା ପରି ମନେହୁଏ ନାହିଁ । ଧାର୍ମିକ ଚେତନା ଦୃଷ୍ଟିରୁ ମନ୍ଦିରରେ କଡ଼ାକଡ଼ି ଶୃଙ୍ଖଳିତ ଆଚରଣ ତଥା ପୀଠରେ ଏକ ସୁସ୍ଥ ଓ ସମ୍ମାନଜନକ ପରିବେଶ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ମନ୍ଦିରର ଆୟବୃଦ୍ଧି ପାଇଁ ମଧ୍ୟ କେତେକ ଅର୍ଥନୈତିକ ଯୋଜନାର ବ୍ୟବସ୍ଥା କରାଯିବା ବାଞ୍ଛନୀୟ । ସେବକଗୋଷ୍ଠୀର ଆର୍ଥିକ ସ୍ଥିତି ଅତି ଶୋଚନୀୟ । କେତେକ ମୁଷ୍ଟିମେୟ ପରିବାରକୁ ଛାଡ଼ିଦେଲେ ସମଗ୍ର ସେବକ ଗୋଷ୍ଠୀ ଦୁଇ ବେଳା ଅନ୍ନ ସଂସ୍ଥାନର ବ୍ୟବସ୍ଥା କରି ପାରନ୍ତି ନାହିଁ । ପୂର୍ବେ ମାତ୍ର ୨୩ ଟି ସେବକ ପରିବାର ଥିଲେ । ତାହା କ୍ରମେ ବୃଦ୍ଧି-ପାଇ ପ୍ରାୟ ୧୦୦ ଟି ପରିବାରରେ ପହଞ୍ଚିଲଣି । ମନ୍ଦିର ତଥା ଯାତ୍ରୀମାନଙ୍କ ଉପରେ ହିଁ ଏହି ୧୦୦ ପରିବାର ନିର୍ଭର କରି ଚଳନ୍ତି । ଏମାନଙ୍କର ବସବାସ ଅତ୍ୟନ୍ତ ଶୋଚନୀୟ ଓ ଦୟନୀୟ । ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଏମାନେ କାଳଯାପନ କରନ୍ତି ।

ଗୁଡ଼ବାଲିର କେତେକ ଧର୍ମପ୍ରାଣ ବ୍ୟବସାୟୀ ସର୍ବସାଧାରଣଙ୍କ ସାହାଯ୍ୟ କ୍ରମେ ଆରଡ଼ି ଧାମରେ ଯାତ୍ରୀମାନଙ୍କ ନିମନ୍ତେ ଆଖଣ୍ଡଳମଣିଙ୍କ ମନ୍ଦିର ସଂଲଗ୍ନ ପୋଖରୀର ଦକ୍ଷିଣପାର୍ଶ୍ୱରେ ବହୁ ଅର୍ଥବ୍ୟୟ ପୂର୍ବକ ଏକ ଧର୍ମଶାଳା ନିର୍ମାଣ କରିଛନ୍ତି । ମହାପ୍ରଭୁଙ୍କ ଦର୍ଶନ ପାଇଁ ବିଭିନ୍ନ ଆଡୁ ଆସୁଥିବା ଯାତ୍ରୀମାନେ ସନ୍ତୋଷଜନକ ଭାବେ ଆଶ୍ରୟ ନପାଇ ଅନିଚ୍ଛା ସତ୍ତ୍ୱେ ଶୀଘ୍ର ଆରଡ଼ିପୀଠ ଛାଡ଼ି ନିଜ କାର୍ଯ୍ୟ ଶେଷ କରି ପଳାଇ ଯାଉଥିଲେ ଏବଂ ଯେଉଁମାନେ କିଛି ସମୟ ବିଶ୍ରାମ ପାଇଁ ରହୁଥିଲେ ସେମାନେ ବାଧ୍ୟ ହୋଇ ସେଠାରେ ପୂଜକମାନଙ୍କ ବାସ-ଗୃହରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ଛୁଆପିଲାଙ୍କୁ ଧରି ବଡ଼ ଦୁଃଖ କଷ୍ଟ ଭୋଗୁଥିଲେ, ଏବେ ମଧ୍ୟ ଭୋଗୁଛନ୍ତି । ଆଖଣ୍ଡଳମଣି ତୀର୍ଥରେ ସଦାସର୍ବଦା ଯାତ୍ରୀ ସମାଗମ ଦୃଷ୍ଟିରୁ ବହୁ ସଂଖ୍ୟକ ଧର୍ମଶାଳା ନିର୍ମାଣର ଆବଶ୍ୟକତା ରହିଛି । ଏହା ଯାତ୍ରୀ ଜନ-ସାଧାରଣ ମର୍ମେ ମର୍ମେ ଅନୁଭବ କରୁଛନ୍ତି । ଏହି ଧର୍ମଶାଳାଟିର ନିର୍ମାଣ କାର୍ଯ୍ୟ ପ୍ରାୟ ୩ ବର୍ଷ ହେଲା ଶେଷ ହୋଇଥିଲେ ହେଁ ଆଲୋକ ଓ ଜଳ ଯୋଗାଣ, ପାଇଖାନା ନିର୍ମାଣର ବ୍ୟବସ୍ଥା ଏଯାବତ ହୋଇ ନାହିଁ । ଯାତ୍ରୀମାନଙ୍କର ସୁବିଧା ତଥା ନିରାପତ୍ତା ଦୃଷ୍ଟିରୁ ରାଜ୍ୟ ସରକାର ଏ ଧର୍ମଶାଳାଟିର ପରିଚାଳନା ଦାୟିତ୍ୱ ଅବିଳମ୍ବେ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଆଉ କେତୋଟି ନୂତନ ଧର୍ମଶାଳା କରାଇଲେ ଦୂରାଗତ ଯାତ୍ରୀମାନଙ୍କର ଦୁଃଖକଷ୍ଟ ମୋଚନ ହୁଅନ୍ତା । ଏହା ଏକ ଜରୁରୀ ଆବଶ୍ୟକତା ରୂପେ ବିବେଚିତ ହେବା ଦରକାର ।

ଆଖଣ୍ଡଳମଣି ମହାପ୍ରଭୁଙ୍କ ପୂଜା ଅର୍ଚ୍ଚନାରେ ଯେତେ ପରିମାଣରେ ଛେନା, ଘୃତ, ଦୁଗ୍ଧ ଆଦି ସାମଗ୍ରୀ ଆବଶ୍ୟକ ହୁଏ ତାହା ଯୋଗାଇବା ଉଦ୍ଦେଶ୍ୟରେ ଭକ୍ତମାନେ ଉତ୍ସର୍ଗ କରୁଥିବା ଗାଈ ଗୋରୁମାନଙ୍କ ନିମନ୍ତେ ଏକଦା ଗୋଟିଏ ଗୋଶାଳା ସ୍ଥାପନ କରାଯାଇଥିଲା । କୌଣସି ନା କେଉଁସି କାରଣରୁ ତାହାକୁ ଉଠାଇ ଦିଆଗଲା । ଯାତ୍ରୀମାନଙ୍କୁ ବିଶୁଦ୍ଧ ଦୁଗ୍ଧଜାତ ପଦାର୍ଥ ନ୍ୟାଯ୍ୟ ମୂଲ୍ୟରେ ଯୋଗାଇବା-ପାଇଁ ଗୋଟିଏ ଉନ୍ନତ ଧରଣର ଗୋଶାଳା ବା ଗୋପାଳନ କେନ୍ଦ୍ର ସ୍ଥାପନର ଯେ ଯଥେଷ୍ଟ ଆବଶ୍ୟକତା ରହିଛି ଏଥିରେ ସନ୍ଦେହ ନାହିଁ ।

୧୯୭୧ ମସିହାର ପ୍ରଳୟଙ୍କରୀ ବାତ୍ୟା ଓ ବନ୍ୟାରେ ଆଖଣ୍ଡଳମଣିଙ୍କର ମନ୍ଦିରଟି ବିଶେଷ କ୍ଷତିଗ୍ରସ୍ତ ହୋଇ ଥିବାରୁ ତାହାର ସୁରକ୍ଷା ଦିଗରେ ଶୀଘ୍ର ପଦକ୍ଷେପ ନିଆଗଲେ ତୀର୍ଥଯାତ୍ରୀମାନେ ଉପକୃତ ହେବେ ।

ତୀର୍ଥଯାତ୍ରୀ ଏବଂ ଧର୍ମକାର୍ଯ୍ୟ ପ୍ରଭୃତିର ଅନ୍ୟ କିଛି ସୁଫଳ ଥାଉବା ନଥାଉ ଏହା ଯୁଗ ଯୁଗ ଧରି ଆମ ଦେଶରେ ଜାତୀୟ ସଂସ୍କୃତି ଓ ଭ୍ରାତୃଭାବ ବୃଦ୍ଧି କରାଉଛି । ସେହି ଦୃଷ୍ଟିରୁ ବାଲେଶ୍ୱର ଜିଲ୍ଲାର ଚିର ବନ୍ୟା ପ୍ରପୀଡ଼ିତ ଏଇ ଦୁର୍ଗମ ଅଞ୍ଚଳର ମହତ୍ତ୍ୱ କିଛି କମ୍ ନୁହେଁ ।

ଏହି ପ୍ରସିଦ୍ଧ ଦେବତାଙ୍କର ଆବିର୍ଭାବକାଳ ସଠିକ୍ ନିରୂପିତ ହୋଇ ନଥିଲେ ହେଁ କିମ୍ବଦନ୍ତୀ ଅନୁଯାୟୀ ବାଣାସୁର ରାଜାଙ୍କର ରାଜତ୍ୱ ସମୟରୁ ଏଠାରେ ଆଖଣ୍ଡଳମଣିଙ୍କର ଆବିର୍ଭାବ ହୋଇଥିଲା ବୋଲି ସୂଚିତ ହୁଏ । କିମ୍ବଦନ୍ତୀରୁ ଏ ସ୍ଥାନର ପ୍ରତିଷ୍ଠିତ ରହସ୍ୟ ଉନ୍ମୋଚନ କରିବାକୁ ହେଲେ ଆମକୁ ତ୍ରେତା ଯୁଗକୁ ଫେରିବାକୁ ହେବ । ବ୍ରହ୍ମପୁରାଣ ଓ ବୃହତ ସଂହିତାରେ ଆଖଣ୍ଡଳମଣିଙ୍କ ମହିମା ବା ପ୍ରଶସ୍ତି ବର୍ଣ୍ଣିତ କବିବର ରାଧାନାଥରାୟ, ପଲ୍ଲୀକବି ନନ୍ଦକିଶୋର ବଳ, ଗୋପାଳ-ଚନ୍ଦ୍ର ପ୍ରହରାଜ ପ୍ରମୁଖ ଆଖଣ୍ଡଳମଣିଙ୍କ ସଂପର୍କରେ ନାନା ତଥ୍ୟ ଓ ମନ୍ତବ୍ୟ ପ୍ରଦାନ କରି ଯାଇଛନ୍ତି । ସେଇ ସବୁ ମହାର୍ଘ ଉକ୍ତିକୁ ସ୍ମରଣ ରଖି ଦୀନଦୁଃଖୀର ପରମ ସହାୟକ ଆଖଣ୍ଡଳମଣି ପୀଠର ଯଥାବିଧି ଉନ୍ନୟନ କରାଯିବା ଉଚିତ ।

ଯୁଗ୍ମ ସଂପାଦକ, ଆଖଣ୍ଡଳମଣି ତୀର୍ଥ ଉନ୍ନୟନ କମିଟି, ପୋ:—ଧୁସୁରୀ, ବାଲେଶ୍ୱର ।

# ସନ୍ୟାସୀର ଘର ସଂସାର

ଶ୍ରୀ ଉଦୟନାଥ ରଥ

ଗାଁଟା ଖାଲି ଖାଁ ଖାଁ ଡ଼ାକ ଦଉଚି । ଚୁରିଆଡ଼େ ଶୁନ୍‌ଶାନ୍ । ପତ୍ରଟିଏ ପଡ଼ିଲେ ଢେ଼ଲଟାପରି ଲାଗୁଛି । ହରିଆ ମା ଏଡ଼େ ଖରଖରା—ଆଜି ତା ପାଟିରେ ଯେପରି କିଏ ଆଲିଗଡ଼ ତାଲା ପକେଇ ଦେଇଛି । ସମସ୍ତଙ୍କ ମୁହଁରେ ବିଷାଦର ଛାୟା । କାହାରି କାହାରି ଆଖି ଲୁହରେ ଛଳ ଛଳ ହୋଇ ଯାଉଛି । ଯେଉଁ ଆଡ଼କୁ ଗୁହଁ ସମସ୍ତେ ଖାଲି ଟୁପୁରୁ ଟାପର ହେବାରେ ବ୍ୟସ୍ତ । ଯାହା ତୁଣ୍ଡକୁ ଶୁଣ—ସନ୍ୟାସୀ ଭଳିଆ ପିଲା ମାଇକିନିଆଟାକୁ ହାଣି ଦେଲା ?—ଘରୁ ହେଲେ ବାହାର କରି ଦେଇ ଥାଆନ୍ତା !

ଡ଼ାକ୍ତରଖାନାରେ ତ କମ୍ ଲୋକ ନୁହଁନ୍ତି ! ସନ୍ୟାସୀ ତା ଭାର୍ଯ୍ୟାକୁ ହାଣି ଦେଇଛି, ଯିଏ ଶୁଣୁଚି ଆଶ୍ଚର୍ଯ୍ୟ ହୋଇ ଯାଉଛି । ବାପ ମା ଯେତେ ପଚ୍ଚରିଲେ ବି ଡ଼ାକ୍ତର ନିରୁତ୍ତର । ତଥାପି ସେମାନେ ଡ଼ାକ୍ତରଙ୍କ ମୁଖ ବିକୃତିରୁ ଯାହା ଅନୁମାନ କରୁଛନ୍ତି—ଆଉ ନୁହେଁ । ଠିକ୍ ସେଇଆ ଘଟିଲା । ଡ଼ାକ୍ତର ବାବୁ ନାଡ଼ି ଦେଖିବାକୁ ହାତ ଉଠାଇଲା ବେଳକୁ ଆଖିଡ଼ୋଳା ଉପରକୁ ଉଠି ରହି ଗଲା । ତା ପରେ ସାବିତ୍ରୀର ଶବ ହେଲା ଡ଼ାକ୍ତର ମାଇନା ।

ଗାଁ ଭୂଇଁରେ ଆଜି କୋହୁଆ ଭୟ । ମଣିପର ଠାବ କି କୁଆ କୋଇଲିର ରାବ ଥିଲା ପରି ବୋଧ ହେଲା ନାହିଁ । ତହିଁକି ଦଳ ଦଳ ପୁଲିସ୍ ଭୟକୁ ଦ୍ୱିଗୁଣିତ କରି ଦେଇଛନ୍ତି । ତା ସାଙ୍ଗକୁ ଏକ କୁକୁର । ତାର ରୂପ ଏଡ଼େ ଭୟଙ୍କର ଯେ ଲୋକମାନେ କୁକୁର କି ହେଟା ଠିକ୍‌କରି ପାରୁ ନାହାନ୍ତି । ବିକଟାଳ ମୁହଁକୁ ଲହ ଲହ ଜିଭ ସତେ ଯେମିତି ଗୋଟା ଗୋଟା ଗିଳି ପକେଇବ । ସେ ଆସିଛି ଖୁଣୀକୁ ଧରିବାକୁ । କୁକୁର ଘର ଭିତରକୁ ଚ୍ଛଲିଲା । ଏଣେ ତେଣେ ବୁଲି ସିଧା ସଳଖିଲା ସଙ୍ଗା ଉପରକୁ । ସେଠାରୁ ଏକ ରକ୍ତାକ୍ତ ଲୁଗାରେ ଗୁଡ଼ା ହୋଇ-ଥିବା ଏକ ଲମ୍ବା ଜିନିଷ ନେଇ ଆସିଲା । ଅଫିସର ଦେଖିଲେ ତାହା ଏକ ମଇଳା ଲୁଗା ଯାହାକୁ ସନ୍ୟାସୀ ପିନ୍ଧିଥିଲା—ରକ୍ତରେ ବୁଡ଼ି ଯାଇଚି । ତାକୁ ଗୁଡ଼େଇ ଦେଇଚି ଗୋଟିଏ ଟାଙ୍ଗି ଉପରେ । ଟାଙ୍ଗିଟି ମଧ୍ୟ ରକ୍ତରେ ଲୁତୁ ବୁତୁ । ସନ୍ୟାସୀ ଭୟରେ ଥରିବାକୁ ଲାଗିଲା ।

ତାକୁ ଯେତେବେଳେ ପଚରାଗଲା ଯେ ତୁମେ କାହିଁ କରୁଥିଲ ତୁମର ସ୍ତ୍ରୀ ସାବିତ୍ରୀକୁ ମାରି ନାହିଁ ବୋଲି ? ଏ ଲୁଗା ଓ ଟାଙ୍ଗି ଉପରେ କିଏ ରଖିଲା ? ମୁଁ ରଖିଥିଲି ଆଜ୍ଞା !—କେହି ଜାଣି ପାରିବେ ନାହିଁ ବୋଲି । ତୁମ ସ୍ତ୍ରୀକୁ ମାରିବାର ଉଦ୍ଦେଶ୍ୟ ? ସେ ଅତି ଗହନର କଥା ଆଜ୍ଞା ! କି ଗହନର କଥା ଶୁଣେ ? ସାବିତ୍ରୀ ମୋର ସ୍ତ୍ରୀ ହେଲେ ବି ସେ ଗୋଟିଏ ବିଟପୀ । ବହୁତ ତା ନାଁରେ ଶୁଣେ । କିନ୍ତୁ ତାକୁ ସବୁ ପଛକୁ ପକେଇ ଚ୍ଛଲି ଯାଏ । ଯେତେ-ବେଳେ ନିଜ ଆଖିରେ ଦେଖିଲି..................., ପର ପୁରୁଷ ଡ଼ିଆଁ ମାରି ଚ୍ଛଲିଗଲା— ଭାବିଲି ଦୁନିଆଟା କ'ଣ ? ସାବିତ୍ରୀ ଅସତୀ । କିଛି ଉପାୟ ନ ପାଇ ଲୋକାପବାଦରୁ ନିଜକୁ ରକ୍ଷା କରିବା ପାଇଁ ଏଇ ଟାଙ୍ଗିରେ ତାକୁ ଚେଟେ ଦେଲି । ତା ପରେ ତାର କ'ଣ ହେଲା ମୁଁ କହି ପାରିବିନି ।

ତଦନ୍ତ ସରିଲା ପରେ ସନ୍ୟାସୀକୁ ଜେଲଖାନାକୁ ପଠେଇ ଦିଆଗଲା । ତାର ଧାରଣା ଥିଲା ଜେଲଖାନା ଗୋଟେ ଜମାଳୟ । ଜେଲରେ ବାବୁଙ୍କର ପ୍ରାରମ୍ଭିକ ସାନ୍ତ୍ୱନା ତା ମନରେ ଆଣିଲା ଅପୂର୍ବ ପରିବର୍ତ୍ତନ । ଭିତରେ ଦେଖିଲା ଜନ-ସମୁଦ୍ର । ଭିତରକୁ ଗଲା ମାତ୍ରେ ବନ୍ଦୀ ଭାଇମାନେ ତାକୁ ସ୍ୱାଗତ କରି ନେଇଗଲେ । ତା' ମନ ଯେତେହେଲେ ଭାଙ୍ଗି ଯାଇଛି, ତା ଯୋଡ଼ି ହେଉଛି ବା କେତେବେଳେ ? ପୋଡ଼ା କାଠରେ ଯେତେ ଚନ୍ଦନ ବୋଳିଲେ ମଧ୍ୟ ସେ ପୂର୍ବ ପରି କଳାପଡ଼ି ରହିଲା । ଦିନ ପରେ ଦିନ ବିତିଗଲା । ବନ୍ଦୀ ଭାଇମାନଙ୍କ ସାଙ୍ଗେ ଚଳି ବଦଳିଗଲା ସନ୍ୟାସୀ । ତା କକା ପୁଅ ଭାଇ ନବୀନ ସାଙ୍ଗରେ ଘରେ ଥିଲା ବେଳେ ସେ କେତେଥର ତାଙ୍କ ସ୍କୁଲ ବୋର୍ଡ଼ିଂ ଦେଖିଛି । ତା ଯା ଭିତରେ କି ତଫାତ୍ ସେ ମୋଟେ ଠିକ୍ କରି ପାରୁନି । ମାନବ ଜୀବନ ସେ ଅନୁଭବ କରି ପାରିଲା । ଜେଲ-କର୍ମଠ, ଏସବୁ ସେ ଅନୁଭବ କରି ପାରିଲା । ଜେଲ-ଖାନାର ବିଦ୍ୟାଳୟ, ଚିକିତ୍ସା, ପୁସ୍ତକାଳୟ, କୃଷି, ଶିକ୍ଷା ପରିଷ୍କାର ପରିଚ୍ଛନ୍ନତା ଓ ଧର୍ମୋପଦେଶ ତା ମନରେ ଆଣିଲା ଏକ ଅଭିନବ ପରିବର୍ତ୍ତନ । ସେ ମନସ୍ଥ କଲା— ଏଇ ନିଆଁରେ ଜଳି ପୋଡ଼ି ସେ ଶୁଦ୍ଧ ସୁବର୍ଣ୍ଣ ହୋଇ ସମାଜରେ ପାଦ ମିଳାଇ ଚ୍ଛଲି ପାରିବ । ସନ୍ୟାସୀ

ସଂପୂର୍ଣ୍ଣ ନିରକ୍ଷର । ସେ ଗାଁରେ ଥିଲାବେଳେ କେତେଥର ଲୋକଙ୍କ ଠାରୁ ଶୁଣିଛି—ମୂର୍ଖଟା ଆଉ କ'ଣ କରିବ ? ତାର ଆତ୍ମଜ୍ଞାନ ଆସିବ କୁଆଡୁ ? ଲୋକମାନଙ୍କର ସେ ଧାରଣାକୁ ଦୂର କରିବା ପାଇଁ ସେ ନିୟମିତ ଜେଲ ସ୍କୁଲକୁ ଯାଇ ଜେଲ ଶିକ୍ଷକଙ୍କ ପାଖରେ ପଢ଼ା ଆରମ୍ଭ କଲା ।

ଉତ୍ସାହ ଅଗ୍ରଗତିର ପରିମାପକ । ମନର ପ୍ରବଳ ଉତ୍ସାହ ଯୋଗୁଁ ସେ ଅଳ୍ପ ଦିନ ଭିତରେ ଭଲ ଭାବରେ ପଢ଼ି ପାରିଥିଲା ଓ ଲେଖି ପାରିଲା । ଶେଷରେ ନିଜ ହାତରେ ଲେଖି ଘରକୁ ଖଣ୍ଡିଏ ଚିଠି ଦେଲା । ବାପା ଓ ମା ତାକୁ ସାକ୍ଷାତ କରିବାକୁ ଆସିଲେ ଓ ଜାମିନରେ ନେଇ ଯିବାକୁ କହିଲେ । ସନ୍ୟାସୀ ରାଜି ହେଲାନି । ସେ ବାପ ମାଆଙ୍କୁ କହିଲା—ଆଉ ମୁଁ ସେ ବିଷାକ୍ତ ବାୟୁ ମଣ୍ଡଳକୁ ଯାଇ ମାନସିକ ଅଶାନ୍ତି ବଢ଼ାଇବାକୁ ଚାହୁଁ ନାହିଁ । ଏଠିକାର ଶାନ୍ତ ସୁସ୍ଥ ବାତାବରଣ ମତେ ମାନବିକତାର ଆଲୋକ ଦେଇଛି । ବାପ ମା ଦେଖିବାକୁ ପାଇଲେ ପୁଅ ପୂର୍ବାପେକ୍ଷା ସୁସ୍ଥ ସବଳ ହୋଇଛି । ତାର ବ୍ୟବହାର ଅତି ମଧୁର । ଦୁଃଖ ପରିବର୍ତ୍ତେ ତାଙ୍କ ମନରେ ଆସିଲା ଅପୂର୍ବ ଆନନ୍ଦ । କିଛି ଦିନ ପରେ ତଳ କୋର୍ଟର ହାକିମ ସନ୍ୟାସୀକୁ ଉପର କୋର୍ଟକୁ ଚାଲାଣ କଲେ । ପ୍ରମାଣ ଅନୁସାରେ ଏଣିକି ସେସନସ୍ ଜଜ୍‌ଙ୍କ କୋର୍ଟରେ ତାର ଭାଗ୍ୟ ନିୟନ୍ତ୍ରିତ ହେବ ।

ଦିନ ପରେ ଦିନ ଗଡ଼ି ଚାଲିଲା । ଦୈବର ଆୟତ୍ତାଧୀନ ସବୁ । ସନ୍ୟାସୀକୁ ଦେଖିବାକୁ ମିଳୁଚି ବନ୍ଧୁକଧାରୀ ପ୍ରହରୀମାନଙ୍କ ମଧ୍ୟାରେ । କିଏ କ'ଣ ସେ ତା ବିଷୟରେ ଭାବି ଯାଉଛି ତାହା କହି ହେବ ନାହିଁ । ଜିଲ୍ଲା ଦୌରା-ଜଜ୍‌ଙ୍କ କୋର୍ଟରେ ତା ମକଦ୍ଦମାର ବିଚାର ଚାଲିଛି । ଦୁଇ ଦିନ ପରେ ଦିଆ ଗଲା ରାୟ—ସନ୍ୟାସୀକୁ ହେଲା ସାତ ବର୍ଷ କାରାଦଣ୍ଡ । ଦୁଃଖରେ ତା'ର ହୃଦୟ ଭାଙ୍ଗି ପଡ଼ିଲା । ଜେଲଖାନାକୁ ଆସିଲା । ସହ ବନ୍ଦୀ ଭାଇମାନେ ତାକୁ ସାନ୍ତ୍ୱନା ଦେଲେ । ଦୁର୍ଦ୍ଦଶାଗ୍ରସ୍ତ ଜୀବନ ଆଜି ତାର ନୂଆ ନୁହେଁ । କେତେ ଯେ ପୁଞ୍ଜୀଭୂତ ନୈରାଶ୍ୟ ତା ମୁଣ୍ଡରେ ଭାଙ୍ଗି ପଡ଼ିଲାଣି, ଅନୁଭବୀ କେବଳ ତାହା ଜାଣିଚି । ସେ ସହି ସହି ସବୁ ପଥର । ମଲା ଉପରେ କୋରଡ଼ା ମାଡ଼ ଦେଖଣାହାରୀ ମନକୁ ବିଦୀର୍ଣ୍ଣ କରି ପକାଏ ସିନା, କିନ୍ତୁ ମଡ଼ା ନିର୍ଜୀବ । ସେ ଏହା ପରେ ପାଷାଣରେ ପରିଣତ ହେବ । ସନ୍ୟାସୀର ଅସୀମ ଧୈର୍ଯ୍ୟ । ସେ ହିମାଳୟ ପରି ଅଟଳ ଓ ଅଚଳ ହୋଇ ରହିଲା । ସନ୍ୟାସୀ ସାତବର୍ଷ କାରାଦଣ୍ଡରେ ଦଣ୍ଡିତ ହେଲେ ସୁଦ୍ଧା ତାକୁ ଚାରିବର୍ଷ କେତେ ଦିନ ଦଣ୍ଡ ଭୋଗ କରିବାକୁ ପଡ଼ିଲା । କାରଣ ସଜାପାଇବା ପୂର୍ବରୁ ବିଚାରା-ଧୀନବନ୍ଦୀ ହିସାବରେ ସେ କିଛିଦିନ ଥିଲା । ତାହା କଟିଯିବା ପରେ ତାକୁ ଆଉ ଚାରିମାସ କେତେଦିନ ଭୋଗ କରିବାକୁ ପଡ଼ିଲା । ସନ୍ୟାସୀର କାର୍ଯ୍ୟକଳାପ ଜେଲଖାନାରେ ତାକୁ ବେଶୀଦିନ ରହିବାକୁ ଦେଲା ନାହିଁ । ଯେତେ ଦିନ ବା ରହିଲା ତା ଭିତରେ ବନ୍ଦୀ ଭାଇମାନଙ୍କର ଆଦରର ପାତ୍ର ହୋଇ ଥିଲା । ଅଫିସରମାନଙ୍କର ମଧ୍ୟ ପ୍ରୀତିଭାଜନ ହୋଇ ପାରିଥିଲା । ତା'ର ରହଣି କାଳ ଭିତରେ ସେ ଜଗୁଆଳି ହିସାବରେ ନିଯୁକ୍ତି ପାଇ କିଛି ଟଙ୍କା ରୋଜଗାର କରି ପାରିଥିଲା । କର୍ମମୟ ଜୀବନକୁ ଉଜ୍ଜ୍ୱଳତର କରିବା ପାଇଁ ସେ ବୟନ କାମରେ ଦକ୍ଷ ହୋଇ ପାରି ଥିଲା । ସେହି ଦକ୍ଷତା ହିଁ ତାର ଭାବୀ ପାରିବାରିକ ଜୀବନକୁ ମଧୁମୟ କରି ପାରିଲା ।

ଜେଲରୁ ଖଲାସ ହେବାର ଅବ୍ୟବହିତ ପୂର୍ବରୁ ବିଭାଗୀୟ ମୁକ୍ତବନ୍ଦୀ ଶିବିର ଅଫିସରଙ୍କ ସଂସ୍ପର୍ଶରେ ଆସି ଘରକୁ ନ ଯାଇ ସେ ମୁକ୍ତବନ୍ଦୀ ଶିବିରରେ ଯୋଗ ଦେଲା । ସେଠିକାର ବସବାସ ସନ୍ୟାସୀକୁ ଏକ ନୂତନ ସାମାଜିକ ଧାରାରେ ଗଢ଼ିଲା । ସମୟର ସଦ୍-ବ୍ୟବହାର କ'ଣ—ସେ ତାହା ଉପଲବ୍ଧି କଲା । ଅନ୍ୟ-ମାନଙ୍କ ଆଖିରେ ସେ ଆଦର୍ଶର ପାତ୍ର ହୋଇ ପାରିଲା । ସରକାରଙ୍କର ହସ୍ତ ତନ୍ତ ଶିଳ୍ପାନୁଷ୍ଠାନରେ କାମ କରି ଦୈନନ୍ଦିନ ୭ ଟଙ୍କା ଲେଖାଏଁ ପାଇଲା । ନିଜର କାର୍ଯ୍ୟ କୁଶଳତା ନେଇ କିଛିଦିନ ପରେ ସେ ମାସିକ ୪୫୦ ଟଙ୍କା ବେତନରେ ନିଯୁକ୍ତି ପାଇଲା । ପିତାମାତା ପୁଅର ଅଭୂତ-ପୂର୍ବ ସାଫଲ୍ୟରେ ନିଜକୁ ଗୌରବାନ୍ୱିତ ମନେ କଲେ । ଗାଁ ଗହଳରେ ସନ୍ୟାସୀର କାର୍ଯ୍ୟ କଳାପ କ୍ରମଶଃ ପ୍ରସାରିତ ହେବାକୁ ଲାଗିଲା । ସାମୟିକ ଘରକୁ ଯାଇ ସେ ଲୋକ-ମାନଙ୍କ ସହିତ ସହଯୋଗ କରି ବୟନ ଶିଳ୍ପ ସଂକ୍ରାନ୍ତରେ ଆଲୋଚନା କଲା । ସର୍ବସାଧାରଣ ସନ୍ୟାସୀର ଜ୍ଞାନ ଗାରିମା, ଆଚାର ବ୍ୟବହାର ଓ ଦୂରଦୃଷ୍ଟିର ପ୍ରଶଂସା କଲେ । ଶେଷରେ ସନ୍ୟାସୀର ପରିକଳ୍ପନା ଗ୍ରାମବାସୀ-ମାନଙ୍କର ସହଯୋଗରେ ଜୀବନ୍ତ ହୋଇ ଉଠିଲା । ଗ୍ରାମର କେତେକଜଣ ଶିକ୍ଷିତ ଯୁବକ ସରକାରଙ୍କଠାରୁ ଆର୍ଥିକ ସାହାଯ୍ୟ ଆଣି ଏକ ହସ୍ତତନ୍ତ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା କଲେ । ସନ୍ୟାସୀର ଶିକ୍ଷା ଗ୍ରାମବାସୀମାନଙ୍କୁ ବହୁତ ସାହାଯ୍ୟ କଲା । କ୍ରମଶଃ ଗ୍ରାମର ବେକାରୀ ସମସ୍ୟା ଦୂର ହେବାକୁ ଲାଗିଲା ।

ସନ୍ୟାସୀ ପିତାମାତାଙ୍କର ଆନନ୍ଦର ସୀମା ନ ଥିଲା । ମାଙ୍କର ଚିନ୍ତା ସନ୍ୟାସୀ କିପରି ଆଉଥରେ ବିବାହ କରି ସୁଖର ସଂସାର ଗଢ଼ିବ । ଗଲାକଥା ସବୁ ପଛକୁ ପକେଇ ଦେଇ ସନ୍ୟାସୀ ବାପାଙ୍କ ସହିତ କେତେ ଥର କହି କଲେଣି । ସନ୍ୟାସୀର ବାପା କହନ୍ତି, ସେ ପ୍ରଜାପତି ସମ୍ବନ୍ଧ । ମନୁଷ୍ୟ ହାତରେ କିଛି ନାହିଁ । ସମୟ ଆସିଲେ କେହି ତାକୁ ବାରଣ କରି ପାରିବେନି । ସତକୁ ସତ ସେ ସୁଯୋଗ ଆସି ପହଞ୍ଚିଲା । ସନ୍ୟାସୀ ବିବାହ କଲା ଜଣେ ଅସବର୍ଣ୍ଣ ସ୍ତ୍ରୀକୁ ଯେ କି ସନ୍ୟାସୀ ସହିତ କାନ୍ଧକୁ କାନ୍ଧ ମିଳାଇ ସୁନ୍ଦର ସଂସାର ଗଢ଼ି ପାରିଲା । ସନ୍ୟାସୀ ଜାତି ଧର୍ମ ନିର୍ବିଶେଷରେ ଜେଲଖାନାରେ ଚାହିଁ ଆସିଛି । ଦୁନିଆ ଆଖିରେ ସମସ୍ତେ ଏକ—ଏ ଧାରଣା ତାର ଦୃଢ଼ୀଭୂତ

[୩୪ ପୃଷ୍ଠା ଦେଖନ୍ତୁ]

# ଆମ ଜଙ୍ଗଲ ସମ୍ପଦ

ଶ୍ରୀ ଅଭୟ ଚରଣ ଖୁଣ୍ଟିଆ

ଜଙ୍ଗଲ ସହିତ ଭାରତୀୟ ସଂସ୍କୃତି ତଥା ସଭ୍ୟତା ଓତଃପ୍ରୋତ ଭାବେ ଜଡ଼ିତ । ଦିନ ଥିଲା ଏହି ଜଙ୍ଗଲ କେବଳ ହିଂସ୍ର ଶ୍ୱାପଦ, ଆଦିମ ଅଧିବାସୀ ତଥା ମୁନି ଋଷିଙ୍କ ଆବାସସ୍ଥଳି ରୂପେ ବ୍ୟବହୃତ ହେଉଥିଲା । ଏହାର ସାମାଜିକ, ଅର୍ଥନୈତିକ ଓ ଦୈନନ୍ଦିନ ଉପଯୋଗିତା ବିଷୟ ଚିନ୍ତା କରାଯାଉନଥିଲା ଓ ସେଥିପାଇଁ ସଭ୍ୟତାର କ୍ରମବିକାଶ ସହିତ ସମତାଳରେ ଚିନ୍ତାଶୂନ୍ୟ ଭାବରେ ଜଙ୍ଗଲ ସଫା କରି ନୂତନ ବସତି ତଥା ଚାଷ ଜମି ଓ କଳକାରଖାନାମାନ ଗଢି ଉଠିଥିଲା । ଜଙ୍ଗଲର ଧ୍ୱଂସ ସଙ୍ଗେ ସଙ୍ଗେ ଭୂପୃଷ୍ଠ ଓ ଜଳବାୟୁ ମଧ୍ୟରେ ଥିବା ପ୍ରାକୃତିକ ବିପର୍ଯ୍ୟୟ ଯଥା ଅତି ବୃଷ୍ଟି, ଅନାବୃଷ୍ଟି, ପ୍ରଳୟଙ୍କରୀ ବନ୍ୟା, ଶୈତ୍ୟ ପ୍ରବାହ କିଂବା ଉଷ୍ଣ ପ୍ରବାହର ବୃଦ୍ଧି, ନଦୀଶଯ୍ୟାର ପରିବର୍ତ୍ତନ, ଉପକୂଳବର୍ତ୍ତୀ ଅଞ୍ଚଳରେ ଝଡ ବାତ୍ୟା ଓ ଆଭ୍ୟନ୍ତରୀଣ ଅଞ୍ଚଳରେ ଘୂର୍ଣ୍ଣିବାତ୍ୟା ସାଙ୍ଗକୁ ସମୁଦ୍ରକୂଳବର୍ତ୍ତୀ ତଥା ମରୁଭୂମି ସୀମାନ୍ତରେ ବାଲୁକା ପ୍ରାନ୍ତରର ବୃଦ୍ଧି ଘଟି କ୍ରମବର୍ଦ୍ଧମାନ ଜନସମାଜକୁ ବହୁବିଧ ସମସ୍ୟାରେ ଉପ୍ପୀଡ଼ିତ କଲା ।

ଆଧୁନିକ ସଭ୍ୟତାର ଯାବତୀୟ ଦୈନନ୍ଦିନ ଆବଶ୍ୟକତା ପାଇଁ ଜଙ୍ଗଲଜାତ କଞ୍ଚାମାଲ ଅପରିହାର୍ଯ୍ୟ । ଜଙ୍ଗଲରୁ ଉତ୍ପନ୍ନ କାଠ, ବାଉଁଶ, ମହୁ, ଝୁଣା, ପାଳୁଅ, ବିଭିନ୍ନ ପ୍ରକାର ଗଛର ଛାଲି, ଫୁଲ, ଫଳ ଓ ଚେର, ଲାଖ, ବିଭିନ୍ନ ଖଣିଜ ପଦାର୍ଥ, ଜାଳେଣୀ କାଠ, କାଗଜ ମଣ୍ଡ, ରେଜିନ୍, ବିଭିନ୍ନ ପ୍ରକାର ଔଷଧ ଓ ତନ୍ତୁ, କଳକାରଖାନାର କଞ୍ଚାମାଲ ଭାବେ ବ୍ୟବହୃତ ହୋଇ ମାନବ ସମାଜର ଅଶେଷ କଲ୍ୟାଣ ସାଧନ କରିଥାଏ । ଆଧୁନିକ ସଭ୍ୟତାର ଉପଜାତ ଦୂଷିତ ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ସଦୁପଯୋଗ ମଧ୍ୟ ଆମର ଏହି ସବୁଜ ବନଲତା କରିଥାଏ । ଜଙ୍ଗଲ ଯୋଗୁଁ ବର୍ଷାଜଳ ସିଧାସଳଖ ଭୂମିସ୍ପର୍ଶ ନ କରି ବାଧା ପ୍ରାପ୍ତ ହୁଏ ଓ ବନ ଭୂମି ଉପରେ ଜମିଥିବା ପତ୍ର ଓ ଡ଼ାଳ ସବୁ ପଚି ଉତ୍କୃଷ୍ଟ ଖତ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ମାଟି ଉପରେ ଏକ ସ୍ୱଚ୍ଛ ରଜି ଆବରଣ ସୃଷ୍ଟି କରିଥାଏ । ଏହା ବର୍ଷା ଜଳକୁ ଅଧିକ ସମୟ ଧରି ରଖେ ଓ ମୃତ୍ତିକା କ୍ଷୟ ହେବାକୁ ବନ୍ଦ କରେ । ସୁତରାଂ ଭୂନିମ୍ନସ୍ଥ ଜଳ ପତନ ବୃଦ୍ଧି ପ୍ରାପ୍ତ ହୁଏ ତଥା ନଦୀ ଅବବାହିକାଗୁଡ଼ିକ ଉର୍ବର ଓ ଶସ୍ୟ ଶ୍ୟାମଳ ହୋଇ ଥାଏ ।

ଓଡ଼ିଶାର ମୋଟ ୬୭,୪୦୦ ବର୍ଗ କିଲୋମିଟର ବ୍ୟାପ୍ତ ଜଙ୍ଗଲ ଏହାର ମୋଟ ଭୌଗୋଳିକ ଆୟତନର ଶତକଡ଼ା ୪୦ ଭାଗ ହୋଇଥିଲେ ହେଁ ପ୍ରାୟ ଅର୍ଦ୍ଧାଧିକ ଜଙ୍ଗଲ ଏହାର ପ୍ରାକୃତିକ ଗୁଣ ହରାଇ ବସିଲାଣି । ଅଧିକାଂଶ କ୍ଷେତ୍ରରେ ଚିହ୍ନିତ ଏବଂ ଅଚିହ୍ନିତ ଖେସରା ଜଙ୍ଗଲ ଏବଂ କୋରାପୁଟ, ଫୁଲବାଣୀ, ଗଞ୍ଜାମ, କଳାହାଣ୍ଡି, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାର ସଂରକ୍ଷିତ ଜଙ୍ଗଲଗୁଡ଼ିକ ପୋଡୁଚାଷ ତଥା ବେଆଇନ୍ ଜବର ଦଖଲ ଯୋଗୁଁ ଧ୍ୱଂସପ୍ରାପ୍ତ ହେବାକୁ ଲାଗିଛି । ଏତଦ୍‌ବ୍ୟତୀତ ବିଭିନ୍ନ ଜଳ ବିଦ୍ୟୁତ୍ ପରିକଳ୍ପନା, କଳକାରଖାନା ତଥା ନୂତନ ବସତି ସ୍ଥାପନ ଓ ଭୂମିହୀନଙ୍କୁ ଭୂମି ଯୋଗାଣ କାର୍ଯ୍ୟକ୍ରମ ହେତୁ ବିଗତ ବର୍ଷମାନଙ୍କରେ ରାଜ୍ୟର ଜଙ୍ଗଲ ଆୟତନ କମି କମି ଯାଉଛି । ତୁଳନାତ୍ମକ ଭାବରେ ଦେଖିଲେ ଓଡ଼ିଶାର ଜଙ୍ଗଲ ରାଜସ୍ୱ ଭାରତର ଅନ୍ୟ ସମସ୍ତ ରାଜ୍ୟର ଜଙ୍ଗଲ ରାଜସ୍ୱଠାରୁ କମ୍ । ଏହାର ମୁଖ୍ୟ କାରଣ ହେଲା ଜଙ୍ଗଲ ଉନ୍ନୟନ ପାଇଁ ଆର୍ଥିକ ଉପଯୋଗ ତଥା ରାଜ୍ୟର ଜନସାଧାରଣଙ୍କର ଜଙ୍ଗଲ ପ୍ରତି ବିତୃଷ୍ଣାଭାବ ।

ଗତ ୧୯୬୭ ମସିହାରେ ବାତ୍ୟା ବିପର୍ଯ୍ୟୟଠାରୁ ରାଜ୍ୟରେ କ୍ରମାଗତ ଭାବରେ ବାତ୍ୟା ଓ ବନ୍ୟା ତଥା ଘୂର୍ଣ୍ଣିବାତ୍ୟାର ପ୍ରକୋପ ଲାଗି ରହି ବହୁ ଧନଜୀବନ ହାନି ହୋଇଅଛି । ଏ ସବୁର ବୈଜ୍ଞାନିକ ମୂଳଭିତ୍ତି ଅନିୟନ୍ତ୍ରିତ ଜଙ୍ଗଲ ନଷ୍ଟ ବୋଲି ଜଣାଯିବା ପରେ ସରକାରଙ୍କ ତରଫରୁ ତଥା କେନ୍ଦ୍ରୀୟ ସାହାଯ୍ୟ ବିନିଯୋଗରେ ଉପକୂଳବର୍ତ୍ତୀ ଅଞ୍ଚଳରେ ଏକ କିଲୋମିଟର ଓସାରର ଝାଉଁ, କାଜୁବାଦାମ, ନଡ଼ିଆ ଓ ପୋଲଙ୍ଗର କୃତ୍ରିମ ଜଙ୍ଗଲ ସୃଷ୍ଟି କରାଯାଉଛି । ଏହା ବାତ୍ୟା ନିରୋଧ କରିବା ସଙ୍ଗେ ସଙ୍ଗେ, ଉପକୂଳ ଅଞ୍ଚଳର ଅଧିବାସୀମାନଙ୍କର ପ୍ରଭୂତ ଉପକାର ସାଧନ କରିବ । ସେହିପରି ରାଜ୍ୟର ସମସ୍ତ ପତିତ, ଅନାବାଦୀ, ଓ ନଦୀ

ପୁନଶ୍ଚ ଶ୍ରୀ ମନ୍ଦିରର କାନ୍ଥରେ ଥିବା ଅଶ୍ଳୀଳ-ମୂର୍ତ୍ତି, ରଥଯାତ୍ରାବେଳେ ବେତ ହାତରେ ଅଶ୍ଳୀଳ ଇଙ୍ଗିତ ଦେଇ ରଥ ଉପରେ ବୋଲା ହେଉଥିବା ଡାହୁକ ଗୀତ ଆଦି ବାସ୍ତବିକ୍ କେତେ ଶାଳୀନତା ବିହୀନ ତଥା ବିକାର ପୂର୍ଣ୍ଣ ଘଟଣା ତାହା ବିସ୍ମୟ । କେବଳ ସେତିକି ନୁହେଁ ଏକମନ, ଏକ ପ୍ରାଣ, ବଡ଼ସାନ, ଉଚ୍ଚନୀଚ, ଛୁଆଁ ଅଛୁଆଁ ଆଦି ଭେଦଭାବ ଭୁଲି ଏକତ୍ର ରଥ ଟାଣିବା ପର୍ଯ୍ୟନ୍ତ ସମସ୍ତ ଘଟଣା ବୈଜ୍ଞାନିକ ତଥା ସ୍ୱାସ୍ଥ୍ୟ ସଂପର୍କୀୟ ବସ୍ତୁ ମଧ୍ୟରେ ସଂପୂର୍ଣ୍ଣ ଘୃଣ୍ୟ ଓ ବିକାର ପୂର୍ଣ୍ଣ ଅଟେ ।

ଜଗନ୍ନାଥ ମନ୍ଦିରର ଭିତର ପୋଖରୀଆ ଯେଉଁଠାରେ କି ଗୋଟିଏ ମାତ୍ର ଦ୍ୱାର ଅଛି କିନ୍ତୁ ବାୟୁ ଚଳାଚଳର କୌଣସି ସୁବିଧା ନାହିଁ ତାହା ହେଉଛି ଶ୍ରୀ ମନ୍ଦିରର ନିତ୍ୟ-ଲୀଳା କ୍ଷେତ୍ର ଓ ଭକ୍ତମାନଙ୍କର ପରମ ପବିତ୍ର ସ୍ଥାନ । ଏତିକି ନୁହେଁ, ଯାହାକୁ ଆମେ ଜଗତର ନାଥ ଜଗନ୍ନାଥ କହୁଛେ ଓ ଯାହାକୁ ଦର୍ଶନ କରିବା ପାଇଁ କେବଳ ଭାରତ ନୁହେଁ ଭାରତ ବାହାରୁ ସହସ୍ରାଧିକ ଭକ୍ତ ରଥଯାତ୍ରାବେଳେ ଆସନ୍ତି, ଠିକ୍ ସେତିକିବେଳେ ଆମର ସେବକମାନେ ମହାପ୍ରଭୁଙ୍କୁ ଅଣସର ପିଣ୍ଡରୁ ବାଇଶ ପାହାଚ ବାଟେ ପହଣ୍ଡି କରାଇ ଅର୍ଥାତ୍ କଡ଼ି କଡ଼ି ଏପଟକୁ ସେପଟକୁ ଢଳାଇ ପେଟ ପିଠି ଲଗାଇ ରଥ ଉପରକୁ ଆନନ୍ଦିତ ମନରେ ନିଅନ୍ତି ଓ ସେହିଭଳି ମଧ୍ୟ ରଥ ଉପରୁ ସିଂହାସନକୁ ନିଅନ୍ତି । ଏହି ରଥକୁ ପୁଣି ଲକ୍ଷେ ରାଜାର ମଉଡ଼ମଣି ଗଜପତି ମହାରାଜା ଜନସମାଜ ଆଗରେ ଓଳାଇବା ସଙ୍ଗେ ସଙ୍ଗେ ଚନ୍ଦନ କର୍ପୁର ଜଳ ଛିଞ୍ଚନ୍ତି । ଏହା କଣ ପ୍ରକୃତରେ ବିକାର ପୂର୍ଣ୍ଣ ଘଟଣା ନୁହେଁ ।

ସବୁଠାରୁ ବୋଧହୁଏ ବେଶୀ ବିକାର ଯୁକ୍ତ ଘଟଣା ହେଉଛି ଜଗନ୍ନାଥଙ୍କ ମହାପ୍ରସାଦ ବୁହା ଓ ପ୍ରସାଦ ବିକ୍ରୟ । ମହାପ୍ରସାଦ ବୁହା ବେଳେ ସୁଆରମାନଙ୍କର ସ୍ୱେଦସିକ୍ତ କଳା ମଚ ମଚ ଶରୀର, ତା ସାଙ୍ଗକୁ ଆନନ୍ଦ ବଜାରରେ ପ୍ରସାଦ ବିକ୍ରୟ ବେଳେ ଯେ କୌଣସି ବ୍ୟକ୍ତି ବିନା ଦ୍ୱିଧାରେ ବିକ୍ରୟ ଦ୍ରବ୍ୟରେ ହାତ ମାରି ତାର ସ୍ୱାଦ ପରୀକ୍ଷା କରିବା ଓ ହାତ ନଧୋଇ ଅନ୍ୟସ୍ଥାନରୁ ମଧ୍ୟ ପ୍ରସାଦ ଚାଖିବା ଆଦି ବିକାର ପୂର୍ଣ୍ଣ ଘଟଣା । ଏହା ଏକ ପକ୍ଷରେ ସ୍ୱାସ୍ଥ୍ୟ ହାନିକର ଓ ଅପର ପକ୍ଷରେ ବିଜ୍ଞାନଦ୍ୱାରା ଅସମର୍ଥିତ ।

ଏହିପରି କେତେଗୁଡ଼ିଏ ବିକାର ପୂର୍ଣ୍ଣ ଘଟଣାଦ୍ୱାରା ଶ୍ରୀ ମନ୍ଦିର ପରିପୂର୍ଣ୍ଣ । ତେଣୁ ଯେଉଁ ବ୍ୟକ୍ତି ଦୃଷ୍ଟିରେ ଏହି ସବୁ ଘଟଣା ସ୍ପଷ୍ଟ ଭାବରେ ରୂପାୟିତ ହେବା ସଙ୍ଗେ ସଙ୍ଗେ ଜଗନ୍ନାଥଙ୍କର ମହିମା ଗାନରେ ନିଜକୁ ନିମଜ୍ଜମାନ କରେ ସେ ପ୍ରକୃତରେ ଜଗନ୍ନାଥଙ୍କୁ ଦେଖେ ନାହିଁ—ଦେଖେ ନିମଦାରୁରେ ନିର୍ମିତ ଦାରୁ ବିଗ୍ରହଙ୍କୁ ।

କିନ୍ତୁ ଏହି ଜଗନ୍ନାଥ ଧାମ ହେଉଛି ବାସ୍ତବିକ୍ ଏକ "ଅବିକାର ପାଟଣା" । "ଅବିକାର ପାଟଣା" ଅର୍ଥ ହେଉଛି ନିର୍ବିକାର, ଘୃଣାରହିତ, ଅପରିବର୍ତ୍ତିତ ସହର ବା ନଗର । ଯେଉଁ କ୍ଷେତ୍ରରେ ବା ନଗରରେ ପ୍ରସାଦ ଓ ପାଦୋଦକକୁ ସେବନ କଲେ ବା ଅଶ୍ଳୀଳ ମୂର୍ତ୍ତି ଦର୍ଶନ କଲେ ବା ଅଶ୍ଳୀଳ ଗୀତ ଶ୍ରବଣ କଲେ କିମ୍ବା ଛୁଆଁ ଅଛୁଆଁର ଭେଦ ଭାବକୁ ଭୁଲି ଏକତ୍ର ଭୋଜନଠାରୁ ଆରମ୍ଭ କରି ଏକତ୍ର କର୍ମ କଲେ ମଧ୍ୟ ମନରେ କୌଣସି ବିକାର ଭାବ ଜାଗ୍ରତ ହୁଏନି ସେହି କ୍ଷେତ୍ର ବା ନଗର ହେଉଛି "ଅବିକାର ପାଟଣା" । ଯେଉଁ ବ୍ୟକ୍ତିର ଆତ୍ମା ଏହି ମହନୀୟ ଭାବଦ୍ୱାରା ମଣ୍ଡିତ ସେ ହେଉଛି 'ନିର୍ବିକାର ଆତ୍ମା' । ତେଣୁ ଏହିଭଳି ନିର୍ବିକାର ଆତ୍ମା ସଂପନ୍ନ ବ୍ୟକ୍ତି ପୁରୀ ଜଗନ୍ନାଥଧାମ ଭଳି 'ଅବିକାର ପାଟଣା'ରେ ନିରାକାରରୂପୀ ପରଂବ୍ରହ୍ମ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ପାରିବ । ଏହି ଦର୍ଶନଦ୍ୱାରା ବା ଏହି ଭାବଦ୍ୱାରା ସେ ଦାରୁ ବିଗ୍ରହ ଜଗନ୍ନାଥଙ୍କୁ ଦର୍ଶନ ନକରି ପରଂବ୍ରହ୍ମ ରୂପୀ ନିରାକାର ବିଷ୍ଣୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ମୁକ୍ତି ଲାଭ କରିପାରିବ । ତେଣୁ ଯଥାର୍ଥରେ ଏହି କ୍ଷେତ୍ରକୁ "ଅବିକାର ପାଟଣା ବିକାର ନାହିଁ ଯହିଁ" କୁହାଯିବା ଦ୍ୱାରା ଏହି କ୍ଷେତ୍ରକୁ ଏକ ପରମ ପବିତ୍ର ସାଧନା କ୍ଷେତ୍ର କୁହା ଯାଉଛି । ଏହି କ୍ଷେତ୍ରରେ ପ୍ରତ୍ୟହ ଛାତିଏ ପଉଟି ଭୋଗ ମହାପ୍ରଭୁଙ୍କୁ ନିବେଦନ କରାଗଲେ ମଧ୍ୟ ଏହା ହେଉଛି ପ୍ରଗାଢ଼ ଯୋଗ କ୍ଷେତ୍ର । ଯଦ୍ଦ୍ୱାରା ଦୂର ବିଦେଶାଗତ ସାଧୁ ସନ୍ଥ ଆଦି ଏହି କ୍ଷେତ୍ରକୁ ନିଜ ନିଜର ଧର୍ମ ପ୍ରଚାର ପାଇଁ ଆସିଲେ ମଧ୍ୟ ଜଗନ୍ନାଥ ଚେତନା ମଧ୍ୟରେ ନିଜକୁ ଲୀନ କରିଦେବା ସଙ୍ଗେ ସଙ୍ଗେ ଗାଇ ଉଠିଛନ୍ତି :—

"ଜଗନ୍ନାଥ କିଛି ମାଗୁନାହିଁ ତୋତେ
ଧନ ମାଗୁ ନାହିଁ ଜନ ମାଗୁ ନାହିଁ
ମାଗୁଛି ଶରଧା ବାଲିରୁ ହାତେ ।"

କିମ୍ବା ଶ୍ରୀଜଗନ୍ନାଥଙ୍କ ବିକାରଯୁକ୍ତ ମହାପ୍ରସାଦକୁ ଖାଇ ଆନନ୍ଦ ମନରେ ଗାଇ ଉଠୁଛି :—

"କୃତାର୍ଥୋହଂ କୃତାର୍ଥୋହଂ କୃତାର୍ଥୋହଂ ନ ସଂଶୟଃ
ଦେବ ଦେବ ଜଗନ୍ନାଥ ତବ ନିର୍ମାଲ୍ୟ ଭକ୍ଷଣାତ୍ ।"

ଜଗନ୍ନାଥଙ୍କ ନିର୍ମାଲ୍ୟ ପ୍ରସାଦ ଭକ୍ଷଣ କରି ଭକ୍ତ କୃତାର୍ଥ ହେବା ସଙ୍ଗେ ସଙ୍ଗେ ଜଗନ୍ନାଥଙ୍କ ଠାରୁ ଧନ, ଜନ, ଗୋପ ଲକ୍ଷ୍ମୀ କିଛି ଲୋଡ଼ିନି କେବଳ ଲୋଡ଼ୁଛି ସହସ୍ରାଧିକ ସାଧୁସନ୍ୟାସୀଙ୍କର ଚରଣରେଣୁ ସ୍ପର୍ଶରେ ଯେଉଁ ଶରଧା ବାଲି ପବିତ୍ର ଓ ଯେଉଁ ଶରଧା ବାଲିର ଶରଧାକୁ ଦୂରେଇ ନପାରି ପ୍ରତି ବର୍ଷ ଜଗନ୍ନାଥ ନନ୍ଦିଘୋଷ ରଥରେ ଚଢ଼ି ଥରେ ମାତ୍ର ଜନ୍ମସ୍ଥଳୀ ଗୁଣ୍ଡିଚା ମନ୍ଦିରକୁ ଆସନ୍ତି, ସେହି ଶରଧା ବାଲିରେ ଟିକିଏ ମାତ୍ର ଆଶ୍ରୟ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରି ନିଜର ଜୀବନ ସାର୍ଥକ କରିପାରିବ ।

ପରିଶେଷରେ ଏତିକି ମାତ୍ର କୁହାଯାଇ ପାରେ ଯେ ଏହି କ୍ଷେତ୍ର ଭୋଗର କ୍ଷେତ୍ର ନୁହେଁ, ଏହା ହେଉଛି ଯୋଗର

[୩୪ ପୃଷ୍ଠା ଦେଖନ୍ତୁ]

# ଓଡ଼ିଶାରେ ମତ୍ସ୍ୟଚାଷର ବିକାଶ

**ଶ୍ରୀ ସୋମନାଥ ମିଶ୍ର**


ଓଡ଼ିଶାରେ ସମଗ୍ର ଜନସଂଖ୍ୟା ଦୁଇ କୋଟି କୋଡ଼ିଏ ଲକ୍ଷ ଭିତରୁ ବୈଷ୍ଣବ, ବ୍ରାହ୍ମଣ ଜାତିର ବିଧବା, ଶିଶୁ ପ୍ରଭୃତି ପ୍ରାୟ ୭୦ ଲକ୍ଷଙ୍କୁ ବାଦ୍ ଦେଲେ ଆଉ ଦେଢ଼ କୋଟି ଲୋକ ମତ୍ସ୍ୟଭୋଜୀ । ମାଛ ଗୋଟିଏ ଉତ୍କୃଷ୍ଟ ପ୍ରୋଟିନ୍‌ଭରା ଖାଦ୍ୟ ଏବଂ ସାଧାରଣ ଓଡ଼ିଶା ଜନତାଙ୍କ ପାଇଁ ପୁଷ୍ଟିକର ଖାଦ୍ୟ ଦୁର୍ମୂଲ୍ୟ ଓ ଦୁଷ୍ପ୍ରାପ୍ୟ ହେଉଥିବାରୁ ମତ୍ସ୍ୟଚାଷର ବିକାଶ ଘଟାଇ ଯଦି ପ୍ରତ୍ୟେକ ଆମିଷାଶୀ ଲୋକଙ୍କୁ ଦୈନିକ ୭୫ ଗ୍ରାମ୍ ମାଛ ସୁଲଭ ମୂଲ୍ୟରେ ଯୋଗାଇ ଦିଆଯାଇ ପାରନ୍ତା ତା'ହେଲେ ଖାଲି ଜାତୀୟ ସ୍ୱାସ୍ଥ୍ୟର ଉନ୍ନତି ପରିଲକ୍ଷିତ ହୁଅନ୍ତା ନାହିଁ, ସରକାର ମଧ୍ୟ ବିପୁଳ ଲୋକପ୍ରିୟତା ଅର୍ଜନ କରିପାରନ୍ତେ । ଦେଢ଼ କୋଟି ଲୋକ ବର୍ଷର ୩୬୫ ଦିନରୁ ଯଦି ୩୦୦ ଦିନ ପ୍ରତ୍ୟେକ ଦୈନିକ ୭୫ ଗ୍ରାମ୍ ମାଛ ଖାଇବେ ତାହାହେଲେ ଆମ ରାଜ୍ୟରେ ବାର୍ଷିକ ୩ ଲକ୍ଷ ୩୭ ହଜାର ୫୦୦ ଟନ୍ ମାଛ ଆବଶ୍ୟକ ହେବ । ସରକାରୀ ଅଟକଳରୁ ଜଣାଯାଏ ଏପରି ବିରାଟ ପରିମାଣର ଆବଶ୍ୟକତାସ୍ଥଳେ ଆଜିକାଲି ଓଡ଼ିଶାର ସବୁ ସୂତ୍ରରୁ ବାର୍ଷିକ ମୋଟେ ୪୦,୦୦୦ ଟନ ମାଛ ଧରାହେଉଛି ଏବଂ ସେଥିରୁ ପୁଣି ପ୍ରାୟ ଏକ ପଞ୍ଚମାଂଶ କଲିକତା, ଖଡ଼୍ଗପୁର ଓ ଜାମସେଦ୍‌ପୁର ପ୍ରଭୃତି ସ୍ଥାନକୁ ରପ୍ତାନୀ ହୋଇ ଯାଉଛି । ଫଳତଃ ଓଡ଼ିଶା ଲୋକଙ୍କ ପାଇଁ ପୁଷ୍ଟିକର ଖାଦ୍ୟର ଘୋର ଅନାଟନ ପରିଲକ୍ଷିତ ହେଉଛି ।

ପ୍ରଥମ ତିନି ପଞ୍ଚବାର୍ଷିକ ଯୋଜନା କାଳରେ ଗ୍ରାମାଞ୍ଚଳ ଜଳାଶୟ ମଧ୍ୟରେ ମତ୍ସ୍ୟଚାଷ ବଢ଼ାଇବା ପାଇଁ କେତେକ ଦୃଢ଼ ପଦକ୍ଷେପ ନିଆ ହୋଇଥିଲା ଏବଂ ସେପରି ଚେଷ୍ଟା ଫଳବତୀ ହୋଇଥିଲା ମଧ୍ୟ । ପଞ୍ଚବାର୍ଷିକ ଯୋଜନା ପୂର୍ବରୁ ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗିର, ସୁନ୍ଦରଗଡ଼ ଓ କୋରାପୁଟ ଜିଲ୍ଲାରେ ନଦୀକୂଳ ଛଡ଼ା ଅନ୍ୟତ୍ର କେଉଁଠି ଗୋଟିଏ ବଡ଼ କାତି ମାଛ ଦେଖିବାକୁ ମିଳୁ ନଥିଲା । ପ୍ରଥମ ତିନୋଟି ପଞ୍ଚବାର୍ଷିକ ଯୋଜନାକାଳ ମଧ୍ୟରେ ସେ ସବୁ ଜିଲ୍ଲାର ଗ୍ରାମପଞ୍ଚାୟତମାନେ ବହୁ ଜଳାଶୟମାନଙ୍କରେ ମାଛ ଜାଆଁଳ ଛାଡ଼ିଲେ ଏବଂ ଚାରିଆଡ଼େ ବଡ଼ ମାଛ ମିଳିଲା । ଗଞ୍ଜାମ ଜିଲାର ଗ୍ରାମପଞ୍ଚାୟତମାନେ ଏସଂପର୍କରେ ଉଲ୍ଲେଖଯୋଗ୍ୟ କୃତିତ୍ୱ ହାସଲ କଲେ । ଦୁଃଖର ବିଷୟ ପରବର୍ତ୍ତୀ ତିନୋଟି ପଞ୍ଚବାର୍ଷିକ ଯୋଜନା କାଳରେ ମତ୍ସ୍ୟଚାଷର ଅଗ୍ରଗତି ଝିମେଇ ଯାଇଛି । ପାରାଦୀପ, ଗୋପାଳପୁର ଓ ପୁରୀ ନିକଟସ୍ଥ ସମୁଦ୍ରରୁ ଆଜିକାଲି ଅପେକ୍ଷାକୃତ ବେଶି ମାଛ ଧରାହେଉଥିଲେ ହେଁ ଗ୍ରାମାଞ୍ଚଳ ଜଳାଶୟମାନଙ୍କରୁ ଉତ୍ପାଦନ ମୋଟେ ବଢ଼ୁନାହିଁ ଏବଂ ଚିଲିକା ହ୍ରଦର ମତ୍ସ୍ୟୋତ୍ପାଦନ କ୍ରମଶଃ କମୁଛି । କାଳକ୍ରମେ ମାଛର ଚାହିଦା ଓ ଲୋକପ୍ରିୟତା ବଢ଼ି ଚାଲିଛି ଅଥଚ ସେହି ଅନୁପାତରେ ଉତ୍ପାଦନ ବଢ଼ୁ ନଥିବାରୁ ଅଳ୍ପବିତ୍ତ ଲୋକେ ବଜାର ଦରରେ ମାଛ କିଣି ଖାଇ ପାରୁନାହାନ୍ତି । ଓଡ଼ିଶାରେ ନଦୀ ସଂଖ୍ୟା କମ୍ ନୁହେଁ ଏବଂ ସୁବର୍ଣ୍ଣରେଖା, ବୈତରଣୀ,ବ୍ରାହ୍ମଣୀ, ମହାନଦୀ, ଦେବୀ ଓ ଋଷିକୁଲ୍ୟାର ମତ୍ସ୍ୟବହୁଳ ମୁହାଣ ଅଞ୍ଚଳ ସୁବିସ୍ତୃତ । ସର୍ବୋପରି ସୁବୃହତ ଚିଲିକା ହ୍ରଦ ମତ୍ସ୍ୟୋତ୍ପାଦନ ବଢ଼ାଇବା ପାଇଁ ଉତ୍କୃଷ୍ଟ କ୍ଷେତ୍ର । ଏସବୁ ଅଞ୍ଚଳରେ ସୁଚିନ୍ତିତ ଯୋଜନାମାନ କାର୍ଯ୍ୟକାରୀ କରାଗଲେ ମତ୍ସ୍ୟ ଉତ୍ପାଦନ ବହୁ ପରିମାଣରେ ବଢ଼ିପାରନ୍ତା ।

ଦୁଃଖର କଥା ଆମ ରାଜ୍ୟରେ ମତ୍ସ୍ୟୋତ୍ପାଦନ ପାଇଁ ଏପରି ପ୍ରଶସ୍ତ କ୍ଷେତ୍ର ଥିଲେ ସୁଦ୍ଧା ଆଜିକାଲି ପ୍ରତ୍ୟହ ଆନ୍ଧ୍ର ପ୍ରଦେଶରୁ ଭୁବନେଶ୍ୱର, କଟକ ପ୍ରଭୃତି ଅଞ୍ଚଳକୁ ମାଛ ଆମଦାନୀ କରାଯାଉଛି । ଚିଲିକା ହ୍ରଦରୁ ୨୦ ବର୍ଷ ପୂର୍ବେ ବାର୍ଷିକ ୪,୭୦୦ ଟନ ମାଛ ଧରାଯାଉଥିଲା । ଆଜିକାଲି ତାହାର ପରିମାଣ ୩,୦୦୦ ଟନ୍‌କୁ ଖସି ଆସିଲଣି । ସମୁଦ୍ର ସହିତ ହ୍ରଦର ସଂଯୋଗ ବାଲିଦ୍ୱାରା ପୋତି ହୋଇଯାଉଥିବାରୁ ସମୁଦ୍ର ଭିତରୁ ଯଥେଷ୍ଟ ପରିମାଣରେ ମାଛ ହ୍ରଦ ଭିତରକୁ ଆସି ପାରୁନାହାନ୍ତି । ଯାନ୍ତ୍ରିକ ଉପାୟରେ ବାଲିକାଢ଼ି ହ୍ରଦର ମୁହଁକୁ ଉନ୍ମୁକ୍ତ ରଖିବାକୁ ହେବ । ଦୟା ଓ ଭାର୍ଗବୀ ନଦୀର ବନ୍ୟା ପଟୁ ଜମାକରି ଚିଲିକାର ଦାଢ଼ରେ ବିସ୍ତୃତ ଅଞ୍ଚଳକୁ ପୋତି ପକାଉଛି ଏବଂ ତଦ୍ଦ୍ୱାରା ହ୍ରଦର ଆୟତନ କ୍ରମଶଃ ସଂକୁଚିତ ହୋଇ ଯାଉଛି । ସେସବୁ ଅଞ୍ଚଳରେ ଆଡ଼ିବନ୍ଧ ପକାଇ ପୋତି ହୋଇ ଯାଇଥିବା ଅଞ୍ଚଳରେ ଅଳ୍ପ ଖର୍ଚ୍ଚରେ ବଡ଼ ବଡ଼ ଜଳାଶୟ ତିଆରି କରାଯାଇ ପାରିବ ଏବଂ ସେଥିରେ ମାଛ ଚାଷ କରାଯାଇ ପାରିବ । ଏସବୁ ପାଇଁ ମତ୍ସ୍ୟ ବିଭାଗ ଗୋଟିଏ ବଡ଼ ଯୋଜନା ତିଆରି କରିଥିଲେ ଏବଂ ଆଶା କରାଯାଉଥିଲା ଯେ ବିଶ୍ୱବ୍ୟାଙ୍କ ସହାୟତାରେ ସରକାର

ସେ ଯୋଜନା କାର୍ଯ୍ୟକାରୀ କରିବେ । ନବଗଠିତ ବେଳାଭୂମି ଓ ଚିଲିକା ଉନ୍ନୟନ ନିଗମଙ୍କ ଦ୍ୱାରା ସେ ଯୋଜନା କାର୍ଯ୍ୟକାରୀ କରିବେ ବୋଲି କୁଆଡ଼େ ଏମଧ୍ୟରେ ସରକାର ନିଷ୍ପତ୍ତି କରିଛନ୍ତି । ଯାହା ଦ୍ୱାରା ହେଉ ସେ ଯୋଜନା ସର୍ବାଗ୍ରାଧିକାର ଲାଭ କରି କାର୍ଯ୍ୟକାରୀ ହେବା ଉଚିତ । ଏହି ଯୋଜନାର ସଫଳତା ଉପରେ ନବଗଠିତ ନିଗମର ସୁନାମ ବହୁ ପରିମାଣରେ ନିର୍ଭର କରେ । ଏହା ସଙ୍ଗେ ସଙ୍ଗେ ଗ୍ରାମପଞ୍ଚାୟତ ବିଭାଗ ମତ୍ସ୍ୟ ବିଭାଗ ସହିତ ଯଥେଷ୍ଟ ସମନ୍ୱୟ ରକ୍ଷାକରି ଜଳାଶୟ ମାନଙ୍କରେ ମତ୍ସ୍ୟୋତ୍ପାଦନ ବଢ଼ାଇବା ପାଇଁ ବିଶେଷ ଯତ୍ନବାନ ହେବା ଉଚିତ । ଏ କ୍ଷେତ୍ରରେ ପ୍ରଥମ ତିନି ପଞ୍ଚବାର୍ଷିକ ଯୋଜନାକାଳୀନ ଉତ୍ସାହର ପୁନରାବୃତ୍ତି ହେଉ ।

ଆମର ଲୋକ ଅଭାବ ନାହିଁ, ବିଶେଷଜ୍ଞ ଅଭାବ ନାହିଁ, ଅର୍ଥର ଅଭାବ ନାହିଁ ମଧ୍ୟ । ଆମର ଦୁର୍ଗତି ଓ ଅନାଟନ ପାଇଁ ଦାୟୀ କେବଳ ଆନ୍ତରୀକତା ଓ ଦେଶପ୍ରାଣତାର ଅଭାବ । ଏହି ଅଭାବ ଶୀଘ୍ର ଦୂର ହେଉ ।



ରାଜ୍ୟପାଳ ଶ୍ରୀ ଭଗବତ୍ ଦୟାଲ ଶର୍ମା ୧୯୭୯ ଜୁନ ୨୨ ତାରିଖରେ ଭୁବନେଶ୍ୱରଠାରେ କେନ୍ଦ୍ର ରିଜର୍ଭ ପୁଲିସ ବାହିନୀର ଜବାନମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି ।

[ ୨୮ ପୃଷ୍ଠାର ଅବଶିଷ୍ଟାଂଶ ]

ହୋଇଯାଇଛି । ବହୁଲୋକଙ୍କର ଅନିଚ୍ଛା ସତ୍ତ୍ୱେ ସେ ତାହା କଲ ଓ ପରେ ସେମାନଙ୍କର ଭୁଲ ଧାରଣାକୁ ଦୂର କରି ଅସ୍ପୃଶ୍ୟତାର ମୂଳୋତ୍ପାଟନ କରି ପାରିଲ ।

ଗାଁର ଶିଳ୍ପାନୁଷ୍ଠାନ ସମବାୟ ସମିତି ରୀତିରେ କାର୍ଯ୍ୟକରିବାରୁ ପ୍ରତ୍ୟେକ ତନ୍ତୁବାୟ ଏଥିରେ ଅଂଶ ଗ୍ରହଣ କଲେ । ଶିଳ୍ପାନୁଷ୍ଠାଟି ମଧ୍ୟ ଦିନକୁ ଦିନ ସୁନାମ ଅର୍ଜନ କଲ । ନିଜର ସାଧୁ ଉଦ୍ୟମ ଯୋଗୁଁ ସେ ଅନୁଷ୍ଠାନଟିକୁ ନୂତନ ଆଦର୍ଶରେ ପରିଗୃହିତ କରି ଅସଂଖ୍ୟ ଲୋକଙ୍କର ପ୍ରଶଂସାର୍ହ ହୋଇ ପାରିଥିଲ ।

ଜେଲର, ଫୁଲବାଣୀ

[ ୩୨ ପୃଷ୍ଠାର ଅବଶିଷ୍ଟାଂଶ ]

କ୍ଷେତ୍ର । ଯାହା ଫଳରେ ଦାସିଆ ବାଉରୀ ଜାତିରେ ନୀଚ ହେଲେ ମଧ୍ୟ ମହାପ୍ରଭୁ ଆଗ୍ରହରେ ତାର ଶ୍ରୀଫଳକୁ ଗ୍ରହଣ କରିଥିଲେ । କେବଳ ସେତିକି ନୁହେଁ ଭକ୍ତ ନିର୍ବିକଳ୍ପ ଆତ୍ମାକୁ ଶାନ୍ତି ଦେବା ପାଇଁ ରତ୍ନଝରା ଖଚିତ ନନ୍ଦିଘୋଷରୁ ଓହ୍ଲାଇଥିଲେ ବାଙ୍କି ମୁହାଣସ୍ଥିତ ଭକ୍ତ ବଳରାମଙ୍କ ବାଲିରଥକୁ । ତେଣୁ ଏହିଭଳି ପରମ ପବିତ୍ର ଭକ୍ତି-ପୂର୍ଣ୍ଣ ଅବିକାର ପାଟଣାରେ ସ୍ୱୟଂ ନିରାକାର ପରଂବ୍ରହ୍ମ ଜଗନ୍ନାଥଙ୍କୁ ଦର୍ଶନ କରିବାକୁ ହେଲେ ଆସକ୍ତି ଓ ବିକାରହୀନ ଭାବରେ ସାଧନାର ଚରମ ସୀମାକୁ ଉପନୀତ ହେବା ଏକାନ୍ତ ଆବଶ୍ୟକ ।

ସୁଆର ସାହି,
ପୁରୀ—୭୫୨୦୦୧

# ବନ ମହୋତ୍ସବ

ଶ୍ରୀ ପଦ୍ମନାଭ ମହାନ୍ତ

ବୃକ୍ଷରୋପଣ ସପ୍ତାହ ବା ବନମହୋତ୍ସବ ଆମ ଦେଶରେ ପ୍ରାୟ ବିଗତ ୩୦ ବର୍ଷ ଧରି ପ୍ରତିବର୍ଷ ଜୁଲାଇ ମାସର ପ୍ରଥମ ସପ୍ତାହରେ ପାଳିତ ହୋଇ ଆସୁଅଛି । ଜୁଲାଇମାସ ପ୍ରଥମ ସପ୍ତାହ ବୃକ୍ଷରୋପଣ ପାଇଁ ପ୍ରକୃଷ୍ଟ ସମୟ ବୋଲି ଧରାଯାଇଅଛି । ପ୍ରାୟ ୪୦ ବର୍ଷ ପୂର୍ବେ, ଅର୍ଥାତ୍ ଦେଶ ସ୍ୱାଧୀନ ହେବାର ପୂର୍ବରୁ ଆମ ଦେଶ ଜଙ୍ଗଲ ସଂପଦରେ ଭରପୂର ଥିଲା । ତେଣୁ ସେତେବେଳେ ବୃକ୍ଷରୋପଣର ଚାହିଦା ବା ଆବଶ୍ୟକତା ଅନୁଭୂତ ହୋଇନଥିଲା । ସ୍ୱାଧୀନତା ପ୍ରାପ୍ତିର ପରେପରେ ନାନା କାରଣରୁ ଜଙ୍ଗଲ ସଂପଦ ନଷ୍ଟ ହେବାରେ ଲାଗିଲା । ବିଶେଷତଃ, ଜନସାଧାରଣଙ୍କର ଚଳିବା ନିମନ୍ତେ ଉର୍ଦ୍ଧିଷ୍ଟ ସାଧାରଣ ବା ଖେସେରା ଜଙ୍ଗଲମାନ ଅତି ମାତ୍ରାରେ ଧ୍ୱଂସପ୍ରାପ୍ତ ହେବାରୁ ଗୃହୀର ନିତ୍ୟ ବ୍ୟବହାରରେ ଲାଗୁଥିବା ଜଙ୍ଗଲୀ ଗଛ ଲଗାଇବାର ଆବଶ୍ୟକତା ବହୁଳ ଭାବରେ ଅନୁଭୂତ ହେଲା । ତେଣୁ ଜନସାଧାରଣଙ୍କ ମନରେ ବୃକ୍ଷରୋପଣ ସପ୍ତାହ ଜରିଆରେ ଜଙ୍ଗଲ ସଂପଦ ପ୍ରତି ମମତା ଆଣିବା ଉଦ୍ଦେଶ୍ୟରେ ବୃକ୍ଷରୋପଣ ସପ୍ତାହର ପରିକଳ୍ପନା ହେଲା ଏବଂ ସ୍ୱର୍ଗୀୟ କେ. ଏମ୍. ମୁନସି ଆମ ସ୍ୱାଧୀନ ଭାରତର ପ୍ରଥମ କୃଷିମନ୍ତ୍ରୀ ଥିବା ସମୟରେ ୧୯୫୨ ମସିହାରେ ପ୍ରଥମ ବୃକ୍ଷରୋପଣ ସପ୍ତାହର ଆୟୋଜନ ହୋଇଥିଲା । ଦୁଃଖର କଥା, ଇତି ମଧ୍ୟରେ ଦୀର୍ଘ ୩୦ବର୍ଷ ବିତି ଯାଇଥିଲେ ମଧ୍ୟ ବୃକ୍ଷରୋପଣ ସପ୍ତାହର ମହତ୍ ଉଦ୍ଦେଶ୍ୟ ଆଶାପ୍ରଦ ଭାବରେ ଫଳପ୍ରସୂ ହୋଇପାରି ନାହିଁ । ବନମହୋତ୍ସବକୁ ସାଧାରଣ ଜନତା ଗୋଟିଏ ଜାତୀୟ ପର୍ବ ଭାବରେ ଗ୍ରହଣ କରିପାରି ନାହାନ୍ତି । ରଜପର୍ବର ଦୋଳି ଖେଳର ମାଦକତା, ଦୋଳ ପୂର୍ଣ୍ଣମୀରେ ଫଗୁଖେଳର ଉନ୍ମାଦନା, ରାସ ପୂର୍ଣ୍ଣିମାରେ ଶରତରାସର ସରସତା ବନମହୋତ୍ସବରେ ଦେଖିବାକୁ ମିଳେ ନାହିଁ ।

ବୃକ୍ଷରୋପଣ ସପ୍ତାହ ପାଳିତ ହୁଏ ମାତ୍ର ଉପରଠାଉରିଆ ଭାବରେ କେବଳ ଲୋକ ଦେଖିବାକୁ—କିନ୍ତୁ ଗୁରାଗଛଟିଏ ଲଗାଇ ସେ ଗଛଟି ଯତ୍ନରେ ପାଳି ବଡ଼ କରାଇବା, ତାର ରକ୍ଷଣାବେକ୍ଷଣର ଦାୟିତ୍ୱ ନେବା କେତେଜଣ କରିଥାଆନ୍ତି ? କାଗଜ କଲମରେ ଲକ୍ଷଲକ୍ଷ ଗୁରାଗଛ ଲଗାଯିବାର ହିସାବ ଦିଆଯାଉଥିଲେ ମଧ୍ୟ ବର୍ଷ ଶେଷକୁ ସେଥିରୁ କେତୋଟି ଗଛ ବଞ୍ଚିରହେ ? ଏହାର କାରଣ ହେଲା ଗଛ ପ୍ରତି ଆମର ହତାଦରଭାବ । ବୃକ୍ଷରୋପଣରେ ସୋହାଗର ଅଭାବ । ଆଗକାଳରେ ଗାଁର ପୁରୁଣା ବୁଢ଼ା ଲୋକମାନେ ବର, ଓସ୍ତ ଗଛ ଗାଁ ମୁଣ୍ଡରେ ଲଗାଇ ସେ ଗଛର ବିବାହ ଉତ୍ସବ ପାଳନ କରି ପରମ ଆନନ୍ଦ ଅନୁଭବ କରୁଥିଲେ ଏବଂ ଏହାଦ୍ୱାରା ଗୋଟିଏ ବଡ଼ ମହତକାର୍ଯ୍ୟ କଲେ ବୋଲି ମନେକରୁଥିଲେ । ସେଇ ବର, ଓସ୍ତ ଗଛର ଛାଇରେ ପଥଶ୍ରାନ୍ତ ପଥିକ ହାଲିଆ ମାରୁଥିଲେ । ଗ୍ରୀଷ୍ମଋତୁରେ ଗାଁର ଗାଈ, ମଇଁଷି ବିଶ୍ରାମ ନେଉଥିଲେ । କଥା ଅଛି "ଗୋଟିଏ ବଉଳ, ନଅ ଦେଉଳ" । ଅର୍ଥାତ୍ ଗୋଟିଏ ବଉଳଗଛ ଲଗାଇବା ନଅଟି ଦେଉଳ ତୋଳା ସଙ୍ଗେ ସମାନ । ମତ୍ସ୍ୟପୁରାଣରେ କୁହାଯାଇଛି, ଗୋଟିଏ ମାତ୍ର ଗଛ ଲଗାଇ ବଡ଼ କରିପାରିଲେ ତାହା ଦଶଟି ଗୁଣବନ୍ତ ପୁଅ ଜନ୍ମକରିବା ସଙ୍ଗେ ସମାନ । ଖ୍ରୀଷ୍ଟିୟାନ ଜଗତର ଧର୍ମଗୁରୁ ଜନୈକ ପୋପ୍ କହିଯାଇଛନ୍ତି, "ଉତ୍ତମ ପୋଷାକ ପରିହିତ ରାଜସିଂହାସନରେ ବସିବାକୁ ଯାଉଥିବା ରୂପବନ୍ତ ରାଜପୁତ୍ର ଅପେକ୍ଷା ଗୋଟିଏ ଗଛ ଆହୁରି ରୁଚିବନ୍ତ" । କି ମହାନ୍ ଭାବନା ! ପ୍ରକୃତି ପ୍ରତି କି ଅନାବିଳ ପ୍ରେମ । ବାଲ୍ମୀକି ଋଷି ଆଶ୍ରମରେ ସତୀ ସୀତାଙ୍କୁ ମୁନିପୁଙ୍ଗବ କହିଥିଲେ—

> "ଆଶ୍ରମର ତରୁଣ ତରୁ ନିକରେ
> ଯତନେ ବଢ଼ାଇବା ଘଟଜଳରେ
>
> ନିରେଖିବା ଆଗରୁ ତନୟ ମୁଖ
> ଲଭିବୁ ତନୟର ପାଳନ ସୁଖ ।"

ଏହିସବୁ ମହତ୍ ବାଣୀର ଭାବ ଯଦି ଆମ ଜନସାଧାରଣଙ୍କ ମନରେ ସାମାନ୍ୟ ଉଦ୍ରେକ ହୁଅନ୍ତା ତେବେ ବନମହୋତ୍ସବ ଆଜି ପ୍ରକୃତ ଉତ୍ସବରେ ପରିଣତ

ହୋଇଥାନ୍ତା ଏବଂ ଆମେ ଏହି ତିରିଶ ବର୍ଷ ମଧ୍ୟରେ ଗାଁଠାରୁ ଦୂରେଇ ଯାଇଥିବା ଜଙ୍ଗଲକୁ ଆମ ବାଡ଼ିତଳକୁ ଆଣି ପାରିଥାନ୍ତୁ ।

ଜଙ୍ଗଲ ଆମର ଏକ ବିରାଟ ଜାତୀୟ ସଂପଦ । ଏହା ମନୁଷ୍ୟ ତଥା ପ୍ରାଣୀ ଜଗତ ପାଇଁ ପ୍ରକୃତିର ଏକ ଅମୂଲ୍ୟ ଦାନ । ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ଦୂରଦ୍ରଷ୍ଟା ପଣ୍ଡିତ ଜବହାରଲାଲ ନେହେରୁଙ୍କ ଭାଷାରେ, "A growing tree is a living symbol of a progressive nation" ଅର୍ଥାତ୍ ବଢ଼ିଲାଗଛ ହେଉଛି ଗୋଟିଏ ସମୃଦ୍ଧ ଜାତିର ଜ୍ୱଳନ୍ତ ନିଦର୍ଶନ । ଯେଉଁଦେଶର ଜଙ୍ଗଲ ସଂପଦ ଯେତେ ବେଶୀ ସେ ଦେଶ ସେତେ ଉନ୍ନତ ଓ ବିଭବଶାଳୀ । ଜଙ୍ଗଲ ଓ ମନୁଷ୍ୟ ଓତଃପ୍ରୋତ ଭାବରେ ଜଡ଼ିତ । ଦେଶର କୃଷି, ଶିଳ୍ପ, ସଂସ୍କୃତି ତଥା ଅର୍ଥନୀତି ଉପରେ ଜଙ୍ଗଲର ପ୍ରଭାବ ଯଥେଷ୍ଟ ବେଶୀ । ବିଶେଷତଃ ଆମ ଦେଶର କୃଷକ ଜଙ୍ଗଲ ଉପରେ ଏତେ ନିର୍ଭରଶୀଳ ଯେ ଜଙ୍ଗଲ ବିହୁନେ ରହିବା ଏକ ପ୍ରକାର ଅସମ୍ଭବ । ସ୍ୱର୍ଗତ କେ. ଏମ୍. ମୁନ୍‌ସୀ କହିଛନ୍ତି:

Trees mean water, water means bread and bread means life ଅର୍ଥାତ୍ ଜଙ୍ଗଲ ବର୍ଷା ଆଣିଦିଏ, ବର୍ଷାଜଳରେ ଫସଲ ଆମଦାନୀ ହୁଏ ଏବଂ ଏହି ଫସଲ କୋଟି କୋଟି ପ୍ରାଣୀଙ୍କୁ ଜୀବନଧାରଣରେ ସାହାଯ୍ୟ କରେ । ଏତଦ୍ ବ୍ୟତୀତ ଜଙ୍ଗଲ ଆମର ଜଳବାୟୁକୁ ବିଶେଷ ଭାବରେ ନିୟନ୍ତ୍ରିତ କରେ । ଜଙ୍ଗଲବହୁଳ ଅଞ୍ଚଳରେ ଅପେକ୍ଷାକୃତ ଅଧିକ ବର୍ଷା ହୁଏ । ଜଙ୍ଗଲ ପ୍ରଖର ସୂର୍ଯ୍ୟତାପମାତ୍ରାକୁ କମାଇ ଜଳବାୟୁକୁ ଶୀତଳ ରଖେ ।

ଅତିରିକ୍ତ ଜଙ୍ଗଲ କ୍ଷୟ ଯୋଗୁ ଆଜିକାଲି ଅତିବୃଷ୍ଟି, ଅନାବୃଷ୍ଟି ବା ଅନିୟମିତ ବୃଷ୍ଟି ଗୋଟିଏ ସାଧାରଣ ଘଟଣାରେ ପରିଣତ ହେଲାଣି । ବାତ୍ୟା ଓ ବନ୍ୟାର ପ୍ରଭାବ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଲାଣି । ଧାରାବାହିକ ଭାବରେ ମୃତ୍ତିକା କ୍ଷୟ ହେବାଦ୍ୱାରା ମାଟିର ଉର୍ବରତା କମିବାରେ ଲାଗିଲାଣି । ଅନେକ ଯାଗାରେ ପ୍ରାକୃତିକ ଝରଣାମାନ ଶୁଖି ଗଲାଣି । ଚରଣଭୂମିର ଅଭାବ ଯୋଗୁ ଆଜି ଗୋଜାତି ଘୋର ବିପଦର ସମ୍ମୁଖୀନ । କାଠ ବାଉଁଶ ମିଳିବା କଷ୍ଟକର ବ୍ୟାପାର ହୋଇପଡ଼ିଲାଣି ।

ଜାଳକାଠ ଦର ବଜାର ସହର ମାନଙ୍କରେ କୁଇଣ୍ଟାଲ ପିଛା କୋଡ଼ିଏ ପଚିଶ ଟଙ୍କା ଯାଏ ହେଲାଣି; ଫଳରେ ଅଧିକାଂଶ ସହର ବାସିନ୍ଦା ଘୋର ଅସୁବିଧାର ସମ୍ମୁଖୀନ ହେଲେଣି ।

ଆଜି ସମତଳଭୂମିର ଜଙ୍ଗଲମାନ ସଂପୂର୍ଣ୍ଣଭାବେ ଧ୍ୱଂସ ପାଇ ଯାଇଛି । ଏବର ଜଙ୍ଗଲ କେବଳ ପାହାଡ ମୁଣ୍ଡିଆ ଓ ମାଳ ଅଞ୍ଚଳକୁ ଆଶ୍ରୟକରି ରହିଅଛି । ଦିନେ ଯେଉଁ ଅଞ୍ଚଳ ଭୀଷଣ ଅରଣ୍ୟରେ ପରିଣତ ଥିବା ଯୋଗୁ ତହିଁରେ ବ୍ୟାଘ୍ର ଭଲ୍ଲୁକ ଆଦି ବନ୍ୟ ଜନ୍ତୁଗଣ ଆନନ୍ଦରେ ବିହାର କରୁଥିଲେ ସେ ସବୁ ବର୍ତ୍ତମାନ ସଫା ହୋଇଯାଇ ତା ଯାଗାରେ ଠିଆ ହୋଇଛି ଶୁଷ୍କ ଜମି, ଟାଙ୍ଗରା ପଡ଼ିଆ ଅଥବା ଲଣ୍ଡା ପାହାଡ । ଦୁଃଖର କଥା ଜଙ୍ଗଲ ନଷ୍ଟ ଜନିତ ଭୟାବହ ପରିଣତି ବିଷୟରେ ଆମର ସର୍ବସାଧାରଣ ଜନତା ଅଦ୍ୟାବଧି ସଚେତନ ହୋଇ ପାରି ନାହାଁନ୍ତି । ମାତ୍ର "ନିଃଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି, ଭେଟିବାକୁ ମୃତ୍ୟୁ-ସିନ୍ଧୁ କରାଳ ଲହରୀ" ପରି ଏ ଦେଶ ବୃକ୍ଷଲତା ବିହିନ ଗୋଟିଏ ବିରାଟ ମରୁରେ ପରିଣତ ହେବାକୁ ନିଶ୍ଚିତ ଭବେ ଆଗେଇ ଚାଲିଛି । ଏହି ଆଶଙ୍କାରେ ଆମର ପ୍ରିୟ ପ୍ରଧାନ ମନ୍ତ୍ରୀ ଓ ଅନ୍ୟାନ୍ୟ ପ୍ରତିଷ୍ଠିତ ନେତୃବୃନ୍ଦ ବିଶେଷ ଉଦ୍‌ବିଗ୍ନ ହୋଇପଡ଼ିଲେଣି ଓ କ୍ଷୟପ୍ରାପ୍ତ ଜଙ୍ଗଲର କିପରି ପୁନରୁଦ୍ଧାର କରାଯାଇ ପାରିବ ଏ ସମ୍ବନ୍ଧରେ ସମସ୍ତ ଦେଶବାସୀ ସକଳ ପ୍ରକାର ସମ୍ଭାବ୍ୟ ଚେଷ୍ଟା କରିଯିବାକୁ ଜାତିକୁ ଉଦ୍‌ବୋଧନ ଦେଲେଣି । ତେଣୁ ଆଜି ସମୟ ଆସିଛି, ଯେତେବେଳେ ସମସ୍ତ ଭାରତବାସୀ ଉକ୍ତ ସମସ୍ୟାକୁ ପୂର୍ଣ୍ଣଭାବରେ ଉପଲବ୍‌ଧି କରିବା ଉଚିତ ଏବଂ ପ୍ରତିବର୍ଷ ବନମହୋତ୍ସବ ସପ୍ତାହରେ କିଛି ନା କିଛି ଗଛ ଲଗାଇ ଜଙ୍ଗଲ ଅଭିବୃଦ୍ଧିରେ ସାହାଯ୍ୟ କରିବା ଦରକାର ।

ବନମହୋତ୍ସବ ଉପଲକ୍ଷେ ଆମେ ଆମ୍ବ, ଜାମୁ, ପିଜୁଳି ଓ ନଡ଼ିଆ ଇତ୍ୟାଦି ଫଳ ଗଛ ଲଗାଇବା ସଙ୍ଗେ ସଙ୍ଗେ ବାବୁଲ, ଶିରିଷ, ଗୋହିରା, ଶିଶୁ, ସାଗୁଆନ, ଗମ୍ଭାରୀ, ବିଲାତି ଚକୁଣ୍ଡା, ଫାସୀ ଇତ୍ୟାଦି ଚଞ୍ଚଳ ବଢ଼ିପାରୁଥିବା ଏବଂ ଗଣ୍ଡିକାଠ ଓ ଜାଳକାଠ ଯୋଗାଇ ପାରୁଥିବା ଗଛ ତଥା ବାଉଁଶ ଗଛ ଲଗାଇ ପାରିବା । ଏହି ସମସ୍ତ ଗଛ ସଡକ କଡ, କେନାଲ କୂଳ, ନଦୀମାନଙ୍କର ମାଳବନ୍ଧର ଉଭୟ ପାର୍ଶ୍ୱରେ ଥିବା ପତିତ ଜମି, ବିଲ ହୁଡା ଓ ଗାଁଗଣ୍ଡାମାନଙ୍କର ପତିତଜମିରେ ଜମିକୁ ଦେଖି ଲଗାଯାଇପାରେ । କଳା କେଲୁଅ ମାଟିରେ ବାବୁଲ, ଗୋହିରା, ଶିରିଷ ଓ ବିଲାତି ଚକୁଣ୍ଡା ଭଲ ବଢ଼ିପାରେ । ଶିଶୁ, ସାଗୁଆନ, ଗମ୍ଭାରୀ ଦୋରସା ବାଲିଆ ମାଟିରେ ଭଲ ହୁଏ । ଫାସି ଓ ଝାଉଁ ଗଛ ନଦୀକୂଳ ବାଲିଆ ମାଟିରେ ଭଲ ହୁଏ । ସୁନ୍ଦର କଣିଆଁ ବାଡ଼ି ବାଉଁଶ ନଦୀକୂଳ, ତୋଟାମାଳ ପ୍ରଭୃତି ଅପେକ୍ଷାକୃତ ଓଦା ଯାଗାରେ ଭଲ ମାଡ଼ି ଦିଏ । ମୋରମ ଭୂମିରେ ବାଡ଼ି ବାଉଁଶ ମଧ୍ୟ ଭଲ ବଢ଼ିବାର ଦେଖାଯାଏ । କରଞ୍ଜ, ନିମ୍ବ, ଆମ୍ବ, ଜାମୁ, ତେନ୍ତୁଳି, ଶିରିଷ, ଗୋହିରା, ବର, ଓସ୍ତ ପ୍ରଭୃତି ଫଳ ଓ ଛାୟାପ୍ରଦ ଗଛ ସଡକ କଡ଼ରେ ଲଗାଯାଇପାରେ । କାରଣ ଏଥିରୁ ଅଧିକାଂଶ ଗଛକୁ ଗାଈଗୋରୁ ପ୍ରଭୃତି ଗୃହପାଳିତ ପଶୁ ଖାଇବାକୁ ଭଲ ପାଆନ୍ତି ନାହିଁ । ଫଳରେ ଏସବୁ ଗଛ ଲଗାହେବା ପରେ ରକ୍ଷଣାବେକ୍ଷଣ ସହଜ ହୁଏ । ପଥୁରିଆ ଓ ରଗଡ଼ିଆ ଭୂମିରେ କାଜୁ ବାଦାମ ଗଛ ଲଗାଇଲେ ଚଳିବ । ବିଲ ହୁଡାରେ ବାବୁଲଗଛ

ଲଗାଇବା ଶ୍ରେୟସ୍କର, କାରଣ ଏହାର ଛାଇ ଖୁବ୍ କମ୍ ଏବଂ ଏଇ ଛାଇ ଧାନ ଫସଲର କୌଣସି ଅନିଷ୍ଟ କରେ ନାହିଁ । କୃଷି ଉପକରଣ ପାଇଁ ବାବୁଲ ସବୁଠାରୁ ଶ୍ରେୟସ୍କର । ଆମ ରାଜ୍ୟର ଗଞ୍ଜାମ ଜିଲ୍ଲାର କୃଷୀ ଭାଇମାନେ ବହୁଳ ଭାବରେ ବିଲ ହୁଡାମାନଙ୍କରେ ବାବୁଲଗଛ ଲଗାଇଥିବା ଦେଖାଯାଏ । ଗଛ ଲଗାଇବା ଦିଗରେ ବାଲେଶ୍ୱର, କଟକ, ପୁରୀ ଓ ଗଞ୍ଜାମ ଜିଲ୍ଲାର କୃଷୀଭାଇମାନେ ବହୁତ ଆଗୁଆ ଅଛନ୍ତି । ଏସବୁ ଜିଲ୍ଲାର ସମୁଦ୍ର ଉପକୂଳର କୃଷୀମାନେ ସମସ୍ତେ ପ୍ରାୟ ଜଣା ଅଧିକେ ଝାଉଁ ଚାଷ କରନ୍ତି । ବାଉଁଶମାଡ଼ି ପ୍ରାୟ ପ୍ରତ୍ୟେକ ଲୋକଙ୍କ ବାଡ଼ିରେ ଦେଖିବାକୁ ମିଳେ । ନଡ଼ିଆଗଛ ଲଗାଇବା ଏମାନଙ୍କର ପରଂପରା । ମୟୂରଭଞ୍ଜ ଜିଲ୍ଲାର ବାରିପଦା ଅଞ୍ଚଳରେ ଗ୍ରାମବାସୀମାନେ ବହୁଳଭାବରେ ବାଉଁଶ ଚାଷକରି ବେଶ୍ ଦୁଇ ପଇସା ରୋଜଗାର କରିପାରୁଛନ୍ତି । ଏହି ଆଦର୍ଶ ଯଦି ଆମର ପୂର୍ବତନ ଗଡ଼ଜାତ ଅଞ୍ଚଳର କୃଷୀଭାଇମାନେ ଅନୁସରଣ କରନ୍ତେ ତେବେ ବନମହୋତ୍ସବର ଉଦ୍ଦେଶ୍ୟ ଅନେକ ପରିମାଣରେ ସଫଳ ହୁଅନ୍ତା । ଘରେ ବସି ଆମର କୃଷୀଭାଇ ତାର ହଳ କରିବା ଉପକରଣ, ଜାଳ କାଠ ଓ ବାଉଁଶ ପାଇଥାନ୍ତା । ଫଳରେ ଆମର କୃଷୀ ଭାଇକୁ ଚୁଡ଼ା ଗୁଡ଼ କାନ୍ଧି ଜାଳ କାଠ ବା ବାଉଁଶ ଗାଡ଼ିଙ୍କ ପାଇଁ ମାଇଲ ମାଇଲ ବାଟ ଜଙ୍ଗଲ ମଧ୍ୟକୁ ଯିବାକୁ ପଡନ୍ତା ନାହିଁ ଓ ସରକାରୀ ଜଙ୍ଗଲରୁ ଭିଡ କମି ଯାଆନ୍ତା ଏବଂ ସର୍ବୋପରି ଆମ ଜଙ୍ଗଲ ସଂପଦର ଅଭିବୃଦ୍ଧି ଘଟିପାରନ୍ତା

କିନ୍ତୁ ଏହା ହୋଇ ପାରୁନାହିଁ କାହିଁକି ? ଏହାର ସର୍ବପ୍ରଧାନ କାରଣ ହେଲା ଆମର ସର୍ବସାଧାରଣ ଜନତା ବିଶେଷତଃ ଗାଁ ଗହଳରେ ବାସକରୁଥିବା ଅସଂଖ୍ୟ କୃଷୀ ଭାଇମାନଙ୍କର ଜଙ୍ଗଲ ପ୍ରତି ଶ୍ରଦ୍ଧାର ଅଭାବ । "ଜଙ୍ଗଲ ଯେ ଗୋଟିଏ ଜାତୀୟ ସଂପଦ—ଏହାର ସୁରକ୍ଷା ଏବଂ ଅଭିବୃଦ୍ଧି ସ୍ୱାଧୀନ ଭାରତର ପ୍ରତ୍ୟେକ ନାଗରିକର କର୍ତ୍ତବ୍ୟ" ଏହି ନିରାଟ ସତ୍ୟକୁ ଅଳ୍ପଶିକ୍ଷିତ ବା ଅଶିକ୍ଷିତ ଗ୍ରାମବାସୀଠାରୁ ଆରମ୍ଭ କରି ଉଚ୍ଚଶିକ୍ଷିତ ଓ ବୁଦ୍ଧିଜୀବୀ ପର୍ଯ୍ୟନ୍ତ କେହି ଉପଲବ୍ଧି କରି ପାରି ନାହିଁ । ଏବେ ମଧ୍ୟ ଲୋକମାନଙ୍କର ଧାରଣା ଯେ ଜଙ୍ଗଲ ଈଶ୍ୱର ସୃଷ୍ଟ; ଉପଯୁକ୍ତ ପାଣି ପବନ ପାଇ ଗଛ ବଢେ—ଏଥିପାଇଁ ମନୁଷ୍ୟର କିଛି କରିବାର ନାହିଁ । ଦିନଥିଲା ଯେତେବେଳେ ଏପରି ଭାବନାର କିଛିଟା ଯଥାର୍ଥତା ଥିଲା; କିନ୍ତୁ ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିରେ ଆମର ଦେଶବାସୀଙ୍କୁ ସେ ଧାରଣା ବଦଳାଇବାକୁ ପଡ଼ିବ । ଏବେ ଆଉ ସେ କାଳର ଜଙ୍ଗଲ ନାହିଁ । ବର୍ତ୍ତମାନ ଆମକୁ ଧ୍ୱଂସ-ମୁଖୀ ଜଙ୍ଗଲକୁ ରକ୍ଷାକରିବାର ବେଳ ଆସିଛି । ବସି ଖାଇଲେ ନଈ ବାଲି ସରେ । ସେହିପରି ଆମେ କେବଳ ଗଛକାଟି ଗଲିଲେ ଅବସ୍ଥା ଯାହା ହେବାର କଥା ତାହା ଆଜି ହୋଇଛି । ତେଣୁ ଆମକୁ ଧାନ, ରବିଫସଲ, ଆଖୁ ଆଦି ଚାଷ କଲାଭଳି ଜଙ୍ଗଲ ଚାଷ କରିବାକୁ ହେବ ଏବଂ ସେଥିପାଇଁ ପ୍ରେରଣା ଦେଉଛି "ବନମହୋତ୍ସବ" । ତେବେ ଏଥି ନିମନ୍ତେ ଦରକାର ଦୁଇଟି ମାଧ୍ୟମ । ଗୋଟିଏହେଲା ପ୍ରଚାର ଓ ଅନ୍ୟଟି ହେଲା ଉପଯୁକ୍ତ ଚାରା-ଗଛର ଉତ୍ପାଦନ ନିମନ୍ତେ ନର୍ସରୀ । ଆମଦେଶର ଜନସାଧାରଣ କୌଣସି ନୂତନ ଯୋଜନାକୁ ଶୀଘ୍ର ଗ୍ରହଣ କରିବାକୁ ରାଜି ହୁଅନ୍ତି ନାହିଁ । ଏଣୁ ସେମାନଙ୍କର ପୁରାତନ ଧାରଣାକୁ ବଦଳାଇବାକୁ ହେଲେ ଯଥେଷ୍ଟ ପ୍ରଚାର ଆବଶ୍ୟକ—ଯାହାକି ଆମେ ଜନ୍ମ ନିୟନ୍ତ୍ରଣ ଯୋଜନାରୁ ଶିଖିଛୁ । ଦ୍ୱିତୀୟରେ ଚାରାଗଛ ଉତ୍ପାଦନ ନିମନ୍ତେ ସବ୍‌ଡ଼ିଭିଜନ୍ ତଥା ବ୍ଲକ୍ ସ୍ତରରେ ଲୋକଙ୍କର ସହଯୋଗରେ ଉପଯୁକ୍ତ ନର୍ସରୀମାନ ପ୍ରତିଷ୍ଠା କରିବା ବାଞ୍ଛନୀୟ, ଯେପରିକି ଗଛ ଲଗାଇବାକୁ ଇଚ୍ଛୁକ ଗ୍ରାମବାସୀଗଣ ସହଜରେ ଓ ସୁଲଭମୂଲ୍ୟରେ ଚାରାଗଛମାନ ପାଇ ପାରିବେ ।

ବନମହୋତ୍ସବର ସଫଳ ରୂପାୟନ ନିମନ୍ତେ ଆମର ଅସଂଖ୍ୟ ଗ୍ରାମବାସୀମାନଙ୍କର ସଦିଚ୍ଛା ଓ ସହଯୋଗ ଏକାନ୍ତ ଲୋଡା । ତେଣୁ ବନମହୋତ୍ସବକୁ ସହରରେ ପାଳନ କରିବାର ପରଂପରାକୁ ଛାଡ଼ି ଆମକୁ ଆଜି ଗାଁଗଣ୍ଡାକୁ ଯିବାକୁ ପଡ଼ିବ । ଗଛ ଲଗାଇବା ପାଇଁ ଆଗ୍ରହୀ ଗ୍ରାମବାସୀଙ୍କ ପାଖକୁ ଯାଇ ସେହିଠାରେ ବନମହୋତ୍ସବ ପାଳନ କଲେ ତାହା ଅଧିକ ସରସ, ସୁନ୍ଦର ଓ ଫଳପ୍ରସୂ ହୋଇପାରିବ ।

ସହକାରୀ ବନ ସଂରକ୍ଷକ
ରାଉରକେଲା



# ବାତ୍ୟା ସମ୍ବନ୍ଧରେ ସାଧାରଣ ସୂଚନା

ଶ୍ରୀ ଚଗୋପାଳ ପଟ୍ଟନାୟକ

ସାଇକ୍ଲୋନ ଶବ୍ଦଟି ଏକ ଗ୍ରୀକ୍ ଶବ୍ଦରୁ ଉଦ୍ଭୂତ ଏବଂ ଏହାର ଅର୍ଥ ସର୍ପକୁଣ୍ଡଳୀ, ଯେତେବେଳେ ଏକ ଗ୍ରୀଷ୍ମ ମଣ୍ଡଳୀୟ ଘୂର୍ଣ୍ଣିବାତ୍ୟା ପୂର୍ଣ୍ଣ ମାତ୍ରାରେ ବୃଦ୍ଧିପାଏ ସେତେବେଳେ ସମୁଦ୍ରର ୧୫୦ ରୁ ୮୦୦ କିଲୋମିଟର ଉଚ୍ଚରେ ବାତ୍ୟା କେନ୍ଦ୍ରୀଭୂତ ହୋଇ ସମୁଦ୍ର ଉପରେ ଦିନକୁ ୨୦୦ରୁ ୩୦୦ କିଲୋମିଟର ବେଗରେ ପ୍ରବାହିତ ହୁଏ । "ପୂର୍ଣ୍ଣାଙ୍ଗ-ପ୍ରାପ୍ତ" ଝଡ଼ ଏହାର କେନ୍ଦ୍ରଠାରୁ ୫୦ରୁ ୧୦୦ କିଲୋମିଟର ମଧ୍ୟରେ ଘଣ୍ଟାକୁ ୧୬୦ କିଲୋମିଟର କିମ୍ବା ତା' ଠାରୁ ଅଧିକ ବେଗରେ ଗତିକରେ । ଏହି ଝଡ଼ ସାଙ୍ଗକୁ ତୋଫାନ ମିଶି ଭୟଙ୍କର ହୋଇଉଠେ ଓ ପ୍ରବଳ ବର୍ଷା ହୁଏ । ଏପରିକି ପ୍ରଚଣ୍ଡ ଝଡ଼ ସହିତ ସମୁଦ୍ରର ଆକାର ବୃଦ୍ଧିପାଏ ଓ ସମୁଦ୍ର ଫୁଲି ଉଠେ । ପ୍ରକୃତି କୋଳରେ ଗ୍ରୀଷ୍ମମଣ୍ଡଳୀୟ ଘୂର୍ଣ୍ଣିବାତ୍ୟା ଅତ୍ୟନ୍ତ ଭୟଙ୍କର ଓ ପ୍ରଚଣ୍ଡ ହୋଇଥାଏ ।

୧୮୯୧ ମସିହାଠାରୁ ୧୯୭୧ ମସିହା ମଧ୍ୟରେ ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳମାନଙ୍କରେ ୧୭ ଥର ବାତ୍ୟା ହୋଇଥିଲା । ଏହି ଅଞ୍ଚଳମାନଙ୍କ ନିମନ୍ତେ ଅକ୍ଟୋବର ମାସଟି ଏକ ଜଟିଳ ସମୟ । ମଇ, ସେପ୍ଟେମ୍ବର ଓ ନଭେମ୍ବର ମାସମାନଙ୍କରେ ଯେଉଁ ଘୂର୍ଣ୍ଣିବାତ୍ୟା ହୁଏ ତହିଁରେ ଅପେକ୍ଷାକୃତ କମ୍ ପରିମାଣରେ କ୍ଷତି ଘଟିଥାଏ ।

ବର୍ତ୍ତମାନ ମୁଁ ଅତୀତରେ ଘଟିଯାଇଥିବା କେତୋଟି ପ୍ରଳୟଙ୍କରୀ ଘୂର୍ଣ୍ଣିବାତ୍ୟା ପ୍ରବାହ ଫଳରେ ଯେଉଁ ବିପୁଳ ଧନଜୀବନର କ୍ଷୟକ୍ଷତି ଘଟିଥିଲା ସେ ସମ୍ପର୍କରେ ସାମାନ୍ୟ ସୂଚନା ଦେଉଛି ।

(୧) ୧୯୬୭ ମସିହା ଅକ୍ଟୋବର ୯ ତାରିଖ ଦିନ ପୁରୀଠାରୁ ପାରାଦୀପ ପର୍ଯ୍ୟନ୍ତ ଉପକୂଳବର୍ତ୍ତୀ ଅଞ୍ଚଳ ମଧ୍ୟଦେଇ ଯେଉଁ ପ୍ରଚଣ୍ଡ ଘୂର୍ଣ୍ଣିବାତ୍ୟା ପ୍ରବାହିତ ହେଲା, ତାହା ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ବିଶେଷ ଧ୍ୱଂସ ସାଧନ କରିଥିଲା । ଏହି ବାତ୍ୟାରେ ୧,୦୦୦ ଜଣ ଲୋକ ମୃତ୍ୟୁ ମୁଖରେ ପଡ଼ିଥିଲେ ଓ ୫୦,୦୦୦ ଗୋରୁଗାଈଙ୍କର ଜୀବନ ନାଶ ହୋଇଥିଲା ।

(୨) ୧୯୭୧ ମସିହା ଅକ୍ଟୋବର ମାସ ୩୦ ତାରିଖ ଦିନ ପାରାଦୀପ ନିକଟରେ ଯେଉଁ ପ୍ରଚଣ୍ଡ ଘୂର୍ଣ୍ଣିବାତ୍ୟା ପ୍ରବାହିତ ହେଲା, ତାହା ସାଙ୍ଗକୁ ଘଣ୍ଟାକୁ ୧୫୦ରୁ ୧୭୦ କିଲୋମିଟର ବେଗରେ ତୋଫାନ ମଧ୍ୟ ଲାଗି ରହିଥିଲା । ସମୁଦ୍ର ଜୁଆରର ଉଚ୍ଚତା ୨ ରୁ ୬ ମିଟର ଯାଏ ହୋଇଥିଲା । ସମୁଦ୍ର ଜୁଆର ସ୍ଥଳଭାଗର ୧୫ରୁ ୨୫ କିଲୋମିଟର ଅଞ୍ଚଳ ଭିତରକୁ ମାଡ଼ିଯାଇ ପାଚିଲା ଫସଲକୁ ସମ୍ପୂର୍ଣ୍ଣରୂପେ ନଷ୍ଟ କରିଥିଲା । ପ୍ରାୟ ୧୦,୦୦୦ ମନୁଷ୍ୟ ଓ ୫୦,୦୦୦ ପର୍ଯ୍ୟନ୍ତ ଗୋରୁଗାଈଙ୍କର ଜୀବନ ନାଶ ହୋଇଥିଲା । ଏହା ବ୍ୟତୀତ କେତେ କୋଟି ଟଙ୍କା ମୂଲ୍ୟର ଧନ ସମ୍ପତ୍ତି ନଷ୍ଟ ହୋଇଥିଲା ।

(୩) ୧୯୭୮ ମସିହା ଅପ୍ରେଲ ମାସ ୧୬ ତାରିଖ ଦିନର ଭୟଙ୍କର ଘୂର୍ଣ୍ଣିବାତ୍ୟାର (ଟର୍ଣ୍ଣାଡୋ) ପ୍ରଚଣ୍ଡରୂପ ଏବେ ମଧ୍ୟ ମନେପଡ଼ିଲେ ବାଙ୍ଗରକୋଟ, ନିତ୍ୟାନନ୍ଦପୁର, କବିତ୍ରା ଓ ମଣ୍ଡାପଡ଼ା ଗ୍ରାମର ଲୋକମାନଙ୍କ ଲୋମ ଟାଙ୍କୁରି ଉଠେ । ଠିକ୍ ସେହିଦିନ ଅପରପାର୍ଶ୍ୱରେ କେଉଁଝର ଜିଲାର ପୁରୁଣାବନ୍ଧଗୋଡ଼ା ଇତ୍ୟାଦି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା । କଟକ ଜିଲ୍ଲାରେ ଫେବୃୟାରୀଠାରୁ ଜୁନ୍ ମାସ ମଧ୍ୟରେ ୨୬ ଥର ତୋଫାନ, ଘୂର୍ଣ୍ଣିବାତ୍ୟା, ଟର୍ଣ୍ଣାଡୋ ଇତ୍ୟାଦି ଦ୍ୱାରା କଟକଜିଲ୍ଲାର ୨୧ ଜଣ ମନୁଷ୍ୟଙ୍କର ଜୀବନ ନାଶ ହୋଇଛି । ଗୃହପାଳିତ ଜନ୍ତୁ ୬୦୯ଙ୍କର ଜୀବନମଧ୍ୟ ନାଶ ହୋଇଛି । ୧୫ ଟି ବାସଗୃହ ସମ୍ପୂର୍ଣ୍ଣ ଧ୍ୱଂସ ହେଲା, ୨୦୪ ଟି ବାସଗୃହ ଭୁଷୁଡ଼ି ପଡ଼ିଲା, ୮୧୯ ଟି ବାସଗୃହ ଆଂଶିକ ଭୁଷୁଡ଼ି ପଡ଼ିଲା କିନ୍ତୁ ୮୪୩୧ ଟି ବାସଗୃହ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଥିଲା । କେତେ ଲକ୍ଷ ଟଙ୍କା ମୂଲ୍ୟର ଧନ ସମ୍ପତ୍ତି ନଷ୍ଟ ହୋଇଗଲା ।

ଓଡ଼ିଶାରେ ବାତ୍ୟା ଫଳରେ କ୍ଷତି ହେଉଥିବା ଧନଜୀବନ ତଥା ଜନସାଧାରଣଙ୍କ ଦୁଃଖଦୁର୍ଦ୍ଦଶା ମୋଚନ କରିବାକୁ ବିଭିନ୍ନ ବ୍ୟବସ୍ଥାଗୁଡ଼ିକୁ ପରୀକ୍ଷା କରି ଦେଖିବା ନିମନ୍ତେ ଭାରତର ମାନମନ୍ଦିର ସମୂହର ଡାଇରେକ୍ଟର ଜେନେରାଲଙ୍କ ଅଧ୍ୟକ୍ଷତାରେ ଭାରତ ସରକାରଙ୍କ ଜଳସେଚନ ଓ ବିଦ୍ୟୁତ୍ ମନ୍ତ୍ରଣାଳୟ ୧୯୭୧ ମସିହା

ନଭେମ୍ବର ମାସରେ ଏକ କମିଟି ବସାଇଥିଲେ । ଉକ୍ତ କମିଟି ବିଭିନ୍ନ ସମସ୍ୟାକୁ ବିଶଦଭାବେ ପରୀକ୍ଷା କରି ଦେଖିଥିଲେ । ସାମୟିକ ଝଡ଼ ତୋଫାନ ଓ ବାତ୍ୟା କବଳରେ ପଡୁଥିବା ଅନ୍ୟାନ୍ୟ ଗ୍ରୀଷ୍ମମଣ୍ଡଳୀୟ ଦେଶଗୁଡିକରେ ଏ ଦିଗରେ ବିଭିନ୍ନ ପ୍ରକାରର ଯେଉଁ ବ୍ୟବସ୍ଥା ଗ୍ରହଣ କରାଯାଇଛି କମିଟି ସେ ବିଷୟ ବିଚାରକୁ ନେଇଥିଲେ । ସେମାନେ ଆନ୍ଧ୍ରପ୍ରଦେଶ ବାତ୍ୟା ବିପତ୍ତି ପ୍ରଶମନ କମିଟିର "ବାତ୍ୟା ଯୋଜନା" ପରୀକ୍ଷା କରି ଦେଖିଥିଲେ ଏବଂ ଏହି ଯୋଜନାରେ କେତେକ ସାମାନ୍ୟ ପରିବର୍ତ୍ତନ କରାଗଲେ ଏହା ଯେ ଓଡିଶାର ବାତ୍ୟା ମୁକାବିଲା କରିବାପାଇଁ ଏକ ଫଳପ୍ରଦ ବ୍ୟବସ୍ଥା ଏ ବିଷୟରେ ମଧ୍ୟ ଏକମତ ହୋଇଥିଲେ ।

ପାଞ୍ଚବର୍ଷରୁ ଦଶବର୍ଷ ମଧ୍ୟରେ କୌଣସି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳରେ ଭୀଷଣ ବାତ୍ୟା ଦେଖା ଦେଇଥାଏ । ଉପକୂଳବର୍ତ୍ତୀ ଅଞ୍ଚଳରେ ବହୁ ଉନ୍ନୟନ କାର୍ଯ୍ୟକ୍ରମ କରାଯାଇଛି । ଏ ଅଞ୍ଚଳକୁ ଏଭଳି ସାମୟିକ ବାତ୍ୟା ଆସି ବ୍ୟାପକ ଧ୍ୱଂସ ତଥା ଆର୍ଥିକ କ୍ଷତି ଘଟାଇଥାଏ ଓ ତାହାଫଳରେ ବହୁ ବର୍ଷର ଉଦ୍ୟମ ବ୍ୟାହତ ହୋଇଥାଏ । ଏହା ବ୍ୟତୀତ ମନୁଷ୍ୟ, ଗୋରୁଗାଈ ତଥା ଅନ୍ୟାନ୍ୟ ଗୃହପାଳିତ ପଶୁଙ୍କର ନିରାପତ୍ତା ଦୃଷ୍ଟିରୁ ଏହି ସମସ୍ୟାକୁ ମଧ୍ୟ ବିଚାର କରିବାକୁ ପଡିବ ।

ବାତ୍ୟା ଆସିବା ପୂର୍ବରୁ ଯେଉଁସବୁ ପଦକ୍ଷେପ ଗ୍ରହଣ କରିବାକୁ ହେବ ସେ ସବୁ ହେଲା:

ଘରଗୁଡିକୁ ପରୀକ୍ଷା କରି ନିଅନ୍ତୁ । ଫାଙ୍କ ଧରିଥିବା ଟାଇଲଗୁଡିକୁ ସିମେଣ୍ଟରେ ଯୋଡି ନିଅନ୍ତୁ ଓ ଆବଶ୍ୟକ ସ୍ଥଳେ ଝରକା କବାଟ ମରାମତି କରି ନିଅନ୍ତୁ ।

ଘରସନ୍ନିକଟ ଅଞ୍ଚଳକୁ ଯାଞ୍ଚ କରି ନିଅନ୍ତୁ । ଶୁଖିଲା ଓ ମଲା ଗଛଗୁଡିକୁ କାଟି ଦିଅନ୍ତୁ । ଅଳିଆଗଦା, ଖୋଲଟିଣ, ଖଣ୍ଡିଆଇଟା ଓ ନାମଫଳକ ସାଇନ୍‌ବୋର୍ଡ ପ୍ରଭୃତି ସ୍ଥାନ ଗୁଡିକୁ ଯତ୍ନର ସହିତ ଘୋଡ଼ାଇ ରଖନ୍ତୁ ।

କାଚ ଝରକାକୁ ଘୋଡାଇ ରଖିବା ପାଇଁ କେତେକ କାଠ ଫଳକ ସର୍ବଦା ପ୍ରସ୍ତୁତ କରି ରଖନ୍ତୁ ।

କିରାସିନିଭରା ଲଣ୍ଠନ ଓ ଟର୍ଚ୍ଚଲାଇଟ୍ ତଥା ବ୍ୟାଟେରୀ ପ୍ରଭୃତି ଯୋଗାଡ କରି ରଖନ୍ତୁ ।

ଭଙ୍ଗା ଘରଗୁଡିକୁ ତୁରନ୍ତ ଭାଙ୍ଗି ଦିଅନ୍ତୁ । ଆପଣଙ୍କ ରେଡିଓ ଠିକ୍ ଅବସ୍ଥାରେ ନୂଆବ୍ୟାଟେରୀ ସହ ପାଖରେ ରଖନ୍ତୁ ।

## ବାତ୍ୟା ଆସିବାର ସତର୍କତା ସୂଚନା ପାଇବା ପରେ କେଉଁ ସବୁ ପଦକ୍ଷେପ ନେବାକୁ ହେବ ?

୧ । ଆପଣଙ୍କ ରେଡିଓରୁ ଆକାଶବାଣୀ କଟକ, ସମ୍ବଲପୁର ଅଥବା ଜୟପୁର କେନ୍ଦ୍ରରୁ ପ୍ରସାରିତ ପାଣିପାଗ ସମ୍ପର୍କୀୟ ଘୋଷଣା ତଥା ପରାମର୍ଶ ଶୁଣନ୍ତୁ ଓ ଅନ୍ୟମାନଙ୍କୁ ଜଣାଇ ଦିଅନ୍ତୁ । ଦିନବେଳା ୨ଟା ୧୦ରେ ପାଣିପାଗ ବୁଲେଟିନ୍ ଶୁଣିବାକୁ ଅଭ୍ୟାସ କରନ୍ତୁ ।

୨ । ଗୁଜବ ଦ୍ୱାରା ପ୍ରଭାବିତ ହୁଅନ୍ତୁ ନାହିଁ । ରେଡିଓ ମାଧ୍ୟମରେ ସଠିକ ପ୍ରସାରିତ ସରକାରୀ ସମ୍ବାଦ ଶୁଣନ୍ତୁ ଓ ଅନ୍ୟମାନଙ୍କୁ ଜଣାନ୍ତୁ ।

୩ । ସମୁଦ୍ରତଟବର୍ତ୍ତୀ ସ୍ଥାନ କିମ୍ବା ଅନ୍ୟାନ୍ୟ ନିମ୍ନସ୍ଥାନରେ ଅବସ୍ଥିତ ଲୋକ ବସତି ପ୍ରତି ସମୁଦ୍ରର ପ୍ରବଳ ଜୁଆର ଓ ଝଡ଼ ତୋଫାନର ବିପଦ ରହିଥିବା ଯୋଗୁଁ ସେସବୁ ସ୍ଥାନ ପରିତ୍ୟାଗ କରିବା ଶ୍ରେୟସ୍କର । ନିଜ ଘର ଛାଡି ଉଚ୍ଚ ସ୍ଥାନକୁ ପଳାଇ ଯିବାର ବାଟ ପାଣି ଘେର ମଧ୍ୟରେ ପଡିବାର ବହୁ ପୂର୍ବରୁ ଉଚ୍ଚସ୍ଥାନକୁ ଉଠି ଆସନ୍ତୁ । ବିଳମ୍ବ କରି ପାଣି ଘେର ମଧ୍ୟରେ ପଡିବାର ବିପଦ ବରଣ କରନ୍ତୁ ନାହିଁ ।

୪ । ଯଦି ଆପଣଙ୍କ ଘର ପ୍ରତି ସମୁଦ୍ରର ଉଚ୍ଚ ଜୁଆର ଏବଂ ନଦୀ ବଢିର କୌଣସି ଭୟ ନାହିଁ ଏବଂ ଏହା ସୁଦୃଢ଼ଭାବେ ନିର୍ମାଣ କରାଯାଇଛି ତାହାହେଲେ ଝଡତୋଫାନରୁ ବର୍ତ୍ତିଯିବା ପାଇଁ ସମ୍ଭବତଃ ଏହା ସବୁଠାରୁ ଭଲ ସ୍ଥାନ । ଯାହା ହେଉ ପଛକେ, ଯଦି ଆପଣଙ୍କୁ ଉକ୍ତ ସ୍ଥାନ ପରିତ୍ୟାଗ କରିବାକୁ କୁହାଯାଏ ତାହାହେଲେ ଅନୁଗ୍ରହ କରି ଅବିଳମ୍ବେ ତାହା କରନ୍ତୁ ।

୫ । ପ୍ରବଳବର୍ଷା ହେତୁ ନାଳ କିମ୍ବା ନଦୀରେ ବନ୍ୟା ହୋଇ ଯେଉଁ ଅଞ୍ଚଳରେ ଅଧିକ ପାଣି ଜମା ହୋଇ ରହିବାର ସମ୍ଭାବନା ରହିଛି ସେହିଠାରେ ସତର୍କତା ଅବଲମ୍ବନ କରନ୍ତୁ ।

୬ । ଝରକାମାନଙ୍କରେ ଲାଗିଥିବା କାଚକୁ କାଠପଟା ଦ୍ୱାରା ଆଚ୍ଛାଦିତ କରନ୍ତୁ କିମ୍ବା କାଠପଟା ଦ୍ୱାରା ଝରକା ଗୁଡିକୁ ଦୃଢ଼ଭାବରେ ଆବଦ୍ଧ କରନ୍ତୁ । ବାହାର ପାଖରେ ଥିବା ଦ୍ୱାରଗୁଡିକୁ ଅବଲମ୍ବନ ସ୍ୱରୂପ ଧରି ରଖିବା ପାଇଁ ଉପଯୁକ୍ତ ଧାରଣା ଦିଅନ୍ତୁ ।

୭ । ଆପଣଙ୍କ ପାଖରେ କାଠପଟା ନ ଥିଲେ ଝରକା କାଚଗୁଡିକରେ ଅଳ୍ପ ମୋଟା କାଗଜ ମଡାଇ ଦିଅନ୍ତୁ ଯେପରି ପାଣି ଛିଟିକା ଘରଭିତରକୁ ଆସି ପାରିବ ନାହିଁ ।

୮ । ହାତରେ ଅଧିକା ଖାଦ୍ୟ ରଖନ୍ତୁ; ବିଶେଷ କରି ଏପରି ଜିନିଷ ରଖନ୍ତୁ ଯାହାକି ବିନା ରୋଷେଇ କିମ୍ବା ଅଳ୍ପ ପ୍ରସ୍ତୁତିରେ ଖିଆ ଯାଇ ପାରିବ । ଉପଯୁକ୍ତ ଘୋଡ଼ଣିଥିବା ପାତ୍ରରେ ଅଧିକ ପାନୀୟଜଳ ଜମାକରି ରଖନ୍ତୁ !

୯ । ଯେଉଁ ଅଞ୍ଚଳରୁ ଲୋକମାନଙ୍କୁ ସ୍ଥାନାନ୍ତରିତ କରାଯାଉଥିବ ସେପରି ଏକ ଅଞ୍ଚଳରେ ଆପଣ ଯଦି ଥାଆନ୍ତି ତାହାହେଲେ ଆପଣଙ୍କର ମୂଲ୍ୟବାନ ଦ୍ରବ୍ୟଗୁଡିକୁ ଉପରମହଲକୁ ବୋହି ନିଅନ୍ତୁ । ଏହା ଫଳରେ ବନ୍ୟାଜନିତ କ୍ଷତି କେତେକ ପରିମାଣରେ ହ୍ରାସ କରାଯାଇ ପାରିବ ।

୧୦ । ଲଣ୍ଠନବତୀ, ଟର୍ଚ୍ଚ ଆଲୁଅ ଓ ଜରୁରୀ ସମୟ ପାଇଁ ଅନ୍ୟାନ୍ୟ ଆଲୁଅ କାର୍ଯ୍ୟକାରୀ ହେବା ଅବସ୍ଥାରେ ନିଜପାଖରେ ସାଇତି ରଖନ୍ତୁ ।

୧୧ । ବାତ୍ୟା ସମୟରେ ଯେଉଁ ସବୁ ଜିନିଷ ପବନରେ ଉଡ଼ିଯିବାର କିମ୍ବା ଭୁସୁଡ଼ା ହୋଇଯିବାର ଆଶଙ୍କା ରହିଛି ସେପରି ଜିନିଷସବୁ ଯାଞ୍ଚ କରି ନିଅନ୍ତୁ । କିରାସିନି ଟିଣ ଓ ଖୋଲା ପାତ୍ର, କୃଷିଉପକରଣ, ବଗିଚା ଉପକରଣ, ସଂସ୍ଥା ସଙ୍କେତ ଫଳକ ଓ ଅନ୍ୟାନ୍ୟ ପଦାର୍ଥଗୁଡ଼ିକ ପ୍ରବଳ ଝଡ ତୋଫାନ ସମୟରେ ଧ୍ୱଂସକାରୀ ଅସ୍ତ୍ରରୂପେ କାର୍ଯ୍ୟ କରିଥାଆନ୍ତି । ଏଣୁ ସେ ଗୁଡ଼ିକୁ ଗୋଟିଏ ଆବଦ୍ଧ କୋଠରୀରେ ଜମା କରି ରଖନ୍ତୁ ।

୧୨ । ପବନ ଯେଉଁ ଦିଗରୁ ବହୁଛି ତା'ର ବିପରୀତ ଦିଗରେ ଥିବା ଝରକା ଓ କବାଟ ଯେପରି ଖୋଲି ନ ଯାଏ ସେଥିପ୍ରତି ସତର୍କ ରହନ୍ତୁ ।

୧୩ । ଶିଶୁ ଓ ବୟସ୍କ ବ୍ୟକ୍ତିମାନଙ୍କ ପାଇଁ ବିଶେଷ ଖାଦ୍ୟପେୟର ଆବଶ୍ୟକତା ରହିଛି ତହିଁରେ ବ୍ୟବସ୍ଥା କରି ନିଅନ୍ତୁ ।

୧୪ । ଗୋରୁଗାଈଙ୍କୁ ଯଥାସମ୍ଭବ ନିରାପଦ ସ୍ଥାନକୁ ପଠାଇ ଦିଅନ୍ତୁ ।

୧୫ । ଯଦି ବାତ୍ୟାର ଗତି ସିଧାସଳଖ ଭାବେ ଆପଣଙ୍କ ବାସସ୍ଥାନ ଦେଇ ଅତିକ୍ରମ କରେ ତାହାହେଲେ ବର୍ଷା ଓ ଝଡ ତୋଫାନର ବେଗ ଅଧଘଣ୍ଟାଏ କିମ୍ବା ଅଧିକ ସମୟ ପାଇଁ ଧିମେଇ ଯାଇପାରେ । ସେହି ସମୟ ମଧ୍ୟରେ କୌଣସି ଏକ ନିରାପଦ ସ୍ଥାନରେ ରହନ୍ତୁ । ଆବଶ୍ୟକ ସ୍ଥଳେ ଝଡ ତୋଫାନ ଧିମେଇ ଯାଇଥିବା ସମୟରେ ଜରୁରୀ ମରାମତି କାମ କରି ନିଅନ୍ତୁ । କିନ୍ତୁ ମନେ ରଖନ୍ତୁ ବିପରୀତ ଦିଗରୁ ହଠାତ୍ ପ୍ରବଳ ପବନ ଫେରି ଆସିପାରେ ଏବଂ ସମୟେ ସମୟେ ବେଳକୁ ବେଳ ଅଧିକ ବେଗରେ ଝଡ ତୋଫାନ ହୋଇପାରେ ।

୧୬ । ଆପଣ ଧୀର ସ୍ଥିର ରହନ୍ତୁ । ଜରୁରୀ ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ଆପଣଙ୍କର ସାମର୍ଥ୍ୟ ଓ ଦକ୍ଷତା ଅନ୍ୟମାନଙ୍କୁ ପ୍ରେରଣା ଓ ଉତ୍ସାହ ଦେବ ।

## ସ୍ଥାନ ପରିତ୍ୟାଗ କରିବା ନିମନ୍ତେ ଯେତେବେଳେ କର୍ତ୍ତୃପକ୍ଷ ପରାମର୍ଶ ଦେବେ ସେହିସମୟରେ ଆପଣଙ୍କର କର୍ତ୍ତବ୍ୟ

ଆପଣଙ୍କ ପାଇଁ ନିର୍ଦ୍ଦିଷ୍ଟ ହୋଇଥିବା ଉପଯୁକ୍ତ ଆଶ୍ରୟସ୍ଥଳକୁ ତୁରନ୍ତ ଯାଆନ୍ତୁ ।

ଧନ ସମ୍ପତ୍ତି ପାଇଁ ବ୍ୟସ୍ତ ନ ହୋଇ ନିଜ ଜୀବନ ରକ୍ଷା କରନ୍ତୁ ।

ଆଶ୍ରୟସ୍ଥଳିର ଦାୟିତ୍ୱରେ ଥିବା କର୍ମଚାରୀଙ୍କ ନିର୍ଦ୍ଦେଶ ପାଳନ କରନ୍ତୁ ।

ଆଶ୍ରୟସ୍ଥଳି ଛାଡି ଚାଲିଯିବାକୁ କୌଣସି ସମ୍ବାଦ ନ ମିଳିବା ପର୍ଯ୍ୟନ୍ତ ଧୀରସ୍ଥିର ରହନ୍ତୁ ।

ତୁରନ୍ତ ପରାମର୍ଶ ଗ୍ରହଣ କରି ଚଳିଲେ ନିଜ ପ୍ରତି ବିପଦର ଆଶଙ୍କା ହ୍ରାସ ପାଏ ।

## ବାତ୍ୟା ପରବର୍ତ୍ତୀ ବ୍ୟବସ୍ଥା

୧ । ନିକଟବର୍ତ୍ତୀ ହାସପାତାଳରୁ ତୁରନ୍ତ ରୋଗ ପ୍ରତିଷେଧକ ଇଞ୍ଜେକସନ୍ ନେବା ବା ଔଷଧ ଖାଇବା ଉଚିତ । ଯେଉଁମାନେ ଆହତ କିମ୍ବା ପୀଡ଼ିତ ସେମାନଙ୍କ ପାଇଁ ଯଥାଶୀଘ୍ର ଡାକ୍ତରୀ ଚିକିତ୍ସାର ବ୍ୟବସ୍ଥା କରିବା ବା ହାସପାତାଳକୁ ନେଇଯିବା ଆବଶ୍ୟକ ।

୨ । ବିଜୁଳୀବତୀଖୁଣ୍ଟ ବା ଓହଳି ପଡ଼ିଥିବା ତାର ପ୍ରତି ବିଶେଷ ସଜାଗ ରହିବା ଆବଶ୍ୟକ ।

୩ । ସାହାଯ୍ୟ ନିମନ୍ତେ ଯେଉଁ ଲୋକମାନଙ୍କର ଆବଶ୍ୟକତା ନାହିଁ ସେମାନଙ୍କୁ ବାତ୍ୟା ଅଞ୍ଚଳରୁ ଦୂରରେ ରହିବାକୁ ବାଧ୍ୟ କରନ୍ତୁ ।

୪ । ଅସାମାଜିକ ବ୍ୟକ୍ତିମାନଙ୍କୁ ଅନିଷ୍ଟକର କାର୍ଯ୍ୟରୁ ନିବୃତ୍ତ କରାଯିବା ସଙ୍ଗେ ସଙ୍ଗେ ତତ୍ ସମ୍ପର୍କୀୟ ଘଟଣା ସ୍ଥାନୀୟ ପୁଲିସ ଅଥବା ରେଭିନ୍ୟୁ ଅଫିସରମାନଙ୍କୁ ଜଣାଇ ଦିଅନ୍ତୁ ।

୫ । ମୋଟରକାର, ଲରୀ, ଶଗଡ ପ୍ରଭୃତିକୁ ଅତ୍ୟନ୍ତ ସାବଧାନତାର ସହ ବ୍ୟବହାର କରନ୍ତୁ ।

୬ । ଗୃହ ଓ ଆସବାବପତ୍ରଗୁଡ଼ିକୁ ଧ୍ୱଂସାବଶେଷ ମଧ୍ୟରୁ ବାହାର କରି ନିଅନ୍ତୁ ।

୭ । କ୍ଷୟକ୍ଷତିର ପରିମାଣ ସଂଗ୍ରହ କରୁଥିବା ସରକାରୀ କର୍ମଚାରୀଙ୍କୁ ସଠିକ ଜଣାଇ ଦେବା ଆବଶ୍ୟକ । ମନେ ରଖନ୍ତୁ କ୍ଷୟକ୍ଷତିର ଅତିରଞ୍ଜିତ ହିସାବ ଦେବା ମଧ୍ୟ ଏକ ଅସାମାଜିକ କାର୍ଯ୍ୟ ।

୮ । ସ୍ୱାସ୍ଥ୍ୟ ବିଭାଗ ତରଫରୁ ଉଭୟ ସରକାରୀ ତଥା ବେସରକାରୀ କୂପ ତଥା ଅନ୍ୟାନ୍ୟ ପାନୀୟ ଜଳାଶୟଗୁଡ଼ିକର ବିଶୋଧନ କରାଯିବା ବାଞ୍ଛନୀୟ ।

ଏତଦ୍‌ବ୍ୟତୀତ ସରକାରଙ୍କ ତରଫରୁ ଆବଶ୍ୟକ ଉଦ୍ଧାର ଓ ରିଲିଫ ବ୍ୟବସ୍ଥା କରାଯାଏ

ପ୍ରାକୃତିକ ବିପର୍ଯ୍ୟୟ ବିଭାଗ,
ଜିଲା ଇମରଜେନ୍ସି ଅଫିସର
କଲେକ୍ଟରେଟ, କଟକ

# ଜିଲ୍ଲା ପରିକ୍ରମା

## ସମନ୍ୱିତ ଗ୍ରାମ୍ୟ ଉନ୍ନୟନ ଯୋଜନା

ଶ୍ରୀ ଆନନ୍ଦ ଚନ୍ଦ୍ର ପରଡ଼ା

ଭାରତ ଏକ ଗ୍ରାମ ବହୁଳ ଦେଶ । ସମୁଦାୟ ଜନ ସଂଖ୍ୟାର ଶତକଡ଼ା ଅଶିଭାଗ ଗ୍ରାମରେ ବାସ କରନ୍ତି । ତେଣୁ ଏହି ଶତକଡ଼ା ଅଶିଭାଗ ଲୋକଙ୍କର ଉନ୍ନତି ଦେଶର ଉନ୍ନତି ବୋଲି ବିବେଚିତ ହେବ । ଗ୍ରାମବାସୀଙ୍କର ଆର୍ଥିକସ୍ତର, ଶାରୀରିକ ଓ ମାନସିକ ପାରଙ୍ଗମତା, ବୁଦ୍ଧି ଓ କୌଶଳ ବ୍ୟକ୍ତି ବିଶେଷରେ ଭିନ୍ନ ଭିନ୍ନ । ସେମାନଙ୍କର ଆବଶ୍ୟକତା ଓ ଉପଯୋଗିତା ପାଇଁ ପୃଥକ୍ ପୃଥକ୍ ପନ୍ଥା ସ୍ଥିର କରିବା ଉଚିତ । ସେଥିପାଇଁ ମହାତ୍ମାଗାନ୍ଧୀ ଓ ସନ୍ଥ ବିନୋବା ଗ୍ରାମର ଥିଲାବାଲା ଓ ନଥିଲା ବାଲାଙ୍କ ମଧ୍ୟରେ ସମନ୍ୱୟ ସୃଷ୍ଟିକରି ଏକ ବଳିଷ୍ଠ ସମାଜର କଳ୍ପନା କରିଛନ୍ତି ।

ଜଣେ ଭାରତୀୟ ଗ୍ରାମବାସୀ ବା ଗୃହସ୍ଥକୁ ମୁଖ୍ୟତଃ କୃଷକ ବୋଲି ଧରାଯାଇଥାଏ । ସେଇ କୃଷକ ବା ଚାଷୀର ଆବଶ୍ୟକତାକୁ ବିଚାର କଲେ ଜଣାଯାଏ ଯେ, ତାର ଖାଦ୍ୟ ଲୋଡ଼ା ତେଣୁ ସେ ଚାଷ କରେ ; ତାର ଚାଷପାଇଁ ହଳ ବଳଦ ଆବଶ୍ୟକ । ତେଣୁ ସେ ଗୋପାଳନ କରେ ; ତାର ଘର ଦରକାର ତେଣୁ ସେ ନିର୍ମାଣ କରେ, ତାର ଭଲମନ୍ଦ ବୁଝିବାର ଜ୍ଞାନ ଦରକାର, ତେଣୁ ସେ ପାଠ ପଢ଼େ ଏବଂ ସର୍ବୋପରି ଶରୀର ରକ୍ଷା ଓ ସ୍ୱାସ୍ଥ୍ୟ ପାଇଁ ଚିକିତ୍ସା ଓ ପୁଷ୍ଟିକର ଖାଦ୍ୟ ବ୍ୟବସ୍ଥା କରେ ।

ଏପର୍ଯ୍ୟନ୍ତ ଗ୍ରାମବାସୀଙ୍କର ଉନ୍ନତି ପାଇଁ ଯେତେ ପ୍ରକାର ଯୋଜନା କାର୍ଯ୍ୟକାରୀ ହୋଇଛି ତାଫଳରେ ଯେ କେତେକ ଉପକୃତ ନ ହୋଇଛନ୍ତି ତା ନୁହେଁ, କିନ୍ତୁ ବେଶିଭାଗ ଲୋକଙ୍କର ଉନ୍ନତି ହୋଇନାହିଁ । ଏହାର କାରଣ ହେଲା ଦାରିଦ୍ର୍ୟ ଅବସ୍ଥା । ଶିଳ୍ପ ଓ ଉନ୍ନତ ଚାଷ ପ୍ରଣାଳୀ ପ୍ରତି ଗ୍ରାମର ଚାଷୀମାନଙ୍କ ମନରେ ଆଗ୍ରହ ପ୍ରକାଶ ପାଇଥିଲେ ହେଁ ବହୁ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରୁଛି । ଏଣୁ ସମସ୍ତେ କାର୍ଯ୍ୟରେ ଲାଗିପାରିବା ଭଳି ଏକ ଯୋଜନା କାର୍ଯ୍ୟକାରୀ ହେବା ଦରକାର ।

ଜମିର ମାଲିକାନା ବିଷୟ ବିଚାର କରାଯାଉ । ବ୍ୟକ୍ତି ବିଶେଷର ଜମି ଉପରେ ମାଲିକାନା ଉଚ୍ଛେଦ ନକରି ସେଇ ଜମିକୁ ଅଧିକ ଉତ୍ପାଦନ ପାଇଁ ବ୍ୟବହାର କରାଯାଇ ପାରିବ । ଜମି ମାଲିକର ଜମିର ମୂଲ୍ୟ ମାନଦର ଅନୁସାରେ ନିରୂପଣ କରି ସେଇ ମୂଲ୍ୟକୁ ଜମି ମାଲିକର ସମ୍ବଳ ପ୍ରସୁତି ( Investment of Capital ) ବୋଲି ଧରି ଗ୍ରାମ ସଭା ତାହାର ପ୍ରାପ୍ୟ ସୁଧ ବ୍ୟବସାୟିକ ଭିତ୍ତିରେ ସ୍ଥିର କରି ପାରିବେ ।

ପ୍ରକୃତରେ ଯେଉଁମାନେ ଚାଷୀ ବା ପ୍ରତ୍ୟକ୍ଷରେ ବା ନିଜକୁ ଚାଷ କାମରେ ଲଗାନ୍ତି ଉପରୋକ୍ତ ଜମି ଚାଷ କରିବାର ଅଧିକାର ସେମାନଙ୍କୁ ଦିଆଯିବ । ବୈଷୟିକ କର୍ମଚାରୀ-ମାନେ ଆବଶ୍ୟକ ଅନୁସାରେ ଚାଷୀକୁ ଉତ୍ପାଦନରେ ସାହାଯ୍ୟ କରିବେ ଏବଂ ସେମାନେ ଗ୍ରାମସଭା ଜରିଆରେ ଏହି ସରକାରୀ ଦାୟିତ୍ୱ ବହନ କରିବେ ।

ଗ୍ରାମର ସମସ୍ତ ଚାଷ ଜମିକୁ ଆବାଦ କରିବା ଦାୟିତ୍ୱ ଗ୍ରାମ କମିଟି ବା ଗ୍ରାମସଭା ନେବ । ଜମିଥିବା ଓ ଜମି ନଥିବା ଉଭୟ ପ୍ରକାରର ଚାଷୀଙ୍କୁ ନେଇ ଗ୍ରାମ ସଭା ଗୋଟିଏ ଚାଷୀ ସହଯୋଗ ସମିତି ଗଠନ କରି ଚାଷକାର୍ଯ୍ୟ ନିର୍ବାହ କରି ପାରିବେ । ନିୟମାନୁସାରେ ଏହି ସମିତି ରେଜିଷ୍ଟ୍ରିଭୁକ୍ତ ହୋଇପାରିବ ଏବଂ ବ୍ୟବସାୟିକ ବ୍ୟାଙ୍କ-ମାନଙ୍କରୁ ଜଳସେଚନ, ଚାଷ ଉପକରଣ, ସାର ଓ ବିହନ ଇତ୍ୟାଦି କିଣିବା ପାଇଁ ଋଣ ନେଇ ଚାଷର ଉନ୍ନତି କରି ପାରିବେ । ସମସ୍ତେ ଉପାର୍ଜ୍ଜନ ପାଇଁ ନିଜର ପାରଙ୍ଗମତା ଅନୁଯାୟୀ ଚାଷ, କୁଟୀର ଶିଳ୍ପ ଇତ୍ୟାଦି ଭିନ୍ନ ଭିନ୍ନ କାମରେ ଲାଗି ପାରିବେ । ଗ୍ରାମସଭା ଏପ୍ରକାର ଚାଷରେ ଚାଷଲାଗୁଡି ଯାଉ ଅବଶିଷ୍ଟ ଲଭାଂଶ ଗ୍ରାମର ଅକ୍ଷମମାନଙ୍କ ପରିପୋଷଣ, ଗ୍ରାମ୍ୟ ଅନୁଷ୍ଠାନ ଓ ରାସ୍ତାଘାଟ ଇତ୍ୟାଦିର ଉନ୍ନତି ପାଇଁ ଖର୍ଚ୍ଚ କରି ବଳକା ସମ୍ବଳକୁ ଶ୍ରମିକମାନଙ୍କୁ କାର୍ଯ୍ୟ କରିଥିବା

ଦିବସ ଅନୁପାତରେ ବଣ୍ଟନ କରି ପାରିବେ । ଗ୍ରାମର ସମସ୍ତ କାର୍ଯ୍ୟକ୍ଷମ ଲୋକଙ୍କୁ ବର୍ଷସାରା ନିଯୁକ୍ତି ଦେଇ ପାରିବା ଭଳି ଚାଷ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ । ଆଂଶିକ ଜଳସେଚିତ ବା ଅଣଜଳସେଚିତ ଗ୍ରାମରେ ସରକାରଙ୍କ ଦ୍ୱାରା ନିଯୁକ୍ତ ବୈଷୟିକ କର୍ମଚାରୀମାନଙ୍କ ସହାୟତାରେ ଜଳସେଚନ ଯୋଜନା କାର୍ଯ୍ୟକାରୀ କରାଯାଇ ପାରିବ । ମୋଟ ଉପରେ ଗ୍ରାମସଭା, ଖାଦ୍ୟ ଉତ୍ପାଦନ, ବଣ୍ଟନ ଇତ୍ୟାଦି ଗ୍ରାମବାସୀଙ୍କର ସ୍ୱାବଲମ୍ବନତା ପ୍ରତି ଦୃଷ୍ଟିଦେବେ । ଚାଷ କାର୍ଯ୍ୟ ପାଇଁ ଋଣ ଦେବା ନିମନ୍ତେ କେତେଗୁଡ଼ିଏ ଗ୍ରାମରେ ଗ୍ରାମ୍ୟ ବ୍ୟାଙ୍କ ପ୍ରତିଷ୍ଠା କରାଯାଇ ପାରିବ । ଗ୍ରାମବାସୀ ନିଜ ନଜର ଉଦ୍‌ବୃତ୍ତ ଧନ ଏହି ଗ୍ରାମ୍ୟ ବ୍ୟାଙ୍କରେ ରଖିପାରିବେ । ଏହାଛଡ଼ା ଜମିକୁ ଆବଶ୍ୟକତା ଅନୁଯାୟୀ ଭାଙ୍ଗି ସମତଳ କରିବା ଓ ଜମରେ ଜଳସେଚନ ନାଳ ଖୋଳିବା ଇତ୍ୟାଦି କାମ ମଧ୍ୟ ଗ୍ରାମସଭା ହାତକୁ ନେଇ ପାରିବେ । ଏହା କରିବା ଦ୍ୱାରା ଜମିର ମାଲିକାନା ଉପରେ କୌଣସି ଜଟିଳତା ସୃଷ୍ଟି ହେବ ନାହିଁ ।

ସର୍ବୋପରି ଜନ ସଂଖ୍ୟା ନିୟନ୍ତ୍ରଣ, କୃଷି ଉତ୍ପାଦନ, ଗ୍ରାମ୍ୟ ଶିଳ୍ପ ସ୍ଥାପନ ତଥା ସମାଜ କଲ୍ୟାଣ ଅନୁଷ୍ଠାନମାନ ପ୍ରତିଷ୍ଠା କରିବା ଗ୍ରାମ ସଭାର ଦାୟିତ୍ୱ ହେବ ।

ଉପରଲିଖିତ ଯୋଜନା କାର୍ଯ୍ୟକାରୀ ହେବା ପାଇଁ ଗ୍ରାମ ସ୍ତରରେ କେତେକ ଅନୁସନ୍ଧାନ ଆବଶ୍ୟକ ଯଥା ଜନ ସଂଖ୍ୟା, ଗାଈ ଗୋରୁ ସଂଖ୍ୟା ନିର୍ଣ୍ଣୟ ଏବଂ ସେମାନଙ୍କ ଖାଦ୍ୟପେୟ ଆବଶ୍ୟକତା ଓ ତାହା ପୂରଣ ପାଇଁ ଉତ୍ପାଦନ ଯୋଜନା ପ୍ରସ୍ତୁତ କରିବା ଦରକାର ।

ଗ୍ରାମରେ ଥିବା ସମ୍ବଳ ଯଥା ଜମି, ଜନଶକ୍ତି, ଜଳସେଚନ ସୁବିଧା ଏବଂ ବିଭିନ୍ନ ଫସଲ ଉତ୍ପାଦନ ପାଇଁ ତାହାର ବିନିଯୋଗ ଇତ୍ୟାଦି ବିଚାର କରାଯାଇ ଫସଲ ଖସଡ଼ା ପ୍ରସ୍ତୁତ କରାଯିବ । ଏଣୁ ଏ ସଂପର୍କରେ ପୁଙ୍ଖାନୁପୁଙ୍ଖ ତଥ୍ୟ ସଂଗ୍ରହ ଆବଶ୍ୟକ । ଏ ତଥ୍ୟ କୃଷି ସଂପ୍ରସାରଣ କର୍ମୀମାନେ ସଂଗ୍ରହ କରି ଗ୍ରାମର ସମନ୍ୱିତ ଯୋଜନା ପ୍ରସ୍ତୁତ କରି ପାରନ୍ତେ । ପ୍ରଥମେ ଗ୍ରାମର ସମୁଦାୟ ଜମିକୁ ଖାଲ, ମଧ୍ୟମ ଓ ଡିପ କିସମ ଅନୁସାରେ ମୃତ୍ତିକା ପରୀକ୍ଷା କରାଇ କେଉଁ କେଉଁ ଫସଲ ପାଇଁ ସେଗୁଡ଼ିକ ଉପଯୁକ୍ତ ତାହା ସ୍ଥିର କରାଯିବ । ବର୍ତ୍ତମାନ ଚାଷୀ ତାର ଦଖଲରେ ଥିବା ଜମି କୌଣସି ନିର୍ଦ୍ଦିଷ୍ଟ ଫସଲ ପାଇଁ ଉପଯୁକ୍ତ ହେଉ ବା ନହେଉ ବ୍ୟକ୍ତିଗତ ଆବଶ୍ୟକତା ଦୃଷ୍ଟିରୁ ଧାନ ଫସଲ ଚାଷ କରି ବିଶେଷ ଲାଭବାନ ହୋଇ ପାରୁନାହିଁ । ଏହି ଧାରାରେ ଗ୍ରାମର ସମୁଦାୟ ଜମିରେ ଲାଭଜନକ ଭାବରେ ଚାଷ ହୋଇ ପାରୁନାହିଁ । ଗ୍ରାମସଭା ସମୂହ ଭାବରେ ଚାଷର ଦାୟିତ୍ୱ ନେଲେ ଜମିର କିସମ ଅନୁସାରେ ଉପଯୁକ୍ତ ଫସଲ ଉନ୍ନତ ପ୍ରଣାଳୀରେ ଚାଷ କରାଯାଇ ଗ୍ରାମର ମୋଟ ଉତ୍ପାଦନ ବହୁଳାଂଶରେ ବୃଦ୍ଧି କରାଯାଇ ପାରିବ । ଦୃଷ୍ଟାନ୍ତ ସ୍ୱରୂପ ଗ୍ରାମର ଗୋଟିଏ ଅଂଶରେ ବା ଚକରେ ବାଲିଆ ଡିପ ଜମ ରହିଛି ଓ ତାହା ଗ୍ରାମର କେତେଗୁଡ଼ିଏ ଚାଷୀଙ୍କର ସଂପତ୍ତି । ସେମାନେ ନିଜର ଖାଦ୍ୟଶସ୍ୟର ଆବଶ୍ୟକତା ମେଣ୍ଟାଇବା ପାଇଁ ସେଥିରେ ଧାନ ଚାଷ କରୁଛନ୍ତି । ସେ ଜମି ଚିନାବାଦାମ ପାଇଁ ଉପଯୁକ୍ତ । ହୁଏତ ସେହି ଚକରୁ ଉତ୍ପନ୍ନ ଚିନାବାଦାମ ସମସ୍ତ ଗ୍ରାମବାସୀଙ୍କର ତେଲର ଚାହିଦା ମେଣ୍ଟାଇ ପାରିବ । କିନ୍ତୁ ଚାଷୀ ସେଥିରେ ଚିନାବାଦାମ ଚାଷ କରି ପାରୁନାହାନ୍ତି । କାରଣ ସେମାନେ କ'ଣ ଖାଲି ଚିନାବାଦାମ ଖାଇ ଚଳିପାରିବେ ? ସେହିପରି ଖଣ୍ଡିଏ ଜଳସେଚିତ ମଧ୍ୟମ ଜମି ଅଛି । ସେହି ଚକର ଆୟତନ ଗ୍ରାମର ସମୁଦାୟ ଜମିର ବୃହତ୍ତର ଅଂଶ ହେଲେ ମଧ୍ୟ ତାହା ଅନେକଗୁଡ଼ିଏ ଛୋଟ ଚାଷୀଙ୍କର ମାଲିକାନାରେ ଛୋଟ ଛୋଟ ଭାଗରେ ବିଭକ୍ତ । ସେମାନେ ସମ୍ବଳ ଅଭାବରୁ ଉନ୍ନତ ପ୍ରଣାଳୀ ଅନୁସରଣ କରି ଚାଷ କରିପାରୁନାହାନ୍ତି । ଏହି ଜମି ସମୂହ ପ୍ରଚେଷ୍ଟାରେ ଉନ୍ନତ ପ୍ରଣାଳୀରେ ଚାଷ କରାଯାଇ ପାରିବ ଏବଂ ବର୍ତ୍ତମାନ ଉତ୍ପାଦନଠାରୁ ଯଥେଷ୍ଟ ଅଧିକ ଉତ୍ପାଦନ ହୋଇପାରିବ । ହୁଏତ ଏହା ଗ୍ରାମର ସମୁଦାୟ ଖାଦ୍ୟଶସ୍ୟ ଚାହିଦା ମେଣ୍ଟାଇ ପାରିବ ।

ଲୋକ ଶକ୍ତିର ଉପଯୁକ୍ତ ବିନିଯୋଗ ଦ୍ୱାରା କାର୍ଯ୍ୟ କ୍ଷମତା ବଢ଼ାଇବା ସଙ୍ଗେ ସଙ୍ଗେ ଉତ୍ପାଦନ ମଧ୍ୟ ବଢ଼ାଇ ହେବ । ଆମେ ଦେଖୁ ଗାଁରେ ଜଣେ ଜଣେ ଚାଷୀ ନିଜ ଜମି ଖଣ୍ଡିକୁ ଯେନ ତେନ ପ୍ରକାର ଚାଷ କରିବା ସହିତ ସାଇକେଲ ମରାମତି ପରି ଗୋଟିଏ ପାର୍ଶ୍ୱ ଜୀବିକା ଧରିଛନ୍ତି । ଜମିରେ ଖରାତରାରେ ଖଟିବାର ଶାରୀରିକ ଶକ୍ତିନାହିଁ, କିନ୍ତୁ ଜମିକୁ ଆବାଦ ରଖି କିଛିନା କିଛି ଉତ୍ପାଦନ କରି ଗୁଜରାଣ ମେଣ୍ଟାଉଛନ୍ତି । ସେହିପରି ଚାଷ ସହିତ ଲୁଗା ବୁଣିବା, କାଠ ଉପକରଣ ତିଆରି କରିବା, ହାଣ୍ଡି ଗଢ଼ିବା ତଥା କମାର ଶାଳ ଇତ୍ୟାଦି ଏକାଧିକ ଧନ୍ଦା ଧରି କେଉଁଥିରେ ହେଲେ ପାରଙ୍ଗମ ହୋଇ ପାରୁନାହାନ୍ତି । ଏହିପରି ବୈଷୟିକ ଧନ୍ଦା ପାଇଁ ତାଲିମ ତଥା କଞ୍ଚାମାଲର ବ୍ୟବସ୍ଥା କରିପାରିଲେ ସେମାନେ ଗୋଟିଏ ଗୋଟିଏ ଧନ୍ଦାରେ ଦକ୍ଷତା ହାସଲ କରି ଅଧିକ ଉତ୍ପାଦନ ଓ ଉପାର୍ଜ୍ଜନ କରି ପାରିବେ ।


କେତେକଙ୍କର ଗ୍ରାମ୍ୟ ଶିଳ୍ପରେ ମୌଳିକ ଗୁଣ ନାହିଁ । ଅନ୍ୟ ପକ୍ଷରେ ମଧ୍ୟ ଚାଷ କରିବାର ଆଗ୍ରହ ନାହିଁ । ଏପରି ଲୋକଶକ୍ତିର ବିନିଯୋଗ ହୁଏତ ଗୋପାଳନ, କୁକୁଡ଼ା ବା ଛେଳି ମେଣ୍ଢା ପାଳନ କିମ୍ବା ମତ୍ସ୍ୟଚାଷ ପାଇଁ ବିନିଯୋଗ କରାଯାଇ ଗ୍ରାମର ଆବଶ୍ୟକତା ମେଣ୍ଟାଇ ହୁଅନ୍ତା ।

ଗ୍ରାମର ଅତି ଖାଲୁଆ ଜମି ଯେଉଁଥିରେ ଧାନ ଫସଲ ଭଲ ଭାବରେ ହୋଇ ପାରୁନାହିଁ କିମ୍ବା ଅନ୍ୟ ଫସଲ ମଧ୍ୟ ହେବନି, ସେପରି ଜମିକୁ ମତ୍ସ୍ୟଚାଷ ପାଇଁ ଉପଯୋଗ କରି ଗାଁର ପୁଷ୍ଟିକର ଖାଦ୍ୟ ଚାହିଦା ମେଣ୍ଟା ଯାଇ ପାରିବ । ସେହିପରି ଡିପ, ଗଡ଼ାଣିଆ ଓ ଅସମତଳ ଜମିରେ ଖାପଗ ଖାପଗ ସଦର ଫସଲ କରାଯିବାରୁ ଅତି ସ୍ୱଳ୍ପ ଆଦାୟ ମିଳେ ଓ ତାହା ମୃତ୍ତିକା କ୍ଷୟ ବୃଦ୍ଧିରେ ସାହାଯ୍ୟ କରେ । ଏସବୁ ଜମି ଫଳ ବଗିଚାରେ ପରିଣତ ହୋଇପାରନ୍ତା ।

ବର୍ତ୍ତମାନ ଆମ ଦେଶରେ ଗ୍ରାମବାସୀମାନଙ୍କର ଉନ୍ନତି ପାଇଁ ଅନେକଗୁଡ଼ିଏ ଯୋଜନା କାର୍ଯ୍ୟକାରୀ ହେଉଛି ।

ଗଣତନ୍ତ୍ର ରାଷ୍ଟ୍ରରେ ବ୍ୟକ୍ତି ସ୍ୱାଧୀନତା ରହିଛି ଏବଂ ଯୋଜନା ମାଧ୍ୟମରେ ପ୍ରତ୍ୟେକ ବ୍ୟକ୍ତି ବିଶେଷଙ୍କୁ ସାହାଯ୍ୟ ସହଯୋଗ ଓ ଉତ୍ସାହ ଉଦ୍ଦୀପନା ଦିଆଯାଉଛି । ଏ ପ୍ରକାର ଯୋଜନା କାର୍ଯ୍ୟକାରିତାରେ ଯେ ଉନ୍ନତି ନ ହେଉଛି ତା' ନୁହେଁ, କିନ୍ତୁ କେତେକ ମୁଷ୍ଟିମେୟ ଲୋକ ନିଜ ନିଜର ଉନ୍ନତି ପାଇଁ ଚେଷ୍ଟା କରୁଛନ୍ତି ବା ଉନ୍ନତି କରି ପାରୁଥିବାର ଦେଖାଯାଉଛି । ସମାଜର ଅଧିକାଂଶ ଲୋକ ଉପକୃତ ହୋଇ ପାରୁନାହାନ୍ତି । ଏହାର କାରଣ ହେଲା ସେମାନଙ୍କର ସମ୍ବଳ ଅଭାବ ଓ ଜ୍ଞାନର ଅଭାବ । ସମାଜର ଏହି ଅଧିକାଂଶ ଲୋକଙ୍କର ଉନ୍ନତି ନହେଲେ ମୋଟ ଉପରେ ସମାଜର ବା ଦେଶର ଉନ୍ନତି ହୋଇପାରିବ-ନାହିଁ । ଏ କାମ କିପରି ହେବ ଓ କିଏ କରିବ ? ଏ ଦାୟିତ୍ୱ ସମାଜର ନା ସରକାରଙ୍କର । ଯୋଜନାର କାର୍ଯ୍ୟକାରିତାରେ ପରିବର୍ତ୍ତନ କରାଯାଇ ସାମୂହିକ ଭାବରେ ଗ୍ରାମର ଉନ୍ନତି ପାଇଁ ଚେଷ୍ଟା କରାଗଲେ ସମସ୍ତଙ୍କର ଉନ୍ନତି ସମ୍ଭବ । ଗ୍ରାମ ସ୍ତରରେ ବିଭିନ୍ନ ତାଲିମ ଦିଆଯାଇ ବିଭିନ୍ନ ଉତ୍ପାଦନର ଯଥା—କୃଷି, ପଶୁ ଓ କୁକୁଡ଼ା ପାଳନ ଓ ମତ୍ସ୍ୟଚାଷ ତଥା କୁଟୀର ଶିଳ୍ପ ଇତ୍ୟାଦିର ପରିମାଣ ଓ ଗୁଣାତ୍ମକମାନ ବୃଦ୍ଧି କରାଯାଇ ପାରିବ । ଗ୍ରାମସ୍ତରରେ ତାଲିମ ଦେବା ପାଇଁ କୃଷି ବିଭାଗର ସଂପ୍ରସାରଣ ସଂସ୍ଥା କାର୍ଯ୍ୟ କରୁଛି କିନ୍ତୁ ଅନ୍ୟାନ୍ୟ ବୈଷୟିକ ବିଭାଗର ଗ୍ରାମସ୍ତରରେ ତାଲିମ ପାଇଁ କୌଣସି ବ୍ୟବସ୍ଥା ନାହିଁ । ଗ୍ରାମସ୍ତରରେ ଏ ସବୁ ତାଲିମର ସୁଯୋଗ ବ୍ୟବସ୍ଥା କରିବା ସହିତ ଅଧିକ ଜ୍ଞାନ କୌଶଳ ଓ ତାଲିମ ପାଇଁ ସବ୍‌ଡିଭିଜନ ସ୍ତରରେ କୃଷି ସଂପ୍ରସାରଣ ପରି ଅନ୍ୟାନ୍ୟ ବୈଷୟିକ ଜ୍ଞାନ ସଂପ୍ରସାରଣ ସଂସ୍ଥା ରହିଲେ ସମନ୍ୱିତ ଉନ୍ନୟନ ଯୋଜନା କାର୍ଯ୍ୟକାରୀ ହୋଇପାରନ୍ତା ଏବଂ ସମୂହ ଭାବରେ ଗ୍ରାମର ଓ ଦେଶର ଉନ୍ନତି କରାଯାଇ ପାରନ୍ତା ।

କୃଷି ଉପନିର୍ଦ୍ଦେଶକ, ସୁନ୍ଦରଗଡ଼



ପ୍ରତିରକ୍ଷା ବିଭାଗ ରାଷ୍ଟ୍ରମନ୍ତ୍ରୀ ପ୍ରଫେସର ଶେର ସିଂ ଭୁବନେଶ୍ୱରଠାରେ ୧୯୭୯ ମଇ ୩୧ ତାରିଖରେ ଆର୍ଯ୍ୟସମାଜ ପକ୍ଷରୁ ଆୟୋଜିତ ୨ୟ ବାର୍ଷିକ ଉତ୍ସବରେ ଉଦ୍‌ବୋଧନ ଦେଉଛନ୍ତି ।

## ଉତ୍ତରାଞ୍ଚଳ ରାଜସ୍ୱ ଜିଲ୍ଲାମାନଙ୍କରେ ନୂତନ ଜଙ୍ଗଲ ସୃଷ୍ଟି

ନୂତନ ଜଙ୍ଗଲ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ଗ୍ରାମାଞ୍ଚଳର ଦୁର୍ବଳ ଶ୍ରେଣୀ ଲୋକମାନଙ୍କୁ କର୍ମସଂସ୍ଥାନ ଯୋଗାଇବାପାଇଁ ରାଜ୍ୟ ସରକାର ଏକ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି । ତଦନୁଯାୟୀ ଚଳିତ ବର୍ଷ ୩୯ ହଜାର ୧୧୦ ହେକ୍ଟର ଜମିରେ ବୃକ୍ଷରୋପଣ କରାଯିବା ସଙ୍ଗେ ସଙ୍ଗେ ୧ ହଜାର ୧୪୨ କିଲୋମିଟର ରାଜ୍ୟ ତଥା ଜାତୀୟ ରାଜପଥ କଡ଼ରେ ମଧ୍ୟ ବୃକ୍ଷରୋପଣ କାର୍ଯ୍ୟକ୍ରମ କରାଯାଉଛି ।

ଉତ୍ତରାଞ୍ଚଳ ରାଜସ୍ୱ ଜିଲ୍ଲାମାନଙ୍କରେ ଏହି କାର୍ଯ୍ୟକ୍ରମ ଅନୁଯାୟୀ ୧୦ ହଜାର ୫୧ ହେକ୍ଟର ଜମିରେ ନୂତନ ଜଙ୍ଗଲ ସୃଷ୍ଟି କରିବା ସଙ୍ଗେ ସଙ୍ଗେ ୨୯୦ କିଲୋମିଟର ରାଜପଥ କଡ଼ ଜମିରେ ବୃକ୍ଷରୋପଣ କରାଯିବ ।

ତଦନୁଯାୟୀ ବଲାଙ୍ଗୀର ଜିଲାର ୧ ହଜାର ୩୩୦ ହେକ୍ଟର ଓ ୫୦ କିଲୋମିଟର, ଢେଙ୍କାନାଳ ଜିଲାରେ ୧ହଜାର ୭୭୭ ହେକ୍ଟର ଓ ୭୦ କିଲୋମିଟର, କେନ୍ଦୁଝର ଜିଲାରେ ୧ ହଜାର ୮୭୮ ହେକ୍ଟର ଓ ୫୦ କିଲୋମିଟର, ସମ୍ବଲପୁର ଜିଲାରେ ୧ ହଜାର ୭୬୩ ହେକ୍ଟର ଓ ୭୦ କିଲୋମିଟର ଏବଂ ସୁନ୍ଦରଗଡ଼ ଜିଲାରେ ୩ ହଜାର ୩୩୩ ହେକ୍ଟର ଓ ୫୦ କିଲୋମିଟର ଜମିରେ ବୃକ୍ଷରୋପଣ କରାଯାଇ ନୂତନ ଜଙ୍ଗଲ ସୃଷ୍ଟି କରାଯାଉଛି ।



# ଭୁବନେଶ୍ୱରରେ ଜାତୀୟ ସାମ୍ବାଦିକ ୟୁନିଅନର ଅଧିବେଶନ

ଜାତୀୟ ସାମ୍ବାଦିକ ୟୁନିଅନର ଦ୍ୱିବାର୍ଷିକ ଅଧିବେଶନ ୧୯୭୯ ଜୁନ ତା ୨ ଓ ୩ ରିଖ ଦୁଇଦିନ ଧରି ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଥିଲା । ପ୍ରଥମ ଦିନ ଅଧିବେଶନରେ କେନ୍ଦ୍ର ତଥ୍ୟ ଓ ବେତାର ମନ୍ତ୍ରୀ ଶ୍ରୀ ଏଲ. କେ. ଆଡ୍‌ଭାନି ମୁଖ୍ୟ ଅତିଥି ରୂପେ ଯୋଗଦେଇ ସାମ୍ବାଦିକମାନେ ସବୁ ବିଷୟ ଭଲଭାବରେ ଅନୁସନ୍ଧାନ କରି ନିର୍ଭୁଲ ସମ୍ବାଦ ପରିବେଷଣ କରିବାକୁ ପରାମର୍ଶ ଦେଇଥିଲେ ।



ସମ୍ମିଳନୀ ଉଦ୍‌ଘାଟନ କରି ରାଜ୍ୟପାଳ ଶ୍ରୀ ଭଗବତ ଦୟାଳ ଶର୍ମା ସମାଜର ସବୁଠାରୁ ଗରିବ ଲୋକମାନଙ୍କର ସମସ୍ୟା ଏବଂ ଦେଶର ସ୍ୱାର୍ଥକୁ ଦୃଷ୍ଟିରେ ରଖି କର୍ତ୍ତବ୍ୟ ସଂପାଦନ କରିବା ପାଇଁ ସାମ୍ବାଦିକମାନଙ୍କୁ ପରାମର୍ଶ ଦେଇଥିଲେ । ଭାରତ ଭଳି ଦେଶରେ ଯେଉଁଠାରେ କି ଗଣତନ୍ତ୍ରର ଚେର ଗଭୀରକୁ ଯାଇଛି, ସେଠାରେ ସାମ୍ବାଦିକମାନଙ୍କର ଦାୟିତ୍ୱ ଏବଂ ଭୂମିକା ଖୁବ୍ ଅଧିକ ବୋଲି ପ୍ରତିପାଦନ କରି ସମ୍ବାଦ ପରିବେଷଣ କ୍ଷେତ୍ରରେ ସାମ୍ବାଦିକମାନେ ସତ୍ୟ ଏବଂ ନିର୍ଭୁଲ ତଥ୍ୟ ପରିବେଷଣ କରିବା ଉଚିତ୍ ବୋଲି ରାଜ୍ୟପାଳ କହିଥିଲେ । ଆମରସାମାଜିକ ଜୀବନରେ ରହିଥିବା ବ୍ୟାଧିଗୁଡ଼ିକୁ ଜନସାଧାରଣଙ୍କ ଦୃଷ୍ଟିକୁ ଆଣି ତାହା ଦୂର କରିବା ଦିଗରେ ସାମ୍ବାଦିକମାନେ ଜନମତ ସୃଷ୍ଟି କରିବା ଉଚିତ ବୋଲି ରାଜ୍ୟପାଳ ପରାମର୍ଶ ଦେଇଥିଲେ ।



ଜୁନ ୩ ତାରିଖ ପୂର୍ବାହ୍ନରେ ମୁଖ୍ୟମନ୍ତ୍ରୀ ଶ୍ରୀ ନୀଳମଣି ରାଉତରାୟ ଓଡ଼ିଶା ସାମ୍ବାଦିକ ୟୁନିଅନର ନୂତନ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କରିଥିଲେ । ପରେ ଅପରାହ୍ନରେ ମୁଖ୍ୟମନ୍ତ୍ରୀ ଶ୍ରୀ ରାଉତରାୟ ଆଞ୍ଚଳିକ ସମ୍ବାଦପତ୍ରର ଭୂମିକା ଶୀର୍ଷକ ଏକ ଆଲୋଚନାଚକ୍ର ସ୍ଥାନୀୟ ସୂଚନାଭବନଠାରେ ଉଦଘାଟନ କରିଥିଲେ । ଏହି ଆଲୋଚନାଚକ୍ରରେ ଜାତୀୟ ସାମ୍ବାଦିକ ୟୁନିଅନର ସଭାପତି ଶ୍ରୀ ମୀନାକ୍ଷୀ ସୁନ୍ଦରମ୍ ଅଧ୍ୟକ୍ଷତା କରିଥିଲେ । ଆଞ୍ଚଳିକ ସମ୍ବାଦପତ୍ରଗୁଡ଼ିକ ପାଠକ-ମାନଙ୍କ ମଧ୍ୟରେ ଜାତୀୟ ସଚେତନତା ସୃଷ୍ଟି କରିବାକୁ ଉଦ୍ୟମ କରିବା ସଙ୍ଗେ ସଙ୍ଗେ ଜାତୀୟ ସ୍ୱାର୍ଥ ସହ ଯୋଗସୂତ୍ର ରଖି ଆଞ୍ଚଳିକ ସ୍ୱାର୍ଥମାନ ପ୍ରତିପାଳନ କରିବା ଦିଗରେ ବ୍ରତୀ ହେବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ସୂଚନା ଓ ଲୋକସଂପର୍କ ବିଭାଗ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ଅଦ୍ୱୈତ ପ୍ରସାଦ ସିଂହ ଆଲୋଚନାରେ ଅଂଶ ଗ୍ରହଣ କରି କହିଲେ ଯେ ଓଡ଼ିଶାର ଶତକଡ଼ା ୮୦ ଭାଗ ଲୋକ ଗ୍ରାମାଞ୍ଚଳରେ ବାସ କରୁଥିବା ଦୃଷ୍ଟିରୁ ଗ୍ରାମାଞ୍ଚଳ ଲୋକ-ମାନଙ୍କୁ ସଚେତନ ଓ ସକ୍ରିୟ କରିବା ପାଇଁ ଆଞ୍ଚଳିକ ସମ୍ବାଦପତ୍ରର ବହୁ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି ।

ରାଜଧାନୀରେ ଅନୁଷ୍ଠିତ ଏହି ଦୁଇଦିନିଆ ଉତ୍ସବରେ ରାଜ୍ୟ ମନ୍ତ୍ରୀମଣ୍ଡଳର ସଦସ୍ୟ, ଦେଶ ଓ ରାଜ୍ୟର ବହୁ ଅଭିଜ୍ଞ ତଥା ବିଶିଷ୍ଟ ସାମ୍ବାଦିକ ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

(୨୨ ପୃଷ୍ଠାର ଅବଶିଷ୍ଟାଂଶ)

ମରିୟମ୍ଙ୍କ ବାଣୀରେ ଉଦ୍‌ବୁଦ୍ଧ କରିବାକୁ ହେବ । ଯିଏକି ସର୍ବଦା କହୁଥିଲେ–ନାରୀର ପରମ ତୃପ୍ତି ପୁରୁଷର ପ୍ରେମ-ଲାଭ ନୁହେଁ ବରଂ ଭଗବାନଙ୍କୁ ଜନ୍ମଦେବାରେ ରହିଛି ।

ନାରୀ ଜାତି ଭିତରେ ଯଦି ସତ୍‌ଇଚ୍ଛା ଉଦ୍‌ଜୀବିତ କରାଯାଇ ପାରିବ ତେବେ ଶିଶୁମାନଙ୍କ ବ୍ୟକ୍ତିତ୍ୱ ଗଢିବା ପାଇଁ ପୁରୁଷମାନଙ୍କ ଅପେକ୍ଷା ସେମାନେ ଅଧିକ ପରିମାଣରେ ସଫଳ ହୋଇ ପାରିବେ । ସେଥିପାଇଁ ତ ନେପୋଲିୟନ ଫ୍ରାନସର ଉନ୍ନତି ନାରୀମାନଙ୍କ ଦ୍ୱାରା ଅଧିକ ସଫଳ ହୋଇ ପାରିବ ବୋଲି ବିଶ୍ୱାସ କରୁଥିଲେ ଓ ନାରୀ ଚରିତ୍ରକୁ ଉପରକୁ ଉଠାଇବା ପାଇଁ ସର୍ବଦା ଚେଷ୍ଟା କରୁଥିଲେ । ଏପରିକି ୱାଟରଲୁ ଯୁଦ୍ଧର ପୂର୍ବରାତ୍ରିରେ ନେପୋଲିୟନ୍ ନାରୀମାନଙ୍କୁ କିପରି ଉଚ୍ଚ ଚେତନା ଦିଆଯାଇ ପାରିବ ସେଥିପାଇଁ କିଛି ଯୋଜନା ଲିପିବଦ୍ଧ କରୁଥିଲେ । ସେତେବେଳେ ତାଙ୍କର ଜଣେ ବନ୍ଧୁ ତାଙ୍କୁ ପଚାରିଲେ-ସକାଳେ ୱାଟରଲୁ ଯୁଦ୍ଧ, ପୁଣି ରାତିରେ ଆପଣ ନାରୀମାନଙ୍କ ପାଇଁ ବସି ଯୋଜନା କରୁଛନ୍ତି ?

ନେପୋଲିୟନ ସେତେବେଳେ କହିଲେ–"ଫ୍ରାନ୍‌ସର ଉତ୍‌ଥାନ ପାଇଁ ସୁନାଗରିକମାନଙ୍କ ବିକାଶ ଶାସନ ମାଧ୍ୟମରେ କରି ହେବନାହିଁ । ବରଂ ଫ୍ରାନ୍‌ସର ମାତୃଜାତି ହିଁ ତାହା କରି ପାରିବେ ।"

ତେଣୁ ଏ ପାଇଁ ନାରୀ ଜାତିକୁ ସଚେତନ କରିବାର ଦାୟିତ୍ୱ ସମସ୍ତଙ୍କର ରହିଛି । ଆଉମଧ୍ୟ ଆଜି ଦୁନିଆଁର ସବୁଠୁ ବଡ଼ କଥା ହେଉଛି ଆମେ ଶିଶୁମାନଙ୍କ ଭିତରେ ଫୁଟି ଉଠୁଥିବା ବ୍ୟକ୍ତିତ୍ୱର ଯତ୍ନ ନେବାକୁ ଯେପରି କୁଣ୍ଠିତ ନ ହେଉ । ସେମାନଙ୍କୁ କର୍ତ୍ତବ୍ୟ କରିବା କ୍ଷେତ୍ରରେ ଠୋକର ଦେବା ଅପେକ୍ଷା ପ୍ରତ୍ୟେକ ସେମାନଙ୍କ ଭିତରେ ଉନ୍ନତ ରୁଚି ଜଗାଇବା ଉଚିତ । ଥରେ ସେମାନଙ୍କ ଭିତରେ କାର୍ଯ୍ୟ କରିବାର ରୁଚି ସୃଷ୍ଟି ହୋଇଗଲେ ସେମାନେ ନିଜେ ନିଜେ ଆଗକୁ ବଢିବେ । ସେମାନଙ୍କର ବିକାଶ ଦ୍ରୁତ ହୋଇ ପାରିବ ।

ଶେଷରେ ଏତିକି କୁହାଯାଇ ପାରେ ଯେ, ଶିଶୁମାନଙ୍କୁ ଏକ ସମସ୍ୟା ବୋଲି ନଭାବି ଆଗାମୀ ଭବିଷ୍ୟତର ଆଶା ଓ ଭରସାରୂପେ ସେମାନଙ୍କ ଆଡ଼କୁ ଯଦି ଆମେ ଦୃଷ୍ଟିଦେବା ତେବେ ଏ ପୃଥିବୀ ସ୍ୱର୍ଗର ନନ୍ଦନ କାନନ ଭଳି ହସିଉଠିବ ଏବଂ ଆଜିର ଆନ୍ତର୍ଜାତୀୟ ଶିଶୁ ବର୍ଷର ପ୍ରସ୍ତୁତି ସଫଳ ହେବ ।

ବୁର୍ଜା
ମୁର୍ଟାମା, ଉମରକୋଟ
କୋରାପୁଟ–୭୬୪୦୭୩



ଭୁବନେଶ୍ୱରର ପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା



## ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ ଯୋଜନା

ନିର୍ଦ୍ଦିଷ୍ଟ ଗ୍ରାମାଞ୍ଚଳରେ ଫଳପ୍ରଦ କାର୍ଯ୍ୟକ୍ରମ କରିଥାରେ ଲୋକମାନଙ୍କୁ ପୂରା ସମୟ ପାଇଁ କାମଧନ୍ଦା ଯୋଗାଇ ଦେବା ହିଁ ଏହି ନୂତନ 'ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ ଯୋଜନା'ର ଲକ୍ଷ୍ୟ । ମନୋନୀତ ହୋଇଥିବା ବ୍ଲକଗୁଡ଼ିକ ପାଇଁ ସେହି ଅଞ୍ଚଳ ନିମନ୍ତେ ଉପଯୁକ୍ତ ବିବେଚିତ ହେଉଥିବା ପରିକଳ୍ପନା (ସ୍କିମ) ଗୁଡ଼ିକରେ ପୁଞ୍ଜି ଲଗାଣ ସହାୟେ ଅଧିକ ଅର୍ଥ ବଗଦ କରଯାଇ ଏହି ଲକ୍ଷ୍ୟ ହାସଲ ହୋଇ ପାରିବ । ଅଧିକ କାମଧନ୍ଦା ନିମନ୍ତେ ବାତାବରଣ ସୃଷ୍ଟି ହେବା ସଙ୍ଗେ ସଙ୍ଗେ କ୍ଷୁଦ୍ର ତଥା ନାମମାତ୍ର କୃଷୀ, ଯଗ କୃଷୀ, କୃର୍ଷି ଶ୍ରମିକ, ଗ୍ରାମ୍ୟ କାରିଗର ଏବଂ ତଫସିଲଭୁକ୍ତ ଜାତି ସମ୍ପ୍ରଦାୟର ଲୋକମାନଙ୍କ ଆୟ ବୃଦ୍ଧି ଦିଗରେ ସହାୟକ ହେବା ନିମନ୍ତେ ଏହିସବୁ ପରିକଳ୍ପନା ଅଭିପ୍ରେତ ।

ଚିତ୍ରରେ :

ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀ ଏସ୍. ଏମ୍. ଏଚ୍. ବର୍ଣ୍ଣେ ଆଇ. ଆର. ଡି. ପି. ଓ ଅନ୍ତ୍ୟୋଦୟ କାର୍ଯ୍ୟକ୍ରମର ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ୧୯୮୯ ଜୁନ୍ ୨୧ ତାରିଖରେ ଢେଙ୍କାନାଳ ଜିଲ୍ଲା ପରିଦର୍ଶନ କରିଥିଲେ । ଶ୍ରୀ ବର୍ଣ୍ଣେ ଓଡ଼ାପଡ଼ା ବ୍ଲକର ସଦାଶିବପୁର ଗ୍ରାମରେ ସ୍ଥାନୀୟ ଅଧିବାସୀଙ୍କ ସହ ଉଠା-ଜଳସେଚନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଲୋଚନା କରିବା ସଙ୍ଗେ ସଙ୍ଗେ ଆଇ. ଆର. ଡି. ପି. କାର୍ଯ୍ୟକ୍ରମ ଅଧୀନରେ ଗ୍ରାମବାସୀମାନେ ଦୁଧିଆଳୀ ଗାଈ ନେଇ କିପରି ଲାଭବାନ ହୋଇ ପାରୁଛନ୍ତି ସେ ବିଷୟ ମଧ୍ୟ ପଚାରି ବୁଝୁଛନ୍ତି । ମୁଖ୍ୟ ଶାସନ ସଚିବଙ୍କ ଗହଣରେ ଯୋଜନା ଓ ସମନ୍ୱୟ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର ମିଶ୍ର ଓ ଢେଙ୍କାନାଳ ଜିଲ୍ଲାପାଳ ଶ୍ରୀ ଏ. କେ. ଅଲେକ୍ସ ମଧ୍ୟ ରହିଛନ୍ତି ।

